
ମହ୍ଲାର
ଇ- ପତ୍ରିକା
ମହ୍ଲାର
ଡିସେମ୍ବର - ୨୦୨୪
ନବ ଉନ୍ମାଦ
୮ମ ସଂସ୍କରଣ
www.MalharOdia.Com
ଏକ ନୂତନ ଆଶାରେ ପ୍ରାଣ ସଞ୍ଚାର...

# ମହ୍ଲାର

" **ମହ୍ଲାର**" ଏହା ଏକ ସମ୍ପୂର୍ଣ୍ଣ ଓଡ଼ିଆ ପତ୍ରିକା ,
ଓଡିଶା ତଥା ଓଡ଼ିଶା ବାହାରେ ରହୁଥିବା ସମସ୍ତ ଓଡ଼ିଆ ପ୍ରେମୀ ମାନଙ୍କ ନିମନ୍ତେ ଏହା ଇ-ବୁକ/ ପି.ଡି.ଏଫ ଫର୍ମାଟରେ ଉପଲବ୍ଧ ..
ଓଡ଼ିଶାରେ ଏମିତିବି କିଛି ଲେଖକ / ଲେଖିକା ଅଛନ୍ତି , ଯେଉଁମାନଙ୍କ ଇଚ୍ଛାଶକ୍ତି ଅର୍ଥ ଆଗରେ ହାର ମାନୁଛି , ସେମାନଙ୍କ ଇଛା ଶକ୍ତିକୁ ସମ୍ମାନ ଜଣେଇ ଆମେ ସେମାନଙ୍କ ନିକଟରେ ଆମର ଏ ଛୋଟ ପ୍ରୟାଶ "**ମହ୍ଲାର**" କୁ ଭେଟି ଦେଉଛୁ ....

ଏହା ସମ୍ପୂର୍ଣ୍ଣ ମାଗଣା , ଏଥିପାଇଁ ଆପଣଙ୍କୁ କିଛି ବି ଅର୍ଥ ଦେବାକୁ ପଡ଼ିବନି । ପ୍ରତିଥର ଏହାର ଗୁଗଲ-ଫର୍ମ ଟି ଆପଣଙ୍କୁ ପଠେଇ ଦିଆଯିବ.. ସେହି ଫର୍ମାଟ ମାଧମରେ ଆପଣ ଆପଣଙ୍କ ଲେଖାକୁ ଆମ ନିକଟକୁ ପଠାଇ ପାରିବା ସହ ଆପଣଙ୍କ ପ୍ରିୟଜନଙ୍କ ଲେଖାକୁ ମଧ୍ୟ ଆମ ନିକଟକୁ ପଠାଇବାରେ ସହାୟକ ହେବେ ...

ଆମେ ଆପଣଙ୍କ ଲେଖାକୁ ସମସ୍ତ ଓଡ଼ିଆ ପାଠକ /ପାଠିକା ଙ୍କ ନିକଟରେ ବିନା ମୂଲ୍ୟରେ ପହଞ୍ଚାଇ ଆପଣଙ୍କୁ ଜଣେ ଲୋକପ୍ରିୟ ଲେଖକ / ଲେଖିକା ର ସ୍ଥାନ ଦେବା ହିଁ ଆମର ମୁଖ୍ୟ ଉଦ୍ଦେଶ ...

## ଯୋଗାଯୋଗ

Pathargadia, Bhubaneswar, Odisha – 751024
Phone - 7894060666
E-Mail : malharmagazine@gmail.com
Web : Www.MalharOdia.Com



ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୂତୀ ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ

# ମତରେ ...



ପ୍ରିୟ ମହ୍ଲାର,
ତତେ କେବେ ସାଧାରଣ ମାଗାଜିନ୍ ଖଣ୍ଡେ ଭାବିନି । ତେଣୁ ତତେ ମୁ ବର୍ଣ୍ଣନା କରି ପାରିବିନି । ମୋର ପ୍ରଥମ ଲେଖାକୁ ଅତି ଯତ୍ନରେ ନିଜ ପୃଷ୍ଠା ରେ ସ୍ଥାନ ଦେଇଚୁ ବୋଲି ତତେ ଧନ୍ୟବାଦ ବି କରିବିନି । କାହିଁକି ନା ତୁ ମୋର ଅତି ନିଜର ଅତି ପ୍ରିୟ । ତତେ ଛାଡ଼ି ବୋଧେ ମୁଁ ନିଜକୁ ଭାବି ପାରିବିନି । ସମ୍ପାଦକ ମଣ୍ଡଳୀ ର ସଦସ୍ୟ ଭାବରେ ଯେଉଁ ସମ୍ମାନ ପାଇଛି ତା ଶବ୍ଦରେ ବର୍ଣ୍ଣନା କରିବା ଅସମ୍ଭବ । ତୋ ଠୁଁ ମୁଁ ଶିଖିଛି ଛୋଟରୁ ବଡ଼ ହେବା । ହାର ନ ମାନିବା । ଭଗବାନ କରନ୍ତୁ ତୁ ଆହୁରି ଆଗକୁ ଯା । ତତେ ଦେଶ ବିଦେଶ ରେ ବହୁତ୍ ଭଲ ପାଇବା ମିଳୁ...

**କ୍ଷିରାବ୍ଧି ଦାଶ**
**ସହ-ସମ୍ପାଦିକା**
(ମହ୍ଲାର ଇ-ପତ୍ରିକା)



**ଆଦିତ୍ୟ ନାରାୟଣ ପତି**
**ସହ-ସମ୍ପାଦକ**
(ମହ୍ଲାର ଇ-ପତ୍ରିକା)

ଏକ ସୁସ୍ଥ ସମାଜ ପାଇଁ ଯେମିତି ଖାଦ୍ୟପେୟର ଆବଶ୍ୟକତା ଅଛି, ସେମିତି ପୁସ୍ତକର ମଧ୍ୟ ଆବଶ୍ୟକତା ଅଛି । କିଛି ଗଳ୍ପ ସାହିତ୍ୟ ପାଠକକୁ ବେଳେ ବେଳେ ଆନନ୍ଦ ଦିଏ । ଆମେ କିଛି ସମୟ ସତେଜ ଅନୁଭବ କରନ୍ତି ଗଳ୍ପ କି କବିତା ପଢ଼ି ସାରିବା ପରେ । ସେମିତି ଗଳ୍ପ ଏବଂ କବିତା ମାଧ୍ୟମରେ ମହ୍ଲାର ପତ୍ରିକା ସବୁ ବର୍ଗର ଲୋକଙ୍କ ଆଦୃତ ଲାଭ କରିବ ବୋଲି ଆଶା । ସମସ୍ତଙ୍କର ସହଯୋଗ ମହ୍ଲାର ପତ୍ରିକା ଉପରେ ରହିବ ବୋଲି ଆଶା କରୁଛି



ମହ୍ଲାରର ସଂକ୍ଷିପ୍ତ ବର୍ଣ୍ଣନା ଏକ କଠିନତମ ବିଷୟବସ୍ତୁ ମୋ ପାଇଁ । ତଥାପି ଯାହା ମୁଁ ଅନୁଭବ କରିଛି ତାହା ଗୋଟିଏ ଉଦାହରଣ ମାଧ୍ୟମରେ ବ୍ୟକ୍ତ କରୁଛି । କେବେ ଦେଖିଛନ୍ତି ଆପଣ ଅଳିଆ ଆବର୍ଜନା ମଧ୍ୟରେ ପରିତ୍ୟକ୍ତ ହୋଇ ପଡିଥିବା ଗୋଟେ ସଦ୍ୟ ପ୍ରସବିତ ନିରୀହ ପ୍ରାଣ ପିଣ୍ଡଟିଏ ଏବଂ କେବେ ଦେଇଛନ୍ତି ତା'କୁ ଜଳ ଟୋପାଏ । ଦେଖିବେ ନୂତନ ଜୀବନ ପାଇଯାଏ ସେ ଶିଶୁଟି ।
ଠିକ୍ ସେମିତି କିଛି ଲେଖିକା ଓ ଲେଖକମାନଙ୍କ ପାଇଁ ମହ୍ଲାର ସେଇ ଅମୃତ ସ୍ୱରୂପ ଜଳ ଟୋପାଏ । ଲେଖିବା ପାଇଁ ଏକ ପ୍ରେରଣାର ମାଧ୍ୟମ । ଆଉ ଏ ଅମୃତ ସ୍ୱରୂପ ମହ୍ଲାରର ଗୋଟେ ସଦସ୍ୟ ରୂପେ ଥାଇ ମୁଁ ନିଜକୁ ଗୌରବାନ୍ୱିତ ମନେକରେ । ମହ୍ଲାର ପରିବାରର ମୁଖ୍ୟ ପରିଚାଳକ, ସମସ୍ତ କର୍ମକର୍ତ୍ତା ଓ ଲେଖକ ଲେଖିକାମାନଙ୍କୁ ମୋର ହୃଦୟରୁ ସାଦର ଧନ୍ୟବାଦ ।।

**ରଶ୍ମିରଞ୍ଜନ ସାହୁ**
**ଉପଦେଷ୍ଟା**
(ମହ୍ଲାର ଇ-ପତ୍ରିକା)



ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୂତୀ ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/

## ସମ୍ପାଦକୀୟ...



**ଶିଶିର କୁମାର ସାମଲ.**
**ପ୍ରତିଷ୍ଠାତା / ସମ୍ପାଦକ**
**ମହ୍ଲାର ଇ-ପତ୍ରିକା**

ପ୍ରଭୁ ଜଗତର ନାଥ ଜଗନ୍ନାଥ ଙ୍କର ଚରଣାଶ୍ରିତ, ମାତା ଜଗତ ଜନନୀ ମା ତାରିଣୀ ଙ୍କ ଚରଣ ରେ ମୋର ଭକ୍ତି ଭାବ ଓ ସମର୍ପଣ ଭାବ ନେଇ ସାଷ୍ଟାଙ୍ଗ ପ୍ରଣିପାତ ଜଣାଉଅଛି।

ପ୍ରଥମତଃ ମୁଁ ଯାହାଙ୍କ ପଦ୍ମ ପୟରେ ଚିର ଋଣୀ, ଚିର କୃତଜ୍ଞ ଓ ଚିର ନମନ, ମୋର ପିତା.... ଓ ମୋର ମାତାଙ୍କୁ ସହୃଦ ଧନ୍ୟବାଦ ସହ ସାଷ୍ଟାଙ୍ଗ ପ୍ରଣାମ। ସଦ୍ ଦିଗ୍ଦର୍ଶକ ଯାହାଙ୍କ ଆଶୀର୍ବାଦ, ଅସୀମ ସ୍ନେହ- ଶ୍ରଦ୍ଧା ଓ ପ୍ରେରଣା ରେ ପ୍ରେରିତ ହୋଇ ମୁଁ ଆଜି ଏହି ସ୍ଥାନ ରେ ପହଞ୍ଚି ପାରିଛି। ମୋର ମାତୃ ଭାଷା ଓଡ଼ିଆ ଭାଷା ସାହିତ୍ୟ କୁ ପରିମାର୍ଜିତ ଓ ତାର ଉତ୍ଥାନ ନିମନ୍ତେ ମୋ ଦ୍ଵାରା ସଙ୍କଳିତ " **ମହ୍ଲାର ଇ-ପତ୍ରିକା** ", ଏକ ନୂତନ ଆଶାରେ ପ୍ରାଣ-ସଞ୍ଚାର ।

ଏହି କ୍ଷେତ୍ର ରେ ମୁଁ ବଢ଼ାଇ ଥିବା ମୋର ପ୍ରଥମ ପାଦ। ମୋ ପରିବାରର ଆଶୀର୍ବାଦ ଓ ସ୍ନେହ ପୂର୍ଣ୍ଣ ଭଲ ପାଇବା ମୋତେ ନୂତନ ଦିଗରେ ଚାଲିବା କୁ ଶକ୍ତି ଯୋଗାଉଛି। ସେଥିପାଇଁ ମୁଁ ସଦା ତାଙ୍କ ପାଖରେ ଚିର ନମନ ରହିବି।

ଜଗତମାତାଙ୍କର ଚରଣ ରେ ଅଦ୍ୟାବଧି ମୁଁ ଯେଉଁ ଯେଉଁ ଭେଟି ଦେଉଅଛି, ସେଗୁଡିକ ମଧ୍ୟରେ ମୋର ପୁଣ୍ୟ ଓଡିଶା ଭୂମି, ମୋର ମାତୃଭୂମି ଓଡିଶା ର ଭାଷା ଓଡ଼ିଆ ଭାଷା ସାହିତ୍ୟ କୁ ସମୃଦ୍ଧ ଓ ମାର୍ଜିତ କରିବା ସବୁଠାରୁ ଅଧିକ କ୍ରାନ୍ତିକାରୀ ଓ ମହତ୍ତ୍ୱପୂର୍ଣ୍ଣ ମନହେଉଛି। ଏହା ଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ଓ ମୂଲ୍ୟବାନ୍ ଭେଟି ମୁଁ ଯେ ଜଗତରେ ଥୋଇପାରିବି ତାହା ମୋର ପ୍ରତ୍ୟୟ ହେଉ ନାହିଁ।
ଏଥିରେ ରହିଅଛି ମୋର କ୍ଷୁଦ୍ର ଏକ ପ୍ରୟାସ ମୋର କାର୍ଯ୍ୟକ୍ରମ କୁ ପ୍ରୟୋଗାତ୍ମକ କରିବାର ଚାବିକାଠି। ଓଡ଼ିଆ ଭାଷା ସାହିତ୍ୟ ର ସମୃଦ୍ଧି ପାଇଁ ଯେଉଁ ନୂତନ ଏକ ଆକାଂକ୍ଷା ଜାଗ୍ରତ ହୋଇଅଛି। ତାହାକୁ ମୁଁ ସହୃଦ, ପୂର୍ଣ୍ଣ କରିବାର ପ୍ରଚେଷ୍ଟା ଜାରି ରଖିବି। ଏବଂ ସେମାନଙ୍କୁ ଧନ୍ୟବାଦ ସହ ସ୍ନେହ ପୂର୍ଣ୍ଣ ଭଲପାଇବା ଦେବାକୁ ଚାହିଁବି।
ମୋର ପୁସ୍ତକ " ମହ୍ଲାର" ପ୍ରକାଶନ କ୍ଷେତ୍ର ରେ ସଦା ସହଯୋଗ ଓ ତତ୍ପର ଥିବା ସମସ୍ତ କବି ଓ କବୟତ୍ରୀ ମାନଙ୍କୁ ସ୍ପଷ୍ଟ ବ୍ୟକ୍ତ କରିବା ପାଇଁ ଚାହେଁ କି ଆପଣ ମାନଙ୍କ ସହଯୋଗ ବିନା ମୋର ଏହି କ୍ଷୁଦ୍ର ପ୍ରୟାସ ଆଦୌ ସଫଳଯୁକ୍ତ ହେବା ଅସମ୍ଭବ। ଆପଣ ମାନଙ୍କ ସହଯୋଗ ପାଇଁ ମୁଁ ଆପଣ ମାନଙ୍କ ପାଖରେ ସଦା କୃତଜ୍ଞ ରହିବି।

ପରିଶେଷରେ ମୁଁ ଏହା ଆଶା କରୁଅଛି କି "**ମହ୍ଲାର ଇ-ପତ୍ରିକା**" ଟି ପୁସ୍ତକ ଟି ପାଠକୀୟ ମାନଙ୍କର ହୃଦୟ ରେ ସ୍ଥାନ ସୃଷ୍ଟି କରିବା ସହ ଓଡିଶାର ପ୍ରତ୍ୟେକ ଟି କୋଣାନୁକୋଣରେ ପହଞ୍ଚି ପାରୁ...

**......ଧନ୍ୟବାଦ.........**



**ପ୍ରତିଷ୍ଠାତା/ସମ୍ପାଦକ :** *ଶିଶିର କୁମାର ସାମଲ,* **ସହ-ସମ୍ପାଦକ :** *ଆଦିତ୍ୟ ନାରାୟଣ ପତି,* **ସହ-ସମ୍ପାଦିକା :** *କ୍ଷୀରାବ୍ଧି ଦାଶ,* **ମୁଖ୍ୟ-ପରିଚାଳିକା :** *ଶିବଦୂତୀ ପାଣିଗ୍ରାହୀ,* **ଉପଦେଷ୍ଟା :** *ରଶ୍ମି ରଞ୍ଜନ ସାହୁ*
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ନବ ଉନ୍ମାଦ



ଶିଶିର କୁମାର ସାମଲ
( ପ୍ରତିଷ୍ଠାତା / ସମ୍ପାଦକ )



ଆଦିତ୍ୟ ନାରାୟଣ ପତି
( ସହ-ସମ୍ପାଦକ )



କ୍ଷିରାବ୍ଧି ଦାଶ
( ସହ-ସମ୍ପାଦିକା )



ଶିବଦୂତୀ ପାଣିଗ୍ରାହୀ
( ମୁଖ୍ୟ-ପରିଚାଳିକା )



ରଶ୍ମିରଞ୍ଜନ ସାହୁ
( ଉପଦେଷ୍ଟା )

👉"ମହ୍ଲାର ଇ-ପତ୍ରିକା" ଦ୍ୱାରା ପ୍ରକାଶିତ ହୋଇଥିବା ସମସ୍ତ ଲେଖା ଲେଖକଙ୍କ ନିଜସ୍ୱ ଲେଖା |

👉ଯଦି ଲେଖାରେ କିଛି ତ୍ରୁଟି କିମ୍ବା ନକଲ ହୋଇଥାଏ ସେଥିପାଇଁ ଆମ ମହ୍ଲାର କର୍ତ୍ତୃପକ୍ଷ ଦାୟୀ ନୁହନ୍ତି , ଲେଖା ପଠାଇଥିବା ଲେଖକ ହିଁ ସମ୍ପୂର୍ଣ୍ଣ ଦାୟୀ ରହିବେ |

**ନମସ୍କାର,**

**ପୁଣିଥରେ ଆମର ଇ-ପତ୍ରିକା "ମହ୍ଲାର" ର ଅଷ୍ଟମ ସଂସ୍କରଣ "ନବ ଉନ୍ମାଦ" କୁ ଆପଣ ମାନଙ୍କୁ ଭେଟିଦେଉଛୁ.**

**ଯାହାକି କିଛି ବିଶେଷ ଓ ଆକର୍ଷଣୀୟ ରୂପରେ | ଆଶାକରୁ ଏହା ଅନେକ ଓଡ଼ିଆ କୁ ଭଲପାଉଥିବା ପାଠକ ଓ ପାଠିକାଙ୍କ ହୃଦୟକୁ ନିଶ୍ଚିତ ରୂପେ ଛୁଇଁବ |**

**ଏହି ସଂସ୍କରଣରେ ମୋଟ ୭୧ଟି ଲେଖା ସ୍ଥାନ ପାଇଛି | ସେଥି ମଧ୍ୟରୁ ୭ଟି ଗଳ୍ପ ଓ କାହାଣୀ ଏବଂ ୬୪ଟି କବିତା ସଂକଳନ ରହିଛି .**

# ମୁଖ-ବନ୍ଧ....



**ଶିବଦୂତୀ ପାଣିଗ୍ରାହୀ**
**( ମୁଖ୍ୟ-ପରିଚାଳିକା )**

ଓଡ଼ିଆ ଏକ ଭାରତୀୟ ଭାଷା । ମୂଳ ଓଡ଼ିଆ ଭାଷା ପାଲି ଓ ଔଡ୍ରୀ ପ୍ରାକୃତରୁ ସିଧା ସୃଷ୍ଟି ହୋଇଥିବା ଭାଷା ବିଜ୍ଞାନୀମାନେ ପ୍ରମାଣ ଦିଅନ୍ତି, ଏହି ଭାଷା ଭାରତରେ ୨,୫୦୦ ବର୍ଷରୁ ଅଧିକ ବର୍ଷ ଆଗରୁ କୁହାଯାଉଥିଲା କିନ୍ତୁ ଓଡ଼ିଶା ଆଜି ଗରିବ ବୋଲି ସମସ୍ତେ କହୁଛନ୍ତି । ତେବେ ଏହି ସମସ୍ୟାର ସମାଧାନ ପାଇଁ ଧନର ଆବଶ୍ୟକତା ଯେତେ ନାହିଁ, ସେତେ ଅଛି ଜାତୀୟତାର । ଇତିହାସ ମଧ୍ୟ ପ୍ରମାଣ ଦିଏ, ଯେତେବେଳେ ଓଡ଼ିଆ ପୁଅ ଏହି ଜାତୀୟତା ଭାବଠାରୁ ଦୂରେଇ ଯାଇଛି, ସେତେବେଳେ ସେ ଅନ୍ୟର ଦାସ ପାଲଟି ଯାଇଛି । କିନ୍ତୁ ଯେତେବେଳେ ଭାଷା ପ୍ରତି, ଓଡ଼ିଆ ଜାତି ପ୍ରତି ଆନ୍ତରିକତା ଆସୁଛି, ସେତେବେଳେ ସେ ବିଶ୍ୱବିଜୟୀ ହୋଇପାରୁଛି । ଆଲେକଜାଣ୍ଡର, ଚନ୍ଦ୍ରଗୁପ୍ତ ମୌର୍ଯ୍ୟ, ଅଶୋକ, ଖାରବେଳ, ନରସିଂହ, କପିଳେନ୍ଦ୍ର, ମଧୁସୂଦନଙ୍କ ସମୟ ଏହାର ଗୋଟିଏ ଗୋଟିଏ ବିରାଟ ଦୃଷ୍ଟାନ୍ତ। ଜାତିପ୍ରୀତି ହିଁ ଗୋଟିଏ ମଣିଷ ଜାତିକୁ ଏକାଠି କରେ, ଲଢ଼ିବାକୁ ଆତ୍ମପ୍ରତ୍ୟୟ ଦିଏ, ବିକଶିତ ହେବାର ବାଟ ଫିଟାଏ। ମାନବ ସଭାରେ ଏକ ଉନ୍ନତ କାଳିର ପରିଚୟ ହେଉଛି ସେହି ଲୋକଙ୍କ ମୁଖରେ ଉଚ୍ଚାରିତ ହେଉଥିବା ଭାଷା। ଆମେ ହିଁ ଚାହିଁଲେ ଆମ ଓଡିଆ ଭାଷାର ପ୍ରଚାର ପ୍ରସାର କରିପାରିବା। ଏହା କେବଳ କୌଣସି ସୀମିତ ବ୍ୟକ୍ତି ବିଶେଷଙ୍କ କାମ ନୁହେଁ , ଏହା ଆମ ସମସ୍ତଙ୍କ କର୍ତ୍ତବ୍ୟ। ଆମେ ସଭିଏଁ ଏକ ପବିତ୍ର ସୂତ୍ରରେ ବନ୍ଧା,ଆମ ଭାଷାର ଉନ୍ନତି ନିମନ୍ତେ ଆମେ ଆମ ସମସ୍ତଙ୍କର କର୍ତ୍ତବ୍ୟକୁ ପାଥେୟ କରି ଆଗେଇ ଯିବାକୁ ହେବ ଯେପରି ଓଡ଼ିଶା ଏବଂ ଓଡ଼ିଆ ଭାଷା ପୃଥିବୀର କୋଣ ଅନୁକୋଣରେ ପହଞ୍ଚିପାରିବ। ଆମ "ମହ୍ଲାର" ପରିବାର ମଧ ଓଡ଼ିଆ ଭାଷା ର ଉନ୍ନତି ନିମନ୍ତେ ଛୋଟ ଛୋଟ ପ୍ରଚେଷ୍ଟା ଜାରି ରଖୁଛି। ଆପଣମାନଙ୍କ ଶ୍ରଦ୍ଧା ଏବଂ ଆଶୀର୍ବାଦ ଆମର ପରିବାର ଉପରେ ସଦାସର୍ବଦା ରହିଥାଉ । ପ୍ରଭୁ ଜଗତର ନାଥ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ଆମ ଓଡିଆ ଭାଷାର ପ୍ରସାର ନିମନ୍ତେ "ମହ୍ଲାର ଇ-ପତ୍ରିକା" ର ପ୍ରୟାସ ଖୁବ ଲୋକପ୍ରିୟ ହେଉ।

*-ଶିବଦୂତୀ ପାଣିଗ୍ରାହୀ*



ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୂତୀ ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ନବ ଉନ୍ମାଦ

# ସୂଚୀ - ପତ୍ର


| | ସ୍ରଷ୍ଟାଙ୍କ ନାମ | ସୃଷ୍ଟିର ନାମ | ବିଭାଗ | ପୃଷ୍ଠା. |
|---|---|---|---|---|
| ୦୧ | ଅରୁଣ କୁମାର ଦାସ | ପରମ କାରୁଣିକ ବାବା ଚନ୍ଦ୍ରଶେଖର | କବିତା | ୦୯ |
| ୦୨ | ସୁମିତ୍ରା ନାୟକ | ନିସ୍ତବ୍ଧ ରାତିର ହୃଦୟ | କବିତା | ୧୦ |
| ୦୩ | ସୌମ୍ୟ ରଞ୍ଜନ ରାୟ | ଗାଆଁ ର ମହକ | କବିତା | ୧୧ |
| ୦୪ | ଅଲିଶା ବି ମହାରଣା | ନମ୍ରତା | କବିତା | ୧୨ |
| ୦୫ | ଶିବଦୂତୀ ପାଣିଗ୍ରାହୀ | ଖୁସିର ସନ୍ଧାନେ ମାନବ | ଗଳ୍ପ ଓ କାହାଣୀ | ୧୩ |
| ୦୬ | ଲୋପାମୁଦ୍ରା ମହାପାତ୍ର | ମୁଁ କଣ ତୁମର | କବିତା | ୧୫ |
| ୦୭ | ସବିତା କବି | ଜଗନ୍ନାଥ | କବିତା | ୧୬ |
| ୦୮ | ଅର୍ଚ୍ଚନା ଜେନା | ନିରାଶା ମନର ଅନ୍ତାକ୍ଷରୀ | କବିତା | ୧୬ |
| ୦୯ | ଜୟନ୍ତ ଦାସ ପ୍ରଫୁଲ୍ଲ | ତୁମ ସ୍ମୃତି କେବେ | କବିତା | ୧୭ |
| ୧୦ | ଜୟଶ୍ରୀ କ୍ରାନ୍ତିପୂରଭି | ସମାଜ | କବିତା | ୧୮ |
| ୧୧ | ତୁଷାରକାନ୍ତ ବଳବନ୍ତରାୟ | ମାଆ ଆସୁଛନ୍ତି | କବିତା | ୧୯ |
| ୧୨ | ତ୍ରିନାଥ ନନ୍ଦୀ | ଟୁପୁର ଟାପର | କବିତା | ୨୦ |
| ୧୩ | ତାରାପ୍ରସାଦ ଜେନା | ପାନ ପତୁରୀ ଭାରି ଚତୁରୀ | କବିତା | ୨୧ |
| ୧୪ | ଆଚାର୍ଯ୍ୟ କ୍ଷିତୀଶ ଜେନା | ବନ୍ଧୁ | କବିତା | ୨୨ |
| ୧୫ | ତୋଷା ରାଣୀ ସାହୁ | ଅନନ୍ୟା | କବିତା | ୨୩ |
| ୧୬ | ଶୁଭଲକ୍ଷ୍ମୀ ରାୟ | ଶେଷ ଶ୍ରାବଣ ର ଚିଠି | ଗଳ୍ପ ଓ କାହାଣୀ | ୨୪ |
| ୧୭ | ବିଶ୍ଵ ରଞ୍ଜନ ସ୍ଵାଇଁ | ଛାଡ଼ି ଗଲ କି କିଛି | କବିତା | ୨୬ |
| ୧୮ | ଦେବ୍ରାଜ୍ ରଣା | ହେ' ମଣିଷ | କବିତା | ୨୭ |
| ୧୯ | ଶ୍ଵେତପଦ୍ମା ବିଶ୍ଵାଳ | ସପନ ର ଉପନ୍ୟାସ | କବିତା | ୨୮ |
| ୨୦ | କୃଷ୍ଣଚନ୍ଦ୍ର ବାରିକ | ଚିଠି ଲେଖା ସରିନି | କବିତା | ୨୯ |
| ୨୧ | ସୁଜିତ କୁମାର ମିଶ୍ର | କବିର କଲମ କହେ ମନ କଥା | କବିତା | ୩୦ |
| ୨୨ | ସୋନାଲୀ ସ୍ଵାଇଁ | ହେ ଆଶୁ ତୁମେ ପୂର୍ଣ୍ଣ ପ୍ରାୟ ସୃଷ୍ଟି | କବିତା | ୩୧ |
| ୨୩ | ସୀମାଞ୍ଚଳ ପଣ୍ଡା | ସରଗ କହୁଛି ଆ' ଲୋ ନଇ | କବିତା | ୩୨ |
| ୨୪ | ଶ୍ଵେତ ସ୍ଵିନୀ ମହାନ୍ତି (ସୋନି) | ମା' ଦଶଭୁଜା | କବିତା | ୩୩ |
| ୨୫ | ହରିଶ୍ଚନ୍ଦ୍ର ବେହେରା | ବେଳାକୁମାରୀ ମୁଁ ବାଲୁକା ଶେଯରେ | କବିତା | ୩୪ |
| ୨୬ | ଶିଶିର କୁମାର ପଣ୍ଡା | ବୁଲିବି ବୋଉର କାଖରେ | କବିତା | ୩୫ |
| ୨୭ | ବେଣୁଧର ସୂତାର | ପ୍ରତୀକ୍ଷାର ପ୍ରତିଧ୍ଵନି | କବିତା | ୩୬ |
| ୨୮ | ରାଜେଶ୍ କୁମାର ସାହୁ | ଋତୁପର୍ଣ୍ଣା | କବିତା | ୩୭ |
| ୨୯ | ଜୟଶ୍ରୀ ମହାନ୍ତି | ତୁମ ଅପେକ୍ଷାରେ ଆଜି ବି' | କବିତା | ୩୮ |
| ୩୦ | କମଳ ଲୋଚନ ବାଉଳ | ଶୁଭ ଦୀପାବଳୀ | କବିତା | ୩୯ |
| ୩୧ | ନିକୁଞ୍ଜ କୁମାର ଘୋଷ | ମାନବ ସେବା ହିଁ ମାଧବ ସେବା | କବିତା | ୪୦ |
| ୩୨ | ସୁଧୀର ମେହେର | ପିଲା ଦିନ | କବିତା | ୪୧ |




ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୂତୀ ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ନବ ଉନ୍ମାଦ

| | | | | |
|---|---|---|---|---|
| ୩୩ | ଜ୍ୟୋତି ପ୍ରକାଶ ବେହେରା | ଯୁଦ୍ଧ | କବିତା | ୪୨ |
| ୩୪ | ବିସ୍ମୟ ପ୍ରସାଦ ଜେନା | ବିଦାୟ ଦିଅ ଆଗୋ ସଜନୀ | ଗଳ୍ପ ଓ କାହାଣୀ | ୪୩ |
| ୩୫ | ଇତିଶ୍ରୀ ଜାନା | ଶୂନ୍ୟ ମୁହୂର୍ତ୍ତ | ଗଳ୍ପ ଓ କାହାଣୀ | ୪୪ |
| ୩୬ | ବିକ୍ରମାଦିତ୍ୟ ପୁରୋହିତ | ଓଲଟ ବୃକ୍ଷ ତଳ ଛାୟା | କବିତା | ୪୬ |
| ୩୭ | ଅଭିପ୍ସା ଧଳ | ସଂଧ୍ୟା ସୁନ୍ଦରୀ | କବିତା | ୪୭ |
| ୩୮ | ଏଲିନା ମହାପାତ୍ର | ମୋ ବାପା... | କବିତା | ୪୮ |
| ୩୯ | ଚନ୍ଦନା ସାହୁ | ପଣତ କାନି | କବିତା | ୪୯ |
| ୪୦ | ଚିତ୍ରା ରାଣୀ ପାତ୍ର | ଏବେର ପିଲାମାନେ | ଗଳ୍ପ ଓ କାହାଣୀ | ୫୦ |
| ୪୧ | ଦିନେଶ ମେହେର | ପ୍ରେମିକା | କବିତା | ୫୨ |
| ୪୨ | ସସ୍ମିତା ତ୍ରିପାଠୀ | ମିଠା ମିଠା | କବିତା | ୫୩ |
| ୪୩ | ସତ୍ୟକାମ ପରମଗୁରୁ | ଭୋକ ଭୟଙ୍କର | କବିତା | ୫୪ |
| ୪୪ | ଜ୍ୟୋତ୍ସ୍ନା ରାଣୀ ଜେନା | ଏକି' ମହାଭାରତ | କବିତା | ୫୫ |
| ୪୫ | ସୁମିତ୍ରା ଦଲାଇ | ଧାମ ମାଧରୀ ରେ ଗୋଟେ ଦିନ ର ଅତିଥି | କବିତା | ୫୭ |
| ୪୬ | ଦୀପକ ନାୟକ | ପଲ୍ଲୀ ବଧୂ | କବିତା | ୫୮ |
| ୪୭ | ଦେବାଶିଷ୍ ସାହୁ | ଗୋଟିଏ ରାତିର ପ୍ରେମ କାହାଣୀ | ଗଳ୍ପ ଓ କାହାଣୀ | ୫୯ |
| ୪୮ | ପ୍ରିୟଙ୍କା ପାଟଶାଣୀ | ଅବ୍ୟକ୍ତ କଥା | କବିତା | ୬୦ |
| ୪୯ | ଐଶ୍ୱରୀୟା ରାଉତରାୟ | ତୁମ ଅପେକ୍ଷାରେ | କବିତା | ୬୧ |
| ୫୦ | ପ୍ରଶାନ୍ତ କୁମାର ଦାଶ | ଆସିଛି ହେମନ୍ତ ଶରତ ଶେଷେ | କବିତା | ୬୨ |
| ୫୧ | ଗୋବିନ୍ଦ ବେହେରା | ଶିଶିର ଭିଜା ଶୀତ ସକାଳ | କବିତା | ୬୩ |
| ୫୨ | ନେନାରୋଜି ପଧାନ | ଗୁରୁ | କବିତା | ୬୪ |
| ୫୩ | ପ୍ରିତୀକଳ୍ପିତା କୁଅଁର | ନାରୀ | କବିତା | ୬୫ |
| ୫୪ | ଲବଦାନ ନାଏକ | ନିଜକୁ ଥରେ ପଢ଼ିଦେଖ | କବିତା | ୬୬ |
| ୫୫ | ସୁନିତା ଦାଶ | ମରୁଭୂମିର ମରିଚିକା | କବିତା | ୬୭ |
| ୫୬ | ପାରଦ କୁମାର ପାଢ଼ୀ | ଆହେ କରୁଣାମୟ | କବିତା | ୬୮ |
| ୫୭ | ନମିତା ବରାଳ | ଏଇତ ଜୀବନ | କବିତା | ୬୯ |
| ୫୮ | ରୂପଶ୍ରୀ ପ୍ରଧାନ | ମିନି କବିତା | କବିତା | ୭୦ |
| ୫୯ | ରାଜଲକ୍ଷ୍ମୀ ସାମଲ | ଉପେକ୍ଷା | କବିତା | ୭୧ |
| ୬୦ | ଶାନ୍ତା କୁମାରୀ ନନ୍ଦ | ଭାଗ୍ୟ ବଇରୀ | କବିତା | ୭୨ |
| ୬୧ | ବାବାଜୀ ଚରଣ ସାହୁ | ବାସୁଦେବାୟ | କବିତା | ୭୩ |
| ୬୨ | ସୁବ୍ରତ କୁମାର ଜେନା | ଭଡାଘର | କବିତା | ୭୪ |
| ୬୩ | ପୂଜା ବାରିକ୍ | କଣ ତୁମ ପାଖରୁ ମୋ ପାଖ ସମ୍ଭବ? | କବିତା | ୭୫ |
| ୬୪ | ସତ୍ୟଜୀତ ଦାସ | ଜୀବନ ସମୟର ପୁତ୍ତଳିକା | କବିତା | ୭୬ |
| ୬୫ | କ୍ଷୀରାବ୍ଧି ଦାଶ | ପ୍ରେମ ଆଉ ଶୀତ | ଗଳ୍ପ ଓ କାହାଣୀ | ୭୭ |
| ୬୬ | ସୁଶ୍ରୀ ସ୍ମାରକୀ ମିଶ୍ର | ଭାଇ | କବିତା | ୭୯ |
| | ପ୍ରତିମା ଶତପଥି | କୁହ ଚକା ଆଖି | କବିତା | ୮୦ |
| ୬୭ | ସିପାଞ୍ଜଳୀ ମଲ୍ଲିକ | ଅତୀତ | କବିତା | ୮୧ |
| ୬୮ | ମନୋଜ କୁମାର ଦାସ | ରାସ୍ତା | କବିତା | ୮୨ |
| ୬୯ | ମୀନାକ୍ଷୀ ପଣ୍ଡା | ମାଆ | କବିତା | ୮୩ |
| ୭୦ | ସିଲଭାରାଣୀ ଧଳ | ତୁମେ ଗଲା ପରେ | କବିତା | ୮୪ |




ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବବ୍ରତୀ ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
ମହ୍ଲାର
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ନବ ଉନ୍ମାଦ

# ପରମ କାରୁଣିକ ବାବା ଚନ୍ଦ୍ରଶେଖର...



ଅରୁଣ କୁମାର ଦାସ
ଧର୍ମଶାଳା,ଯାଜପୁର

**ଶି**କ୍ଷକତା ଜୀବନ ଆରମ୍ଭ ହୋଇ ଥାଏ ନୂଆ ନୂଆ । ଏକ ସୁନାମ ଧନ୍ୟ ଶିକ୍ଷାନୁଷ୍ଠାନ ପଞ୍ଚାୟତ ହିଂଗୁଳା ସରକାରୀ ଉଚ୍ଚ ବିଦ୍ୟାଳୟରେ । ଛାତ୍ରଛାତ୍ରୀ ମାନଙ୍କୁ ନେଇ ପିକ୍ ନିକ ଯିବାପାଇଁ ବିଦ୍ୟାଳୟର ପକ୍ଷରୁ ସ୍ଥିରୀକୃତ ହୋଇ ଥିଲା । ଗାଇଡ୍ ଶିକ୍ଷକ ଭାବେ ମୋ ସହିତ ନୀଳମଣି ସାର୍, ସୁଶାନ୍ତ ସାର୍, ଓ ପୁଷ୍ପା ଦିଦି ସହିତ ପ୍ରାୟ ୮୦ ଜଣ ଛାତ୍ରଛାତ୍ରୀ ମାନଙ୍କୁ ନେଇ ସପ୍ତ ଶଯ୍ୟା, ସାଇ ମନ୍ଦିର, ଯୋରନ୍ଦା ଓ ଶେଷରେ କପିଳାସର ବାବା ଚନ୍ଦ୍ରଶେଖର ଦର୍ଶନ କରିବା ପାଇଁ ଆପାତତଃ ସ୍ଥିର ହୋଇ ଥାଏ । ପୂର୍ବ ନିର୍ଦ୍ଧାରିତ ସୂଚନା ମୁତାବକ ସମସ୍ତ ଛାତ୍ରଛାତ୍ରୀ ବିଦ୍ୟାଳୟ ନିକଟରେ ଉପସ୍ଥିତ ଥିଲେ। ବହୁ ଆନନ୍ଦ ଉଲ୍ଲାସର ସହିତ ଆମ ଯାତ୍ରା ଆରମ୍ଭ ହୋଇଥିଲା। ଦିନ ପ୍ରାୟ ଦଶଟା ବେଳକୁ ସପ୍ତଶଯ୍ୟାରେ ପହଞ୍ଚି ଥିଲୁ। ସାଥିରେ ନେଇ ଥିବା ଜଳଖିଆ ସେବନ ସମାପନ ହୋଇଥିଲା।



ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ସପ୍ତଶଯ୍ୟାର ପରି13ବେଶ ବେଶ୍ ଆକର୍ଷଣୀୟ ଓ ରୋମାଞ୍ଚକର। ପିଲାମାନେ ଖୁବ୍ ଆନନ୍ଦମୟ ପରିବେଶରେ କିଛି ସମୟ ଅତିବାହିତ ସହିତ ବିଭିନ୍ନ ଦେବାଦେବୀଙ୍କର ଦର୍ଶନର ସୁଯୋଗ ହାତ ଛଡ଼ା କରି ନ ଥିଲେ। ସାଇ ମନ୍ଦିରରେ ପ୍ରସାଦ ସେବନ କରି ଯୋରନ୍ଦାର ମହିମା ଗାଦି ଦର୍ଶନ କରି କପିଳାସ ଅଭିମୁଖେ ଯାତ୍ରା ଆରମ୍ଭ ହୋଇଥିଲା। ସେତେବେଳକୁ ପ୍ରାୟ ସମୟ ଚାରିଟା ପାଖା ପାଖି। ହର୍ଷ ଉଲ୍ଲାସର ସହିତ ବାରବାଙ୍କ ଦେଇ କିଛି ଛାତ୍ରଛାତ୍ରୀ ଓ ପାହାଚ ଦେଇ ଅବଶିଷ୍ଟ ଛାତ୍ରଛାତ୍ରୀ ବାବା ଚନ୍ଦ୍ରଶେଖରଙ୍କ ଦର୍ଶନ ପାଇଁ ଚାଲିଲୁ। ସନ୍ଧ୍ୟା ପୂର୍ବରୁ ଫେରିବାର ଯଥା ସମ୍ଭବ ଚେଷ୍ଟା କରିଥିଲୁ। ବାବାଙ୍କ ଦର୍ଶନ କରି ସାରି ଫେରିବା ବେଳକୁ ସନ୍ଧ୍ୟା ଆଗତ ପ୍ରାୟ। ଦୁଇଜଣ ଶିକ୍ଷକ ଆଗରେ ଓ ଆଉ ଦୁଇଜଣ ଶିକ୍ଷକ ପଛରେ ସୁରକ୍ଷାର ବଳୟ ମଧ୍ୟରେ ଆଣିବା ପାଇଁ ବ୍ୟବସ୍ଥା କଲୁ । ମାଙ୍କଡ ମାନଙ୍କ ଦୌରାତ୍ମ୍ୟ ଆମ ପାଇଁ ଏକ ବଡ ସମସ୍ୟା ହୋଇ ଠିଆ ହୋଇଗଲା। ଏହା ସହିତ କିଛି ଅସାମାଜିକ ଯୁବକଙ୍କ ମତିଗତି ଆମକୁ ଆହୁରି ମୁଣ୍ଡବ୍ୟଥାର କାରଣ ପାଲଟି ଥିଲା। ସମସ୍ତ ଛାତ୍ରଛାତ୍ରୀ ଓ ଆମେ ସମସ୍ତେ ବାବା ଚନ୍ଦ୍ରଶେଖରଙ୍କ ଧ୍ୱନି ଉଚ୍ଚାରଣ ପୂର୍ବକ ଚାଲି ଥାଉ। ହଠାତ୍ ଏକ କୁକୁର ଆବିର୍ଭାବ ହେଲା। କେତେ ବେଳେ ଆଗକୁ ତ କେତେବେଳେ ପଛକୁ ଆସି ପୁରା ସୁରକ୍ଷା ଦେଇ ଚାଲିଥାଏ। ତାର ଉପସ୍ଥିତି ଆମର ସାହାସକୁ ଦ୍ୱିଗୁଣିତ କରିବାରେ ସହାୟକ ହୋଇଥାଏ। ସେ ସମୟର ଅନୁଭୂତି ବର୍ଣ୍ଣନା କରିଲାବେଳେକୁ ଲୋମ ଟାଙ୍କୁରି ଉଠୁଛି। ପାହାଡର ପାଦଦେଶର ଠିକ୍ କିଛି ବାଟ ପୂର୍ବରୁ ସେହି ଶ୍ୱାନରୂପୀ ବାବା ଚନ୍ଦ୍ରଶେଖର ଉଭାନ ହୋଇଗଲେ। ଆମେ ସେଦିନର ଅନୁଭୂତି କେବେ ଭୁଲି ପାରିବୁ ନାହିଁ। ପରମ କାରୁଣିକ ବାବା ଚନ୍ଦ୍ରଶେଖର କୁକୁର ରୂପେ ବିରାଜମାନ କରି ଆମକୁ ପାହାଡ ପାଦ ଦେଶରେ ପହଞ୍ଚାଇଥିଲେ।



ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବବ୍ରତୀ ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
ମହ୍ଲାର
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ନବ ଉନ୍ମାଦ

# ନିସ୍ତବ୍ଧ ରାତିର ହୃଦୟ...



**ସୁମିତ୍ରା ନାୟକ**
ବାଜପୁର, ମାହାଙ୍ଗା, କଟକ

**ସ**ରଳତା ଯଦି ଭିଡ଼ରେ ହଜିବ
ହେ' ନିସ୍ତବ୍ଧ ରାତିର ହୃଦୟ
ତୁମେ ଚୁପ୍ ରୁହ ନାହିଁ ,
କଅଁଳ ପରଶ ପାଇବା ପରେ
ପ୍ରୀତି ପୁଷ୍ପ ଆଉ ଫେରିବ ନାହିଁ ....।
ବାସ ଯଦି ଏଠି ତଳେ ଲୋଟି ପଡ଼େ
ବିଶ୍ୱାସ ଦରଜା ଦର ଆଉଜା ହୋଇ ପଡ଼େ ,
ଚପଳାମୀ ମନ ଯଦି ସ୍ତବ୍ଧ ହୋଇ ଯାଏ,
ନୀରବ ପ୍ରହର ଯଦି ଚିତ୍କାର କରି କହେ
ହେ ସହଦୋର ତୁମେ ସାହାରା ହୁଅ,
ମୁଁ ଚାଲୁଥିବା ବାଟରେ ସାଥି ପଥିକ ଟେ ହୋଇ ....।
ପାହାନ୍ତି ତାରା ଯଦି ଅବଶୋଷ କରେ
ରାତି ସରି ଯାଏ ବୋଲି ,
ବହଳ ଅନ୍ଧାର ଯଦି ବାହାରେ ପ୍ରତିଛବି ଛାଡ଼ି ଯାଏ
କାହାଣୀକୁ ରୂପାନ୍ତରିତ କରି ଲେଖିବ ବୋଲି
କିଛି ଅନ୍ଧାରର ଆଉ କିଛି ଅନ୍ଧାରର
ପୁଣି ଅନ୍ଧାରର ଚରିତ୍ର ଚିତ୍ରଣ କରି ....।
ସହଜ ନୁହେଁ ସରଳତାକୁ ସାଙ୍ଗରେ ନେଇ ଚାଲିବା
ବିସ୍ଥାରିତ ଇଲାକାରେ ଏକୋଇ ଜ୍ୱାଳାରେ ଜଳିବା
ଯୁଗ ବର୍ତ୍ତମାନର ପରିବର୍ତ୍ତନକୁ ପାଦରେ ଆଡେଇ
ପରିଣତ ବୟସ ଯାଏଁ ମୃତ୍ୟୁକୁ ଅପେକ୍ଷା କରିବା ।





ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୂତୀ ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ନବ ଉନ୍ମାଦ

# ଗାଆଁ ର ମହକ...



ସୌମ୍ୟ ରଞ୍ଜନ ରାୟ
ଭୂୟାଁ ଉଆସ, ଗୁଆମାଳ,
ଭଦ୍ରକ

**ଯ**ହିଁ ବହୁଥାଏ ମୃଦୁ ପବମାନ,
ଲାଗଇ ସତେକି ବୈକୁଣ୍ଠ ସଦନ।
ବାସ ଦେଇ ଫୁଟେ ପ୍ରେମର କୁସୁମ,
ଲାଗଇ ମୋ ଗାଆଁ ଭାରି ମନୋରମ।

ଯହିଁ ରହିଅଛି ପ୍ରକୃତିର ଘର,
ଯେ ଘରେ ସଜ୍ଜିତ ବତି ପ୍ରଭାକର।
ପିନ୍ଧିଛି ସତେକି କାନନ ଅମ୍ବର,
ଲାଗଇ ମୋ ଗାଆଁ ସୌନ୍ଦର୍ଯ୍ୟ ଭଣ୍ଡାର।

ପ୍ରଭାକର ଯେବେ ଢାଳଇ ଆଲୋକ,
କୃଷକର ମନ ହୁଅଇ ପୁଲକ।
କାନ୍ଧେ ଧରି ଚାଲେ ଦାୟିତ୍ୱ ର ଭାର,
ହୋଇଯାଏ ପାର ଚିନ୍ତା ପାରାବାର।

ଶୁଭେ ନିଶାମୁଖେ ଝିଙ୍କାରିର ସ୍ୱନ,
ଶୁଭେ ଷଟପଦ ଗୁଣୁ ଗୁଣୁ ଗାନ।
ହମ୍ବା ହମ୍ବା ରଡି ଛାଡ଼ଇ ଗୋମାତା,
ଅସ୍ତହୁଏ ଯେବେ ଗଗନେ ସବିତା।

ରାତ୍ରି ଆଗମନେ ମନ ଭୟଭୀତ,
ଶିଶୁ ଆସି ହୁଏ ମାତୃ କୋଳାଗ୍ରତ।
ଆଈ ମାଆ ଙ୍କର ମନଗଢା ଗପ,
କେତେ ଭୂତ ପ୍ରେତ କେତେ ସର୍ପ ଦ୍ୱିପ।


ପବିତ୍ର ମନରେ ଫୁଟଇ ଭକତି,
ଦେଖିବାକୁ ମିଳେ ବିଶ୍ୱାସ ଶକତି।
ରଖି ହୃଦୟରେ ମଧୁର ଆବେଗ,
ଉଡାନ୍ତି ଗଗନେ ପ୍ରେମର ବିହଗ।

କୁମାର ପୁନେଇଁ ରଜର ମଉଜ,
ଦୋଳ ଯାତରାର ଅଭୀରର ସଜ।
ଦିଶଇ ସର୍ବତ୍ର ପ୍ରେମର ସାଗର,
ଯେପରି ଲାଗଇ ସରୋଜ କାସାର।

ଘଣ୍ଟା ଢୋଲ ଶୁଭେ ମନ୍ଦିର ପ୍ରାଙ୍ଗଣ,
ମନୋରମ ଦିଶେ ପ୍ରଭୁଙ୍କ ଝୁଲଣ।
ଶ୍ୟାମସୁନ୍ଦର ଙ୍କ ପବିତ୍ର ବାସର,
ଦେଖି ଭରିଯାଏ ଦର୍ଶକ ଜଠର।

ପିଲାଙ୍କର ସେହି ରାଜା ରାଣୀ ଖେଳ,
ମାଆ ମାରେ ଡାକ ଗଡିଗଲେ ବେଳ।
ସଞ୍ଜ ପ୍ରାର୍ଥନା କୁ ସଞ୍ଜ ଶଙ୍ଖ ଧ୍ୱନି,
ଗୋପାଦ ଶବଦେ ହର୍ଷିତ ମେଦିନୀ।

ଯେବେ ସ୍ପର୍ଶ ହୁଏ ଗାଆଁର ମହକ,
ଖୋଲିଦିଏ ପୁଣି ଅତୀତ ପୁସ୍ତକ।
ଭରିଯାଏ ମୋର ଉଲ୍ଲାସେ ଆନନ,
ଭାବେ ବସି ସେହି ଅଭୁଲା ଅହନ।





ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୂତୀ ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ନବ ଉନ୍ମାଦ

## ନମ୍ରତା...



ଅଲିଶା ବି ମହାରଣା
ଅନନ୍ତପୁର, ସିମୁଳିଆ,
ବାଲେଶ୍ୱର

**ନ**ମ୍ରତା ଗୁଣଟି ସବୁଠାରୁ ଶ୍ରେଷ୍ଠ
ଅନ୍ତର ମଧ୍ୟରେ ଥାଏ,
ତାହାରି ପାଇଁକି ସବୁରି ହୃଦୟେ
ଜାଗାଟିଏ ତୋଳି ହୁଏ ।

ପର ବି ଆପଣା ହେଇପାରେ ପୁଣି
ନମ୍ରତା ଗୁଣଟି ପାଇଁ,
ସବୁରି ମନକୁ କିଣି ନେଇ ହୁଏ
ଓଠରେ ହସ ଭରଇ ।

କପଟ ଓ ଛନ୍ଦ ଆସେନାହିଁ ମନେ
ଶତ୍ରୁ ବି ମିତ୍ର ପାଲଟେ,
ଭଦ୍ରତା, ସାଧୁତା, ନିଷ୍କପଟତା ର
ସେ ବି ପ୍ରମାଣପତ୍ର ଟେ ।

ଦୟା, କ୍ଷମା ଓ ପରୋପକାର ରେ
ମନ ଲାଗେ ତାହା ପାଇଁ,
ଦୁନିଆ ମଧ୍ୟରେ ଶ୍ରେଷ୍ଠ ଜିନିଷଟେ
ସବୁଠୁ ଶ୍ରେଷ୍ଠ ବୋଲାଇ ।

ଗୁରୁଜନ ପ୍ରତି ସମ୍ମାନ, ଆତିଥ୍ୟ
ଲଘୁଜନ ଙ୍କୁ ଆଦର,
ଅହଙ୍କାର ଶୂନ୍ୟ, କପଟତା ହୀନ
ଏ ତ ନମ୍ରତା ସଂସ୍କାର ।

ନମ୍ରତା ଭାବଟି ଯାହା ପାଶେ ଅଛି
ଦୁନିଆ ରେ ଶ୍ରେଷ୍ଠ ସିଏ,
ହୃଦୟେ ତାହାର ମଣିଷ ପଣିଆ
ଚିର ଦିନ ରହିଥାଏ ।



ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୂତୀ ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ନବ ଉନ୍ମାଦ

# ଖୁସିର ସନ୍ଧାନେ ମାନବ...



**ଶିବଦୂତୀ ପାଣିଗ୍ରାହୀ**
ଖଣ୍ଡିତର, ରସୁଲପୁର,
ଯାଜପୁର

**ଏ**କ ଅଞ୍ଚଳ ରେ ଗୋଟିଏ ଯୁବକଟିଏ ଥିଲା । ସଦାସର୍ବଦା ଦୁଃଖିତ ରହୁଥିଲା ସେ । ଯାହା ବି କାର୍ଯ୍ୟ କଲେ ମଧ୍ୟ ସେଥିରେ ସେ ପୂର୍ଣ୍ଣ ରୂପେ ଖୁସି ପାଇପାରୁନଥିଲେ ।

ଯୁବକ ଜଣକ ମନସ୍ତ କଲେ  ଏହାର ସମାଧାନ ପାଇଁ ସେ ତାଙ୍କ ଗୁରୁଙ୍କ ନିକଟକୁ ଯିବେ । ଯୁବକ ଜଣକ ଗୁରୁଙ୍କୁ ଭେଟି ପ୍ରଶ୍ନ କଲେ " ଗୁରୁଦେବ  ଆପଣ ସର୍ବଦା କିପରି ଆନନ୍ଦରେ ରହୁଛନ୍ତି ? ମତେ ମଧ୍ୟ ଶିଖାଇ ଦିଅନ୍ତୁ ମୁଁ  କିପରି ଆନନ୍ଦ ରେ ରହିପାରିବି !! କାରଣ ମୁଁ ବହୁତ କଷ୍ଟରେ ଅଛି । ଗୁରୁଦେବ କହିଲେ ଠିକ୍ ଅଛି ମୁଁ କହୁଛି କିପରି ତୁମେ ଆନନ୍ଦ ରହିବ,ଖୁସିରେ ଜୀବନ କାଟିବ । ଏହା କହି ଗୁରୁଦେବ କିଛି ଅମୂଲ୍ୟ ବାର୍ତ୍ତା ଦେଉଥାନ୍ତି ଯୁବକଙ୍କୁ ।

ହଠାତ୍ ପ୍ରବଳ ବର୍ଷା ହେବାକୁ ଲାଗିଲା ।ସେମାନେ ଦେଖିଲେ କିଛିଦୂର ରେ ଗୋଟିଏ କୁଡିଆରେ କିଛି ଲୋକ ଆଶ୍ରୟ ନେଇଛନ୍ତି । ରାସ୍ତାରେ ଏକ ବଡ ଝଙ୍କାଳିଆ ଗଛଟିଏ ପଡିବାରୁ ଗୁରୁ ଶିଷ୍ୟ ଦୁହେଁ ସେଠାରେ ଆଶ୍ରୟ ନେଲେ । ଧିରେଧିରେ ବର୍ଷା ବଢିବାକୁ ଲାଗିଲା । ଗୁରୁ ଶିଷ୍ୟ ଗଛ କୋରଡ ରେ ଆଶ୍ରୟ ନେଲେ । ଗୁରୁ ଟିକିଏ ହସିଦେଇ ଯୁବକ ଜଣକୁ କହିଲେ ଜୀବନର ପ୍ରତ୍ୟେକ ଜିନିଷକୁ ନିରୀକ୍ଷଣ କରିବା ଉଚିତ୍ ।

ଠିକ୍ଏହି ସମୟରେ ହଠାତ୍ ଜୋର୍ ରେ ପବନ ଦେଲାରୁ ଦୂରରେ ଥିବା କୁଡିଆଟିର ଛପର ଉଡିଗଲା । ଭିତରେ ଯେଉଁ ଲୋକମାନେ ଥିଲେ ସେମାନଙ୍କ ମଧ୍ୟରୁ  କିଛି ଲୋକଙ୍କ ପାଖରେ ଛତା ଥିଲା ।  ସେମାନେ ଛତା ଖୋଲି ବସିଲେ । କିଛି ସମୟ ପରେ ପୁଣି ଏକ ପବନରେ ତାଙ୍କର ଛତା ମଧ୍ୟ ଉଡିଗଲା । ଅଧିକାଂଶ ଲୋକ ଦୌଡି ଏଣେତେଣେ ଆଶ୍ରୟ ଖୋଜିବାକୁ ପଳାଇଗଲେ । ଗୁରୁଦେବ ନିରୀକ୍ଷଣ କଲେ ଛପର ଉଡିଗଲା,ଛତା ମଧ୍ୟ ଉଡିଗଲା । ସେଠାରୁ ସମସ୍ତେ ଚାଲିଗଲେ କିନ୍ତୁ ଗୋଟିଏ ଲୋକ ସେଠାରେ ସେମିତି ବସିରହିଛି । ଲୋକଟି ତାର ମୁଣ୍ଡରେ ଗୋଟିଏ ଟୋପି କୁ ଭିଡି ଧରିଛି । ଏହି ସମୟରେ ଗୁରୁଦେବ ତାଙ୍କ ତାଳପତ୍ର ଛତାକୁ ଲୋକଟିର ମୁଣ୍ଡରେ ଦେଇ ସେଠାରୁ ଚାଲିଗଲେ ଝଙ୍କାଳିଆ ଗଛ ନିକଟରେ ଥିବା ତାଙ୍କ ଶିଷ୍ୟ ନିକଟକୁ |

ଶିଷ୍ୟ ଜଣକ ଏସବୁ ଘଟଣା କୁ ଲକ୍ଷ୍ୟ କରୁଥିଲେ । ଗୁରୁଦେବଙ୍କ ନିକଟରେ ଯାଇ ଶିଷ୍ୟ ଜଣକ ପଚାରିଲେ "ଗୁରୁଦେବ ଆପଣ ଏ କଣ କଲେ,ଆପଣଙ୍କ ଛତା ତାଙ୍କୁ ଦାନ କରିଆସିଲେ"!! ସେଠାରେ ତ ସବୁ ଲୋକ ଦୌଡାଦୌଡି ହୋଇ ଓଦା ହେଉଛନ୍ତି କିନ୍ତୁ ସେହି ଗୋଟିଏ ଲୋକ ତାର ଟୋପି ଧରି ବସିଥିଲା,ଆପଣ ତାକୁ ଆପଣଙ୍କ ଛତା ଦେଇଦେଲେ । ଏହାର ମହତ୍ୱ କଣ? ଗୁରୁଦେବ ଟିକିଏ ହସିଦେଇ ଶିଷ୍ୟଙ୍କୁ କହିଲେ:- ସବୁ ଜିନିଷ ଘଟି ଚାଲିଛି । ବର୍ଷା ହେଲା ଛପର ଉଡିଗଲା,ଛତା ମଧ୍ୟ ଉଡିଗଲା କିନ୍ତୁ ଲୋକଟି ତାର ଟୋପିକୁ ଛାଡିନି । ମୁଣ୍ଡ କୁ ଓଦା ହେବାକୁ ଦେଇନି । ଏସବୁ ଗୁରୁଙ୍କ ପାଖରୁ ଶୁଣି ଯୁବକ ଜଣକ ଭାବିଲେ ଏଥିରେ କିଛି ତ ଗୋଟିଏ ରହସ୍ୟ



ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୂତୀ ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ମହ୍ଲାର
ନବ ଉନ୍ମାଦ

ଅଛି ଓ ଗୁରୁଙ୍କୁ ପଚାରିବାକୁ ଲାଗିଲେ । ଗୁରୁଦେବ କହିଲେ ଜୀବନରେ ଦୁଃଖ କଷ୍ଟ ଆସେ ଠିକ୍ ବର୍ଷା ଆସିବା ପରି । ଛପର ଉଡିଯିବାରୁ ଲୋକେ ଛତା ଧରି ବସିଲେ ଠିକ୍ ସେହିପରି ଆମ ଜୀବନରେ ଛତା ଅର୍ଥ ଆମ ଆଖପାଖ ଲୋକ । ଏସବୁ ପରେ ଲୋକମାନେ ଦୌଡାଦୌଡି ହେଲେ ଠିକ୍ ସେହିପରି ଜୀବନରେ ଦୁଃଖ ସମୟରେ ଆଖପାଖ ଲୋକ୍ ପାଖରେ ନ ରହିଲେ ବିପଦ ରେ ଥିବା ଲୋକେ ଇତସ୍ଥତ ଭାବେ ଏଣେତେଣେ ଦୌଡନ୍ତି । ଏହା ହିଁ ହେଉଛି ଜୀବନର ସତ୍ୟତା ।

ଠିକ୍ ସେହିପରି ଆମେ ସମସ୍ତେ ଗୋଟିଏ କୁଡିଆ ମଧ୍ୟରେ ଅଛନ୍ତି । ଆମେ ଭାବୁଛନ୍ତି କୁଡିଆରେ ଆମେ ସୁରକ୍ଷିତ । କିନ୍ତୁ ହଠାତ୍ ଆମକୁ କିଛି ଦୁର୍ଘଟଣା ବା ଖରାପ ପରିସ୍ଥିତି କୁ ସାମ୍ନା କରିବାକୁ ପଡୁଛି,ତାହା ହିଁ ହେଉଛି କୁଡିଆର ଛପର ଉଡିଯିବା ସ୍ଥିତି । ଖରାପ ପରିସ୍ଥିତିରେ ଆମେ ଆମ୍ ଆଖପାଖ ଲୋକଙ୍କୁ ଖୋଜିଥାନ୍ତି....କିନ୍ତୁ ସେତେବେଳେ ସେମାନେ ମଧ୍ୟ ସାହାରା ଦିଅନ୍ତି ନାହିଁ...ବାହାନା କରି ଚାଲିଯାଆନ୍ତି ଠିକ୍ ଛତା ପରି । ଏହି ସମୟରେ ଆମ ଅବସ୍ଥା ସଂପୂର୍ଣ୍ଣ ରୂପେ ବର୍ଷାରେ ଓଦା ହେଉଥିବା ଲୋକ ମାନଙ୍କ ପରି ହୋଇଯାଏ । ଯେଉଁମାନେ ଦୌଡୁଛନ୍ତି ସେମାନେ ଦୌଡିବେ । କିନ୍ତୁ ଯିଏ ଟୋପି ଧରି ରହିବ ତାଙ୍କୁ ଗୁରୁଙ୍କ ଛତା ମିଳିବ... ।।। ଗୁରୁଙ୍କ କଥାରୁ ଯୁବକ ଜଣକ କିଛି ଜାଣିପାରିଲେ ତେଣୁ ପଚାରିଲେ ଗୁରୁଦେବ ଆମ ଜୀବନରେ ଟୋପି କଣ? ଗୁରୁଦେବ କହିଲେ ଏହି ଟୋପି ଅର୍ଥ ହେଉଛି "ଖୁସି" । ଜୀବନରେ ସବୁ ଜିନିଷ ଚାଲିବ । ଆମ ମନ ମୁତାବକ ସବୁକିଛି ହୁଏନାହିଁ । ଯେକୌଣସି ପରିସ୍ଥିତି ଆସିଲେ ମଧ୍ୟ ଖୁସିର ଟୋପି ଉଡି ନ ଯିବା ଦରକାର । ଦୁନିଆଁରେ କୈଣସି ଘଟଣା ଆମ ହାତରେ ନାହିଁ କିନ୍ତୁ କୈଣସି ପରିସ୍ଥିତିରେ ଆମ ମନ ବିଚଳିତ ହେବା ଉଚିତ୍ ନୁହଁ । ଯଦି ମନ ମସ୍ତଷ୍କ ଓଦା ହେବ ତେବେ ରାସ୍ତାରେ ଦୌଡୁଥିବା ଲୋକଙ୍କ ଭଳି ପରିସ୍ଥିତି ହୋଇଯିବ । ତେଣୁ ଯେକୈଣସି ପରିସ୍ଥିତି ଆସୁ ମଧ୍ୟ ଟୋପି ଉଡିନଯାଉ.....ମୁଣ୍ଡ ଓଦା ନ ହେଉ । ଏଥିପ୍ରତି ଧ୍ୟାନ ଦେବା ଉଚିତ୍।

ଗୁରୁଦେବ ପୁଣି ଟିକିଏ ହସି କହିଲେ ଜୀବନରେ ପରିସ୍ଥିତି ଅନୁକୂଳ ହେଉ କି ପ୍ରତିକୂଳ ଆମେ ଯଦି ଖୁସିରେ ଥିବା ତେବେ ସମସ୍ତ ପରିସ୍ଥିତି ସହ ମୁକାବିଲା କରିବାର ସାମର୍ଥ ଆମ ପାଖରେ ରହିପାରିବ । ସର୍ବଦା ଖୁସି ରୂପକ ଟୋପିକୁ ପିନ୍ଧି ରଖିଲେ ବଡ ବଡ ସମସ୍ୟା ମଧ୍ୟ ସହଜରେ ସମାଧାନ ହୋଇପାରିବ । ଏହି ଅମୂଲ୍ୟ ବାକ୍ୟକୁ ସର୍ବଦା ମନେରଖିବାକୁ ଗୁରୁ ଶିଷ୍ୟଙ୍କୁ ପରାମର୍ଶ ଦେଲେ ଓ କହିଲେ ଏହା ହିଁ ହେଉଛି ତୁମ ସମସ୍ତ ସମସ୍ୟାର ସମାଧାନ ।

ମହ୍ଲାର ଇ-ପତ୍ରିକା ରେ ଆପଣଙ୍କ ଲେଖା ଦେବାକୁ ଚାହୁଁଥିଲେ ଆମକୁ ଯୋଗାଯୋଗ କରନ୍ତୁ .

ୱେବ୍ସାଇଟ : www.malharodia.com

ଇ-ମେଲ : malharmagazine@gmail.com

ଫୋନ : 8328951229

## ମୁଁ କଣ' ତୁମର ?



**ଲୋପାମୁଦ୍ରା ମହାପାତ୍ର**
ଗଣ୍ଡପଡା, ଗୁଆମାଳ , ଭଦ୍ରକ

**ମା**ନୁଛି,
ମୋ ଠୁଁ ଅଧିକ କିଏ ତୁମକୁ ପାଉଥିଲା ଭଲ !

ପାଇଥିବ ତୁମ ଉଷ୍ଣତାର ପ୍ରୀତି ସ୍ପନ୍ଦନ
ତୁମ ଆଲିଙ୍ଗନେ ବିତି ଥିବ ଯେ କେତେ ରାତି..

କେବେ ପଚାରିଛ ନିଜକୁ,
ଏ କେଇ କ୍ଷଣର ଉନ୍ମାଦନା ସତେ ଥିଲା କଣ ଏକ ନିଶୁଳ୍କ ପ୍ରେମର
ପରଶ…?

କେବେ ଭାବି ଦେଖ ,
ମୋ ପ୍ରେମର ଅନୁଭବ କାହିଁ ହେଉଛି ହୃଦବୋଧ ଏବେ ତୁମକୁ..

କାହିଁ ଆସି ମୋ ପିଣ୍ଡରେ ପ୍ରାଣ ପ୍ରତିଷ୍ଠାର ପୁନଃ ଆଶା ରଖି
ଜୀବନର ଦୋ ଛକିରେ ପ୍ରଶ୍ନ ବାଟି ସାଜ ତୁମେ..?



ନା ଥିଲା କିଛି ସ୍ୱାର୍ଥ ନା ଆକର୍ଷଣ,
ଦେହର ଅଳଙ୍କାର ଅଙ୍ଗେ ସଜେଇ ହେବାର କାରଣ..
ନା ଥିଲା କେବେ ଇଚ୍ଛା ପାଇବାକୁ ତୁମର ସେ ସ୍ପର୍ଶ।

ଥିଲା ତ ଏତିକି ମନେ,
ଦୂରେ ରହି ତୁମ ହସରେ ନିଜକୁ ହସିବାକୁ
ତୁମ ଦୁଃଖରେ ତୁମ ସାଥେ ହାତ ଧରି ଚାଲିବାକୁ॥

ତୁମ ସ୍ନେହର ଭ୍ରମରେ ପଡ଼ି
ନିଜକୁ ତୁମର ବୋଲି କହିବାକୁ॥

ଦେଇ ପାରିବ ସେ ଅଧିକାର ସ୍ୱତଃ ତୁମର ନ ହୋଇବି
ନିଜକୁ ତୁମର ବୋଲି କହିବାକୁ…???



ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୂତୀ ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ନବ ଉନ୍ମାଦ

## ଜଗନ୍ନାଥ...



**ସବିତା କବି**
ବୀରବରପୁର, ତିହିଡ଼ି

**କି**ଏ କହେ ତୁମେ ଜଗତର ନାଥ
କିଏ କହେ ବିଶ୍ୱପିତା,
କିଏ ପୁଣି କହେ ଅନାଥର ନାଥ
କିଏ କହେ ଦୁଃଖୀ ସଖା ||


ତମେ ଗଢ଼ିଦିଅ, ତମେ ଭାଙ୍ଗିଦିଅ
ତମେ ଲୁହ ଦିଅ, ତମେ ହସ ଦିଅ
ତମେ ଡରାଇ ପୁଣି ସାହସ ଦିଅ
ତମର ଏ କି ପ୍ରଥା ||



ହାତ ନଥାଇ ବି ନେଇଛ ନଡ଼ିଆ
କାନ ନଥାଇ ବି ଶୁଣିଛ ଡାକ
ପାଦ ନଥାଇ ବି ପିନ୍ଧିଛ କଠାଉ
ଯୁଗେ ଯୁଗେ ତମେ କରିଛ ରକ୍ଷା ||

ଅଭିଶାପ ଦେଇ ଅଭିଶପ୍ତ ହେଲ
ଦୋଷ ନକରି ବି ଦଣ୍ଡ ପାଇଥିଲ
ନିଷ୍କପଟ ହୋଇ କପଟୀ ଶୁଣିଲ
ଧର୍ମ ରକ୍ଷା ପାଇଁ ସବୁ ରଚିଥିଲ ||

## ନିରାଶା ମନର ଅନ୍ତାକ୍ଷରୀ...



**ଅର୍ଚ୍ଚନା ଜେନା**
ନେତ ପୁର,
ଜଗତସିଂପୁର

ବୈଶାଖର ସଞ୍ଜନଏଁ ରୌଦ୍ର ତାପର  ଶେଷରେ ପୁରୁଣା ସ୍ମୃତି ଫେରେ ...

ମୋର ଏଇ ନିରାଶା ମନ ରେ କୂଳ ଲଂଘେ ଆବେଗର ଜୁଆର ହୃଦୟରେ ଧକ୍କା ଖାଏ ପୁଳା ପୁଳା ପ୍ରତିଶ୍ରୁତି ତୁମର |

ଦୂରରୁ ଫେରିଆସେ ତୁମ ଫେରିବାର ମୃଦୁ ମୃଦୁ ବାସ ମାନସପଟରେ ଲେଖି ହୁଏ ଅପ୍ରକାଶିତ ଉପନ୍ୟାସ...

କଲବଲ ସେ ଭାବାବେଗ ଅଶ୍ରୁନିଃସୃତ ନୟନ  ଶବ୍ଦାଭାବରେ ଅପ୍ରକାଶିତେ ରୁନ୍ଧିଦିଏ ମତେ ପ୍ରତିକ୍ଷଣ |

ମନରେ ଝରିଯାଏ ଅନେକ ଆଶା ଅସୁମାରୀ  ମଳୟର ସୁଗନ୍ଧରେ ଧୂପାୟିତ ସନ୍ଧ୍ୟାର କବରୀ...

ଅଶ୍ରୁସଜଳ ଛଳ ଛଳ ଆଖି ଚାହେଁ ପ୍ରତୀକ୍ଷାରେ ଭରି ନିତି ଆଶା ନିରାଶାହେଇ ଭାସିଯାଏ କାଗଜ ଡଙ୍ଗାପରି....



ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ନବ ଉନ୍ମାଦ

# ତୁମ ସ୍ମୃତି କେବେ...



ଜୟନ୍ତ ଦାସ ପ୍ରଫୁଲ୍ଲ
ଥାଲସଡା, ବାଲେଶ୍ୱର

ତୁମ ସ୍ମୃତ କେବେ ଆବଦ୍ଧ କୋଠରୀ
ରେକ ଯାଏ ମୋର ଶ୍ୱାସ,
ପୁଣି ତୁମ ସ୍ମୃତ ମନ ମରୀଚିକା
ବଦଳେ ଭାବନା ବେଶ । (୧)

ତୁମ ସ୍ମୃତ କେବେ ମରୁବାଲି ଘର
ତୋଳୁ ତୋଳୁ ଯାଏ ଭାଙ୍ଗି ,
ପୁଣି ତୁମ ସ୍ମୃତ ଅଫେରା ବାଟୋଇ
ବାଟ ଲୋଡ଼ା ତାହା ଲାଗି । (୨)

ତୁମ ସ୍ମୃତ କେବେ ଅଥଳ ନଈ ଟେ
ପାଏ ନାହିଁ ପ୍ରେମ କାତ,
ପୁଣି ତୁମ ସ୍ମୃତ ପ୍ରେମର ବଜାର
ଯେଉଁଠି ଜତେ ଖାଲି ସ୍ୱାର୍ଥ । (୩)

ତୁମ ସ୍ମୃତ କେବେ ଅମାବାସ୍ୟା ଜହ୍ନ
ଲୁଗ୍ନଏ ପ୍ରେମର ଚହ୍ନ,
ପୁଣି ତୁମ ସ୍ମୃତ ଉତ୍ତର ପାଏନା
ପ୍ରଶ୍ନ ଠାରେ ହୁଏ କ୍ଷୁର୍ଣ୍ଣ । (୪)

ତୁମ ସ୍ମୃତ କେବେ ଝଡ ବତାସ ଟେ
ଉଜାଡେ ପ୍ରେମର ବସା,
ପୁଣି ତୁମ ସ୍ମୃତ ଛଳନା ରାଇଜେ
ଭେଦ କରେ ହୃଦ ଆଶା । (୫)

ତୁମ ସ୍ମୃତ କେବେ ସଞ୍ଜର ଗୋଧୂଳି
ବାହୁଡେ ଲୋତକ ଧାରା,
ପୁଣି ତୁମ ସ୍ମୃତ ଗୋଲାପ ବଗିଚ୍ଚ
ଛଳନା କଣ୍ଟା ରେ ଭରା । (୬)

ତୁମ ସ୍ମୃତ କେବେ ଜଳନ୍ତା ଅଗ୍ନି ଟେ
ଜଳାଏ ନିସ୍ୱାର୍ଥ ପ୍ରେମ,
ପୁଣି ତୁମ ସ୍ମୃତ ଖଡ୍ଗର ଧାର ଟେ
ବିଶ୍ୱାସ ଛିନ୍ନ ତୁମ କାମ । (୭)

ତୁମ ସ୍ମୃତ କେବେ ମୃତ୍ୟୁର ଡାକରା
ରସି ଆଉ ବିଷ କାଚ,
ପୁଣି ତୁମ ସ୍ମୃତ ଏଣ୍ଡୁଅ ସଦୃଶ
ରୂପରେଖ ସବୁ ମିଛ । (୮)



ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବବ୍ରତୀ ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ନବ ଉନ୍ମାଦ

# ସମାଜ...



ଜୟଶ୍ରୀ କ୍ରାନ୍ତିପୂରଭି
ଯାଜପୁର

ଆଧାତ୍ମିକ ହୁଏ ଆଜି
ଅଧୁନିକତା ର ବଶ,
ଚତୁର୍ଦ୍ଦିଗ ରେ ଆଜି
ମଦମାଂସ ର ଶୋଷ ।

ନିଜପେଟ ଭାଇ ଆଜି
ପିଉଛି ସମ୍ପତ୍ତିର ବିଷ ,
ଭଗାରିଟେ ହୋଇ ଆଜି
ଦିଏ ନିଷ୍ଠୁର ଅଭିଶାପ ।

ସ୍ୱାର୍ଥ ଆଉ ଅର୍ଥ ଆଜି
ଧରୁଛି ସମ୍ପର୍କର ଦୋଷ ,
ଭଜନ କିର୍ତ୍ତନରେ ଆଜି
ପରଚର୍ଚ୍ଚା ଖାଲି ସରସ


ବନ୍ଧୁତ୍ୱ ନାହିଁ ସତ୍ ଆଜି
ଖାଲି ମିଛ ପ୍ରେମର ରସ ,
ସବୁଠି ଛଳନା ତ ଆଜି
ଏ ସମାଜର ଅବଶେଷ ।





ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୂତୀ ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/

# ମାଆ ଆସୁଛନ୍ତି...



ତୁଷାରକାନ୍ତ ବଳବନ୍ତରାୟ
ପାଇକବାରବାଟୀ,
ନରସିଂହପୁର, କଟକ



**ଶ**ରତ ଆକାଶେ କି ସୁନ୍ଦର ଦିଶେ

ଧଳା ମେଘ ମାଳମାଳ,
ପବନ ଝଙ୍କାରେ ବୀଣା ବଜାଉଛି
ଶ୍ୱେତ କାଶତଣ୍ଡି ଫୁଲ।

ଜଗତ ଜନନୀ ସ୍ୱାଗତ ପାଇଁକି
ଚାଲିଛି ପ୍ରସ୍ତୁତି ପର୍ବ,
ପ୍ରକୃତି ନେଇଛି ଅଭ୍ୟର୍ଥନା ଭାର
ଚଳଚଞ୍ଚଳ କି ସର୍ବ।

ସୂର୍ଯ୍ୟ କିରଣ ରେ ହସେ କୁମୁଦିନୀ
ଧାନ କ୍ଷେତ ଆହ୍ଲାଦିତ,
ବୃକ୍ଷରାଜି ପତ୍ର,ଫୁଲ,ଫଳ ଭରା

ହୋଇଛି କି ଆଚ୍ଛାଦିତ।

ପକ୍ଷୀ ଗୀତ ଗାଇ ଉଡ଼ଇ ଆନନ୍ଦେ
ଆଶ୍ୱିନ ର ଆକାଶରେ,
ବସୁମତୀ ପିନ୍ଧି ସବୁଜିମା ପାଟ
ସତେ ଚିକିମିକି କରେ।

ମାଆ ଆସିବେ ଯେ ଦଶମୀ ତିଥିର
ସଂହାରିବେ ସେ ଯେ ଦୈତ୍ୟ,
ଅସତ୍ୟ ଉପରେ ସତ୍ୟର ବିଜୟ
ଭାଙ୍ଗିବ ସବୁ ଔଦ୍ଧତ୍ୟ।


ଆସ ଆସ ମାତା ମୋହର ଜନନୀ
ତୁମ ଆଗମନେ ମହୀ,
ଅପରୂପ ସୌନ୍ଦର୍ଯ୍ୟ ରେ ହୋଇଛି କି
ଆଜି ପୁଲକିତ ଏହି ।






ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବବୃତୀ ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ନବ ଉନ୍ମାଦ

# ଟୁପୁର ଟାପର...



**ତ୍ରିନାଥ ନନ୍ଦୀ**
ଦେଉଳିପଞ୍ଚୁଘଣ୍ଟା ,ଜଳେଶ୍ୱର,
ବାଲେଶ୍ୱର

**ଟା**ଳକୁ ଲାଗି ଟାଳ ଟାଣ ଛପର ,
ବାରିଦ ଟୋପା ର  ଟୁପୁରୁ ଟାପର ।।
ଦେଖ ସଡକେ ଯାତ ଛପର ଯାନ ,
ଠପ୍ ହୋଇ ଯାଏ ମଟର ବାହନ ।।
ସଡ଼କରେ କ୍ଷୁଦ୍ର ମାଳ ଝର ମାନ ,
ମନରେ ଗଢେ  ଲହର ଘନ ଘନ ।।
ଚଷା ହସ ପୁଲକ ଫୁଟେଇ ସେଇ ,
ବାରି ଟୋପା ଅବିରତ ଯାଏ ବହି ।।
ବ୍ୟବସାୟୀ ମନ କନ ଛନ ମନ ,
ଗରାଖ ଶୁନ ମଳି ଯାଏ ବଦନ ।।
ଶୁଖିଯାଏ ଆଲୁଅ କିରଣ ମାନ ,
ବିଦ୍ୟୁତ ଆଲୁଅ ତ ଯାୟୁଲ୍ୟ ମାନ ।।
ପାଗ ଦେଖି ଜିଭା ଦିଏ ଲେଉଟାଣି ,
ହାଣ୍ଡିଶାଳୁ  ବାଷ୍ପ ବାସ୍ନା ବହିଲାଣି ।।
ଚାଳ ତଳେ ତଳେ  ଖଟି ବସିଲାଣି ,
ମୁଖେ ଘନ ହସ  ସ୍ୱର ଶୁଭିଲାଣି ।।
ଗଛରୁ ପତର ତ ଝଡି ଗଲାଣି,
ମଳି ଧୁଳି ଯେତକ ଧୋଇଗଲାଣି ।।
ବାରିଦ ଟୋପା ଝର ନଯାଏ ସରି ,
ସରିବ ସ୍ୱାଦ ମନ ଯାଏ ଉଛୁରି ।।



malharmagazine@gmail.com
8328951229
MalharMagazine/
Malhar_Magazine/
www.MalharOdia.com



ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୂତୀ ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ନବ ଉନ୍ମାଦ

# ପାନ ପତୁରୀ ଭାରି ଚତୁରୀ...



ତାରାପ୍ରସାଦ ଜେନା
ରାଜ ରଣପୁର,ନୟାଗଡ଼

**ପା**ନ ପତୁରୀ ଭାରି ଚତୁରୀ
ମାରୁଛୁ ଆଖି ବୁଲି,
ତତେ ଅଠର ମତେ ବାଇଶି
ଏଥର ଚଲୁ ବୋଲି ...
ପାନ ପତୁରୀ ଭାରି ଚତୁରୀ
ମାରୁଛୁ ଆଖି ବୁଲି...! ୦ !

ବେଣୀ ତୋହର ଭିଡ଼ିଲା ମାତ୍ରେ
ଧରିବୁ ନାହିଁ ମତେ,
ଯଦି ଧରିଲୁ ରାଗିବୁ ନାହିଁ
କଥାକୁ ଦିଏ ସତେ...
ତୋର ହସରେ ହସିବି ସିନା
ଡାକିବି ତତେ ଗେଲି...
ପାନ ପତୁରୀ ଭାରି ଚତୁରୀ
ମାରୁଛୁ ଆଖି ବୁଲି... ! ୧ !



ତୋର ବେଣୀରେ ଖଞ୍ଜିବି ଫୁଲ
ଓଠରେ ଦେବି ଚୁମା,
ମିଛରେ ଆଉ ଫୁଟିବୁ ନାହିଁ
ପ୍ରେମରେ ହୋଇ ବୋମା...
ତୋର ସ୍ନେହକୁ ବୁଝିବି ଏକା
ସୁଖରେ ଯାହା ହଲି...
ପାନ ପତୁରୀ ଭାରି ଚତୁରୀ
ମାରୁଛୁ ଆଖି ବୁଲି... ! ୨ !

ଘର ଭିତରେ ରଖିବି ତତେ
ସଜାଇ ମନ ରାଣୀ,
ତୋର ଲାଗି ମୁଁ ଜାଣିବୁ କେତେ
ହେଇଛି ମହା ଗୁଣୀ...
ଫଗୁ ଫଗୁଣେ ରଙ୍ଗ ଖେଳିବା
କହିବୁ ନାହିଁ ମଲି...
ପାନ ପତୁରୀ ଭାରି ଚତୁରୀ
ମାରୁଛୁ ଆଖି ବୁଲି... ! ୩ !



ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବବୃତୀ ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ନବ ଉନ୍ମାଦ



**ଆଚାର୍ଯ୍ୟ କ୍ଷିତୀଶ ଜେନା**
କଣ୍ଟିଗଡ଼ିଆ, ଧର୍ମଶାଳା,
ଯାଜପୁର

## ବନ୍ଧୁ...

**ଉ**ତ୍ସବରେ ତଥା ଦୁର୍ଭିକ୍ଷ ବେଳରେ
କଳହ କାଳେ ବା ନ୍ୟାୟ ନିଶାପରେ
ଅଥବା ଆତ୍ମୀୟ ଚାଲିଗଲେ କେହି
ଶ୍ମଶାନରେ ପାଖେ ଆପେ ପହଞ୍ଚଇ
ସ୍ୱାର୍ଥ ଅବା ସର୍ତ୍ତ ଯା'ମନେ ନଥାଏ,
ପ୍ରକୃତ ବନ୍ଧୁର ପଦବାଚ୍ୟ ସିଏ ।
କାମ ସାରି ଯେବେ ନିରୋଳା ହେଉ,
ବନ୍ଧୁ ସାଥେ ଗପି ଆନନ୍ଦ ପାଉ ।
ବନ୍ଧୁ ଚିହ୍ନେ ସତେ ବନ୍ଧୁର ମନ,
ଭଲ ବନ୍ଧୁଟେ ପାଇବା ପ୍ରଭୁଙ୍କ ଦାନ ।

ବନ୍ଧୁ ବିରୁଦ୍ଧରେ ଶୁଣନି କଥା,
ବନ୍ଧୁ ମନେ କେବେ ନଦିଅ ବ୍ୟଥା ।
ଭଲ ବୁଝାମଣା ରହିଲେ ଶ୍ରଦ୍ଧା,
ବନ୍ଧୁତ୍ୱ ବଳିଷ୍ଠ ରହେ ସର୍ବଦା ।
ବନ୍ଧୁମିଳନ ଯେ କରୁ ଖୁସିରେ ,
ବନ୍ଧୁ ସ୍ଥାନ ସଦା ଏ ହୃଦୟରେ ।





ଗୁରୁ ବ୍ରହ୍ମା, ଗୁରୁ ବିଷ୍ଣୁ, ଗୁରୁଦେବ ମହେଶ୍ୱର,
ଗୁରୁ ସାକ୍ଷାତ ପରମବ୍ରହ୍ମ, ତସ୍ମୈଶ୍ରୀ ଗୁରୁବେ ନମଃ ।।



ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୂତୀ ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ନବ ଉନ୍ମାଦ

# ଅନନ୍ୟା...



**ତୋଷା ରାଣୀ ସାହୁ**
ଆମ୍ବଗଡ, ବ୍ରହ୍ମପୁର

ଚୁଲ୍ ବୁଲି ସେ କଅଁଳ ପ୍ରଜାପତି
ଡେଣା ନ ଥିବା ସେ କୁହୁକ ପରୀ,
ନିଜ ଇଛାରେ ସେ କିଛି କରିପାରେ ନା
ଇଛାକୁ ମାରି ଅନ୍ୟ ର ମୁଁହ ରେ ଦିଏ ସେ ହସଭରି ...
ଠିକ୍ ମାଆ ଙ୍କ ପରି...

କୋହକୁ ଲୁଚାଇ ମନରେ କହ ଭରି,
ଶରତ ଋତୁର ପତ୍ର ଝଡା ପରି ସେ ସ୍ନେହ ଦିଏ ଭରି...
ସବୁ କୁହନ୍ତି ତାକୁ ତୁ ଅଲୋଡ଼ା ଆମ ଘର ପାଇଁ
କିନ୍ତୁ ସେ ହୋଇଥାଏ ପ୍ରକୃତିରୁ ଦୁହିତା
କେବେ କଳା ଟିକିଲି ରେ ସେ କିଶୋରୀ...
ଆଉ ଲାଲ୍ ସିନ୍ଧୁରରେ ପୁଣି ସେ ନାରୀ...

କେବେ ସେ ହୋଇଯାଏ ସୂର୍ଯ୍ୟଙ୍କ କିରଣ ପରି ତାତି,
ଆଉ କେବେ ପୁଣି ସେ ଶୀତ ରାତିର ଉଷୁମ ତାତି...
କେବେ ସେ ବାସି ମଉଳି ଯାଇଥିବା ଫୁଲ ,
ଆଉ କେବେ ପୁଣି ସେ
ବାସ ର ରାତି ର ରଜନୀ ଗନ୍ଧା ର ଫୁଲ ...

ଯିଏ ପୁଣି ମାଆ ପଦକୁ ଦୁଇବର୍ଷ ରେ ଶିଖେ,
ସେ ବିବାହ ର ଦୁଇବର୍ଷ ରେ ମାଆ ହେବା ର ସ୍ୱପ୍ନ ଦେଖେ...
କେବେ ସେ ରଜର ରଜଃ ଶିଳା କନ୍ୟା...
ପୁଣି କେବେ ସେ ଆଶ୍ୱିନ କୁଆଁରୀ କନ୍ୟା...



ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୂତୀ ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/

# ଶେଷ ଶ୍ରାବଣ ର ଚିଠି...



**ଶୁଭଲକ୍ଷ୍ମୀ ରାୟ**
ବାଲିବିଲ,ବରୀ,
ଯାଜପୁର

**ଦି**ନ ପାଖ ପାଖି ୧୨:୩୦। ମୁଁ ଆଉ ମୋର ଜଣେ ସାଙ୍ଗ,ଦୁହେଁ ମିଶି କଲେଜ୍ ଯାଉଥିଲୁ। ଆମେ ଦୁହେଁ ଥିଲୁ ରେଭେନ୍ସା ବିଶ୍ୱବିଦ୍ୟାଳୟ ର ଛାତ୍ରୀ। ସେଦିନ ଥିଲା ବୁଧବାର ଆଉ ଆମର ଜୁଲୋଜୀ ପ୍ରାକ୍ଟିକଲ୍ ଥିଲା। ଯାଇ ଠିକ୍ କଲେଜ୍ ରେ ପହଞ୍ଚିଲା ବେଳକୁ ଜାଣିଲୁ ଯେ ଆଜି ବର୍ଷା ପାଇଁ କ୍ଲାସ୍ ସୁସ୍ପେଣ୍ଡ ହେଇଯାଇଛି। ଦୁହେଁ ଭାବିଲୁ ଆସି ତ' ସାରିଲିଣି। ଏବେ ବର୍ଷା ରେ ଓଦା ବି ହେଇ ଯାଇଛୁ । ହଷ୍ଟେଲ ଫେରିଲା ବେଳେ ଆଉ ଟିକେ ଓଦା ହେଇକି ଯିବୁ। ହେଲେ ମୋ ସାଙ୍ଗ ସୋନା କହିଲା କି ନାଇଁ,ମୁଁ ଓଦା ହେବିନି। ତା କଥା ଶୁଣି ତାକୁ ମୋ ବ୍ୟାଗ୍ ଆଉ ଫୋନ୍ ଦେଇ ଦେଇ ଚାଲିଗଲି ଓଦା ହେବାକୁ। ଆମ ରେଭେନ୍ସା କଲେଜରେ କୋଉ ମହାନଦୀ ଠୁଁ କମ୍ କି। ଟିକେ ବର୍ଷା ହେଲେ ଆଣ୍ଠୁ ଯାଏ ପାଣି ହେଇ ଯାଏ। ଚିଡା ଟା ବହୁତ୍ ଲାଗେ , ବେଳେ ବେଳେ ମଜା ବି ଲାଗେ।
ଛୋଟ ଛୁଆ ଟେ ପରି ମୁଁ ଦୌଡ଼ି ଯାଇ ସେ ପାଣି ରେ ଓଦା ହେବାକୁ ଲାଗିଲି। କିଛି ସମୟ ପରେ କାହା ପାଟି ଶୁଭିଲା, ସେ କହୁଥିଲେ,``ଏଇ, ବର୍ଷା ରେ ଓଦା ହୁଅନି। ସେପଟେ ଯିବନି ଅଧିକା ପାଣି ଅଛି, ଗୋଡ଼ ଖସିବ ଦେଖିକି ଯାଅ। "ଜାଣିନି, ହେଲେ ସ୍ୱର ତ କାଇଁ ଭାରି ନିଜର ନିଜର ଲାଗୁଥିଲା। ଚେଷ୍ଟା କଲି ତାଙ୍କ ମୁହଁ ଦେଖିବାକୁ,ହେଲେ ସେ ଛତା ଟା ଯେମିତି ଆମ ଭିତରେ ପାଚେରୀ ହେଇ ଛିଡା ହେଇଥିଲା। ତାଙ୍କ କଥା ମାନି ଅବଶ୍ୟ ମୁଁ ଚାଲି ଆସିଲି, ହେଲେ ସେ କଥା ଭାବି ଭାବି ଆସିଲା ବେଳେ ଆମ ରେଭେନ୍ସା ର ପଛ ଗେଟ୍ ପାଖ ଡ୍ରେନ୍ ରେ ଗୋଡ଼ ମୋଡ଼ି ହେଇ ଦୁଲ୍ କରି ପଡ଼ିଗଲି। ମୋ ସାଙ୍ଗ, ଉଠେଇବ କଣ!! ଦାନ୍ତ କୁ ଦେଖେଇ ଖି ଖି କରି ହସୁଛି। ମୁଁ ବି ନା'ଉଠି ସେଠି ବସି ହସୁଛି। ହଟାତ୍ କେହି ଅଜଣା ହାତ ଟେ ମୋ ଆଡ଼କୁ ବଢେଇ ଦେଇ କହିଲେ, ଆରେ ଏବେ ତ ଉଠିପଡ଼,କହୁଥିଲି ନା ସେପଟେ ଦେଖିକି ଯିବ,ଗୋଡ଼ ଖସିବ, ପାଣି ଅଧିକ ଅଛି। ମୁଁ ମୋ ହାତ ଟା କୁ ତାଙ୍କ ଆଡେ ବଢେଇ ଦେଲି, ଆଉ ଉଠିକି ଛିଡ଼ା ହେଲି। ସେ ପୁଣି ମୋ ସାଙ୍ଗ କୁ କହିଲେ ତମେ ବି ତାଙ୍କୁ ନ ଉଠେଇ ହସୁଛ। ମତେ ପୁଣି ପଚାରିଲେ , ତମେ ଠିକ୍ ଅଛ ନା। ମୁଁ ସବୁ ଶୁଣୁଥିଲି। ହେଲେ ସତେ ଯେମିତି ମୁଁ ଆଉ କୋଉଠି ହଜି ଯାଇଥିଲି। ପୁଣି ଥରେ ପଚାରିବା ରୁ ତରବର ମୁଁ ହଁ ବୋଲି ଜବାବ ଦେଇ ସେଠୁ ଚାଲି ଆସିଲି। ଆଉ, ହଷ୍ଟେଲ ରେ ପହଞ୍ଚି ଧୁଆଧୋଇ ହୋଇ ଗରମ ଗରମ କପେ ବ୍ଲାକ୍ କଫି ବନେଇ ମୋ ବେଡ୍ ଉପରେ ଯାଇ ବସିଲି। ଝରକା ପାଖ ଜଗା, ଝରକା ରୁ ବାହାରକୁ ଝାଙ୍କି ମୁଁ ବର୍ଷା ଆଉ କଟକ ରାସ୍ତା ର ମହୋଲ ଦେଖୁଥିଲି। ଆଉ ପୁଣି ମୋ ଆଖି ଆଗକୁ ଆସିଲା ସେ ଚେହେରା। ଦୂର ଦିଗବଳୟ ର ସୂର୍ଯ୍ୟ ପରି ସେ ସୁନ୍ଦର, ଆଖି ରେ ୨ଟି' ନାଇଁ ନାଇଁ ୩ କି ୪ ଟି ସମୁଦ୍ର ବି ବୁଡି ଯିବେ। କଥା ତ' ନୁହେଁ, ମହମ୍ମଦ ରଫି ଙ୍କ ଗଜଲ୍। ଦୂର ଆକାଶ ଚାନ୍ଦ ର କିରଣର ପରି ତାଙ୍କ ସ୍ପର୍ଶ ର ଶୀତଳତା। ସେ ଅପୂର୍ବ ଅନୁଭବ ଲହଡ଼ି ସତେ ଧୋଇ ନେଇ ଯାଉଥିଲା ମୋ ସବୁ ବାଧା କୁ। ଏମିତି ସେଦିନ କଥା ଭାବି ରାତି ସରିଗଲା। ସକାଳୁ ମୁଁ ପୁଣି ଥରେ ତାଙ୍କୁ ଦେଖିବା ର ଆକାଂକ୍ଷା ନେଇ ସଜବାଜ ହେଇ କଲେଜ୍ ବାହାରି ଗଲି। ସବୁ ଦିନ ପରି ଚୁଟି ରେ ବେଣୀ ନ' ପାରି ଚୁଟି କୁ ମୁକୁଳା କରି,ଆଖିରେ କଜ୍ଜଳ ଆଉ ମଥାରେ କଳା ଟିକିଲି ଟେ ଲଗେଇ ବାହାରିଗଲୁ। ମନେ ମନେ ଭାବୁ ଥାଏ ଆଜି ତାଙ୍କୁ ଟିକେ ଦେଖି ପାରନ୍ତି କି ! ଭଲ ହୁଅନ୍ତା। ମନ ଜାଣି ଫଳ ଦେଲା ପରି ଠିକ୍ ଆମ ଇଷ୍ଟ-ହଷ୍ଟେଲ ର ଗେଟ୍ ପାଖେ ତାଙ୍କୁ ଦେଖିଲି। ମନ ମୋର ଭାରି ଖୁସି। ସାଙ୍ଗ କୁ କଲ୍ କରିବା ବାହାନା ରେ ମୁଁ ଆଉ ମୋ ସାଙ୍ଗ ସେଠି କିଛି ସମୟ ଛିଡ଼ା ହେଇ ଗଲୁ। ସେ ତାଙ୍କର ଜଣେ ସାଙ୍ଗ ସହ କଥା ହେଉଥିଲେ, ଆଉ ତାଙ୍କ ନଜର ପଡ଼ିଲା ଆମ ଉପରେ। ଆମେ ତାଙ୍କୁ ଆମ ଆଡେ ଆସୁଥିବାର ଦେଖି ଟିକେ ଆଗକୁ ଚାଲିଗଲା



ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବବ୍ରତୀ ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
ମହ୍ଲାର
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ନବ ଉନ୍ମାଦ

ବେଳେ, ପୂର୍ବଥର ପରି ସେ ଡାକିଲେ,' ଏଇ, ଶୁଣିଲ। ସେ ଆମ ସିନିୟର୍। ତାଙ୍କ କଥା ଶୁଣି ଅଟକି ଗଲୁ। ଆସି ପଚାରିଲେ, ଏବେ ଠିକ୍ ଅଛ? ପାଟି ରୁ ମୋ ଶବ୍ଦ ସବୁ ଶୂନ୍ୟ ହେଲାପରି ଲାଗିଲା। ଖାଲି ହଁ କହି ଚୁପ୍ ହେଇଗଲି। ପୁଣି ସେ କହିଲେ, Ok, ଯାଇକି କ୍ଲାସ୍ ସାରକି ଆସ। Bye।

ଆମେ ଦୁଇଜଣ ସେଠୁ ଚାଲିଗଲୁ। ହେଲେ ମୁଁ ମନେ ମନେ ଭାରି ଖୁସି। ହଜାରେ ଫୁଲ ଯେମିତି ହୃଦୟ ବଗିଚା ରେ ଏକାଥରେ ଫୁଟି ଉଠିଲା ପରି ଲାଗୁଥିଲା। ଏତେ ଦିନ ଭିତରେ, ମୁଁ ମୋ ସିନିୟର୍ ମାନଙ୍କୁ ଭାଇ ଭାଇ କହି ଡାକେ, ହେଲେ ସେଦିନ ମୋ ମନ ତାଙ୍କୁ ଭାଇ ଡାକିବାକୁ ବଳିଲାନି। କାହିଁକି କେଜାଣି ? ସବୁଦିନ କ୍ଲାସ୍ ଥାଉ ଥାଉ କଲେଜ୍ ଯାଉଥିଲି, ଖାଲି ତାଙ୍କୁ ଦେଖିବାକୁ। ପାଠ ପଢା ରେ ଭଲ ଥିଲି। ତ ମତେ ଆମ ସାର୍ ମାଡ଼ମ ମନେ ଜାଣିଥିଲେ। ଥରେ ବ୍ଲଡ ଡୋନେସନ ଉପରେ speech ଦେବାକୁ ମତେ କହିଲେ, ଆଉ ସେଠି ସେ ମଧ ଉପସ୍ଥିତ ଥିଲେ। ମତେ ଭାରି ଖୁସି ଲାଗିଲା। କଲେଜ୍ ରୁ ଫେରିଲା ବେଳେ ସମସ୍ତେ ରକ୍ତଦାନ ଶିବିର ର ପାମ୍ପଲେଟ୍ ବାଣ୍ଟୁ ଥିଲେ। ସେ ଆସି କହିଲେ,ଆଉ କାଲି ବ୍ଲଡ ଡୋନେଟ୍ ପାଇଁ ଆସିବ ନା ?? ଜାଣିନି କଣ ପାଇଁ, ତାଙ୍କ ପାଖେ ମୁଁ ହଜି ଯାଏ, କଥା ପଦେ ବି କହି ପାରେନି। ହଁ ବୋଲି କହି ଚାଲି ଆସିଲି। ପରଦିନ ସକାଳୁ ଉଠି ରେଡି ହୋଇ ଚାଲିଗଲି ରକ୍ତ ଦେବାକୁ। ସେ ଥିଲେ ସେଠି ଆଉ ମତେ ସାଙ୍ଗରେ ନେଇ ଭିତରକୁ ଗଲେ। କିଛି formalities ପୂରଣ କରିବା ପରେ ପାଳି ଆସିଲା ହାତରେ ଛୁଞ୍ଚି ଫୋଡ଼ିବାର। ସେଦିନ ମୁଁ ଏକା ହିଁ ଯାଇଥାଏ, ମତେ ଡର ଲାଗୁଥାଏ ,ଜଣେ ଦିଦି ଆସି ମୋ ହାତ ଧରିଲେ ଆଉ ଛୁଞ୍ଚି ମୋ ହାତରେ ଫୋଡ଼ିଦେଲେ। ମତେ ସେ ହସି ହସି କହୁଥିଲେ,ଏତେ କଣ ଡ଼ରୁଛ ମ??  ମୁଁ ବି ତାଙ୍କୁ ଦେଖି ହସିଦେଲି। ଏମିତି ବାସ୍ କିଛି ଦିନ ଗଲା। ତା ପରେ ଆମ EXAM  ଆରମ୍ଭ ହେଲା। ପଢା ପଢ଼ି ଭିତରେ ଆଉ କଲେଜ୍ ଗଲିନି ମୁଁ। ସେତେବେଳେ ତାଙ୍କ ସହ ଯୋଗାଯୋଗ କରିବାକୁ କେବଳ କଲେଜ୍ ଛଡ଼ା ଆଉ କିଛି ମାଧ୍ୟମ ନଥିଲା। କିଛି ଦିନରେ ପରୀକ୍ଷା ସରିଲା। ପରୀକ୍ଷା ବେଳେ ବି ମୁଁ ତାଙ୍କୁ ଦେଖିନି। ସମୟ ଆସିଲା ମୋର କଟକ ଛାଡ଼ିବାର। ମନେ ମନେ ତାଙ୍କୁ ବହୁତ୍ ଖୋଜୁଥିଲି। ହେଲେ ଆମ ଭିତରେ ସେମିତି କିଛି ନଥିଲା , କି ଦୁହେଁ ଦୁହିଁ ଙ୍କ ଖବର ରଖିବୁ। ଶେଷ ପରୀକ୍ଷା , ସେଦିନ ଶନିବାର ଥିଲା। ବାୟୋଲୋଜି ର ପରୀକ୍ଷା ଥିଲା। ସରିଲା ପରେ ସାଙ୍ଗ ମାନଙ୍କ ସହ ମଜା ମସ୍ତି କରି ସେଠି ଫୁଲ ବଗିଚା ପାଖେ ଟିକେ ଯାଇ ବସିଲି। କେବଳ ଗୋଟେ ଆଶା ରେ, କି ତାଙ୍କ ସହ ଦେଖା ହେଇଯିବ। ପାଖାପାଖି ଘଣ୍ଟା ଟେ ବିତିଗଲା। ଆଉ ତାଙ୍କ ଦେଖା ନଥିଲା। କଲେଜ୍ ରୁ ସବୁ ପିଲା ସେତେବେଳକୁ ଗଲେଣି। ଖାଲି ସେଠି ଥିଲୁ ମୁଁ ଆଉ ମୋ ସାଙ୍ଗ। ନିରାଶ ହେଇ ଯେତେବେଳେ ମୁଁ ୪ପାଦ ଚାଲିବାକୁ ଲାଗିଲି ହଟାତ୍ ଅଦିନିଆ ମେଘ ହେବା ଆରମ୍ଭ ହେଲା। ଦେହରେ ଗୋଟେ ଅଲଗା ପ୍ରକାର ଶିହରଣ ଖେଳିଗଲା। ସେଇ ବର୍ଷା ଟୋପା ଗୁଡାକ ସବୁ ଗରଜି ଗରଜି କହୁଥିଲେ, "ଏଇ, ଦେଖିକି ଯିବ । ସେପଟେ ଯିବନି। ଅଧିକା ପାଣି ଅଛି,ଗୋଡ଼ ଖସି ଯିବ।" ଆଖିରୁ ଯୋଉ ଲୁହ ଦୁଇ ଧାର ଆସିଲା , ସେ ଲୁହ ବି କହୁଥିଲା, ନେ ଖୋଜୁଥିଲୁ ଯାହାକୁ ତାକୁ ପାଇଗଲୁ। ଆଉ ମୁଁ ମୋ ଆରମ୍ଭ ହେବାକୁ ଥିବା କାହାଣୀ କୁ ଆଖିରୁ ଢାଳି ବରଷା ରେ ସେଦିନ ଧୋଇ ଦେଇ ଆସିଲି । ଆଉ ପରଦିନ ମୁଁ ହଷ୍ଟେଲ ଛାଡି ଚାଲି ଆସିଲି ଘରକୁ। ଯୋଉ ଶ୍ରାବଣ ର ପହିଲି ମେଘ ରେ ମନ ଓଦା ହେଇଥିଲା, ଅଦିନିଆ ସେଇ  ବର୍ଷା ଧୋଇ ହୋଇ ଚାଲିଗଲା।

ବୋଧେ ଏଟା ଥିଲା ମୋ ଶ୍ରାବଣ ର ଶେଷ ଚିଠି।



ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବବ୍ରତୀ ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ମହ୍ଲାର ନବ ଉନ୍ମାଦ

# ଛାଡ଼ି ଗଲ କି କିଛି...



ବିଶ୍ୱ ରଞ୍ଜନ ସ୍ୱାଇଁ
ବଡମ୍ବା,କଟକ

**ଯୁକ୍ତ** ତିନି ଶେଷ ଦିନ ହୋଇଥିଲା ସଭା ଆୟୋଜନ,
ଶେଷ ହେଲା ପରେ ଖାଦ୍ୟ ପାନ୍ୟ,
ପଚାରୁଛନ୍ତି ଛୋଟ ଭାଇ ଭଉଣୀ,
ଛାଡି ଗଲ କି କିଛି ଆଉ ?
୫ ବରସ ର ସାଙ୍ଗ ସାଥି,
ପୁଣି କେତେ ମିଠା ସ୍ମୃତି,
ଖାତା କଲମ ରହିଲା ଛାର
କିଏ ପଚାରେ ଆଉ ।। (୧)

ଉଚ୍ଚଶିକ୍ଷା ପାଇଁ ଘର ଛାଡ଼ି ଆସୁଥିଲି
ଯେବେ ଭୁବନେଶ୍ୱର,
ଆସିଲା ବେଳେ ମାମା ପଚାରେ ଛାଡ଼ିଗଲୁ କି କିଛି ଆଉ,
ବାଇଶି ବର୍ଷ ର ସ୍ନେହ ସମ୍ପର୍କ,
ଗାଁ ରେ କେତେ ଜାନି ଜାତ,
ପିନ୍ଧା ଜାମା ରହିଲା କେତେ,
କିଏ ପଚାରେ କାହୁଁ ।। (୨)



ଚାକିରି କରିଥିଲି ଯେଉଁଠି,
ଶେଷ ଦିନ ଦିନେ ଥିଲା ସେଇଠି,
ମୋ ପାଇଁ ସଭା ଆୟୋଜନ,
ସଭା ଶେଷରେ ସହ କର୍ମୀ ପଚାରନ୍ତି
ଛାଡ଼ି ଗଲ କି କିଛି ଆଉ ?
ଗୋଟେ ବର୍ଷ ର ସେଇ ସ୍ମୃତି,
କାମ ପ୍ରତି ଥିବା ସେଇ ପ୍ରୀତି,
ରହିଲା ଛାର କଲମ ଟିଏ,
କିଏ ପଚାରେ ଆଉ।। (୩)

ସ୍କୁଲ ସାଙ୍ଗ ସାଥୀ ମିଶି,
ଭୋଜି କରୁଥିଲୁ ହସି ହସି,
ଫେରିଲା ବେଳେ ସାଙ୍ଗ ପଚାରେ,
ଛାଡ଼ି ଗଲେ କି କିଛି ?
ଆଜିର ଏଇ ସ୍ମୃତି ସବୁ,
ସ୍କୁଲ ବେଳ ର କାହାଣୀ ସବୁ,
ଲୁଣ,ମସଲା ଛାର ଜରି କୁ କିଏ ପଚାରେ ଆଉ ।।



ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବବୃତୀ ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ନବ ଉନ୍ମାଦ

## ହେ' ମଣିଷ...



**ଦେବ୍ରାଜ୍ ରଣା**
ଚାଉଳଡ଼ିଆ, ଲାଠୋର,
ବଲାଙ୍ଗୀର

**ମା**ଟି ପିଣ୍ଡ ଦିନେ ମାଟିରେ ମିଶିବ
ମରଣ ନିଆଁରେ ପୋଡ଼ି,
ଯୁଇର ଧୂଆଁ ଟା ଆକାଶେ ଉଡ଼ିବ
ଶ୍ମଶାନ ଘାଟକୁ ଛାଡ଼ି ।

କରମ ଯେବେ ଧରମେ ଯୋଡ଼ିବ
କଙ୍କାଳ ବେଶକୁ ଧରି,
ରକ୍ତ ମାଂସ ହାଡ଼ ସବୁ ଜଳିଯିବ
ପାଉଁଶ ଚିତାରେ ହାରି ।

ଛ'ଖଣ୍ଡ କାଠକୁ ପାଲିଙ୍କି ସଜା
ଫୁଲ ଚନ୍ଦନ ବାସେ,
ବାସ ତ ଚହଟିବ ବାସ ଦୁଆରେ
ଆପଣା ରହିଲେ ପାଶେ ।

ଧଳା ଚାଦରକୁ ଅନ୍ଧାର ଦୁନିଆଁ
ଅନ୍ଧାର ଜାଲରେ ପଶି,
ଆତ୍ମା ବାହୁନିବ ଶରୀର ଯାତନା
ଉଡ଼ା ଆକାଶେ ଭାସି ।

ମରଣ ଯନ୍ତାରେ ଦେହ ଛାଡ଼ିଯିବ
ରଖି କେତେ ଅବଶୋଷ,
ଅମୃତ ବଚନ ଅମର ରହିବ
କଟୁ ବାକ୍ୟ ସବୁ ବିଷ ।
" ହେ ମଣିଷ" ହେ ମଣିଷ"...





ଏକ ନୂତନ ଆଶାରେ ପ୍ରାଣ ସଞ୍ଚାର...



ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୂତୀ ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ନବ ଉନ୍ମାଦ

# ସପନ ର ଉପନ୍ୟାସ...



ଶ୍ୱେତପଦ୍ମା ବିଶ୍ୱାଳ
ପୁରୀ

**ଅ**ର୍ଦ୍ଧ ନୀମିଳିତ ନୟନେ ମନ କାନଭାସରେ
ଆଙ୍କେ ସୁନାଝରା ସପନ,
ନିରୁତ୍ତର ସତ୍ତାରେ ହୃଦୟ କରେ ନିରବଛିନ୍ନ
ନୀରବ ବିଶ୍ଳେଷଣ ।
ସପନ ପାରାବାରେ ଆବେଗ ଜୁଆରେ
ଶକ୍ତଧକ୍କା ଯେବେ ଖାଏ ଏ ମନ,
ଅବଗୁଣ୍ଠିତା ରାତ୍ରିର ନିଶିଥ ପ୍ରହରେ ଲେଖେ
ମୁଁ ଏକ ଉପନ୍ୟାସ ସପନ।
ସଜଳ ନୟନେ କଜ୍ଜ୍ୱଳ ମାଖି ସପନ ମୁଲକେ
ଯେବେ ରଖେ ମୁଁ ପାଦ,
ସପନ ଉପନ୍ୟାସ ରେ ମନ କାନଭାସରେ
ହୀରକ ହର୍ମ୍ୟ ସାଉଁଟିବାର ଖେଦ।
ସପନ ସାମିଆନା ର କୋଣାର୍କେ ଏଇ ମନ
ଚନ୍ଦ୍ରଭାଗା ରେ ସାଜିଛି ଧର୍ମପଦ,
କାଳ୍ପନିକ ସପନ ଉପନ୍ୟାସର ପୃଷ୍ଠା ନ ଗଣି
ପାରି ହୃଦୟ ଆଜି ଅବସାଦ।
ନିୟତି ଅସ୍ତରାଗେ ନିଶିଥ ପ୍ରହରେ ଯେବେ
ହୃଦୟ କନ୍ଦରେ ଗୁଞ୍ଜରିତ ହୁଏ
ଅତୀତ ସ୍ମୃତି ର ଶବଦ,



ମୋ କଲମ ସ୍ୟାହି କବିତା ର ପ୍ରେୟସୀ ସାଜି
ଲେଖିଯାଏ ସପନ ଉପନ୍ୟାସ ର
କେତେ ଯେ ଫର୍ଦ୍ଦ ।
ସୁପ୍ତକୋଷ ଧାରେ ମନ କାନଭାସେ ଲୁହର
ଶ୍ରାବଣ ସ୍ୟାହି ରେ ଅତୀତ ସ୍ମୃତି ବାହି
ଲେଖିଛି ମୁଁ ସପନ ର ଉପନ୍ୟାସ,
ପାଠକ ପ୍ରାଣେ ଭେଦି ପାଠକଙ୍କୁ କଲା ଯେବେ
ଅଶ୍ରୁସିକ୍ତ ,ଅନୁଭବ ହେଲା ଏଇ
ଉପନ୍ୟାସ ପାଇଲା ସତେ ଜୀବନ୍ୟାସ।



ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବବୃତୀ ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ନବ ଉନ୍ମାଦ

# ଚିଠି ଲେଖା ସରିନି...



**କୃଷ୍ଣଚନ୍ଦ୍ର ବାରିକ**
ସାରସମାଲ, ସୁବର୍ଣ୍ଣପୁର

**ବୁ**ଢ଼ୁରା ବୟସ ତନୁ ତା ଅବଶ ତଥାପି ଲେଖେ ସେ ଚିଠି,
ସ୍ମୃତିର ଦାରୁଣ ଦଂଶନ ଜ୍ୱଳନେ ଫାଟି ଯାଇଛି ତା ପିଠି |
ଏକା ଏକା ବସି କାନ୍ଦି ପୁଣି ହସି ପ୍ରିୟା ଭଲମନ୍ଦ ପୁଛେ ,
ଯନ୍ତ୍ରଣା ଜହର ପିଇ ନୀଳକଣ୍ଠ ଆହୁରି ପିଇବା ଇଛେ |
ଯୌବନ ଜୁଆର ବାର୍ଦ୍ଧକ୍ୟ ବତାସ ସବୁତ ସହିଛି ଚାଳ ,
ଯୋଗ ବିଯୋଗର ବାଗୁଡି ଖେଳରେ ଜିତି ବି ହୋଇଛି ହାର |
ଦେଖିଛି ଅନେକ ଧ୍ୱଂସ ଲୀଳା ଏଠି ଖଳନାୟକର ବାଜି ,
ଦେଖିଛି ନୟନେ ନିରେକ୍ଷି ମଗନେ ଇଷାରା କରଇ କାଜୀ|
ନବ ପଲ୍ଲବିତ କୁସୁମ ରାଜିତ ଅଦିନେ ଯାଇଛି ଝଡି ,
ଉଲକାର ପିଣ୍ଡ ହୋଇ ଖଣ୍ଡ ଖଣ୍ଡ ପୃଥ୍ୱୀକୁ ଆସିଛି ମାଡି |

ଗଗନ ପଟଳେ ମାଛ ଚିହ୍ନ ଦିଶି ପଥରେ ପିଆଏ ପାଣି ,
ନିସଙ୍ଗ କେଦାରେ ନବୀନ ଶୃଙ୍ଗାରେ ଲେଖକ ମାତିଛି ପୁଣି |
ନିଜକୁ ପଚାରେ ନିଜ ଅଜାଣତେ କି ବୋଇଲା ପ୍ରିୟା ମୋର ,
ଭଲରେ ଅଛି ତ ସୁଖରେ ଅଛି ନା ମୋ' ପ୍ରେମର ସୌଦାଗର |





ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବବୃତୀ ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ନବ ଉନ୍ମାଦ

# କବିର କଲମ କହେ ମନ କଥା...



**ସୁଜିତ କୁମାର ମିଶ୍ର**
ଜନାର୍ଦ୍ଦନପୁର ଶାସନ,
କେନ୍ଦୁଝର


କବିର କଲମ  କହେ ମନ କଥା
   କଷଟି ପଥରେ ଚାଲି,
ସାହସୀ ଯୋଦ୍ଧା ସେ  ସାରା ସଂସାରରେ
   ବିରୋଧାଭାସକୁ ଭୁଲି ।
ନିଛକ ସତ୍ୟର ଆଲୋକ ବର୍ତ୍ତିକା
   କବିଟିଏ ଅନ୍ତରରେ,
ପଦଲେହନର କ୍ରୀତଦାସ ନୁହେଁ
   କ୍ଷମତାର ଲାଳସାରେ ।
କବି ଛାତିତଳ  ସପନରେ ଭରା
   ଅସରନ୍ତି ଜହ୍ନରାତି,
ବିଶ୍ୱହିତ ପାଇଁ  କବିତାରେ ଖୋଜେ
   ମାନବ ବାଦର ଗୀତି ।
କଟୁ ସତ୍ୟର ସେ  ଚିର ଆବାହକ
   ଦରଦୀ ଦର୍ପଣ ସ୍ୱର,
ଲାଞ୍ଛିତ ହୋଇ ବି  ଲକ୍ଷ୍ୟପଥ ତାର
   ବୃହତ୍ତର ନିର୍ବିକାର ।
କବି କବିତାର ସ୍ରଷ୍ଟା ନୁହେଁ ଖାଲି
   କରୁଣାର କଳ୍ପବଟ,
ବ୍ୟକ୍ତ କରେ ସବୁ  ଅବ୍ୟକ୍ତ ଘଟଣା
   ବାହି ଜୀବନର ଘଟ ।
ବିବେକପଣର  ଚନ୍ଦନ ଧାରା ସେ
   ସବୁରି ଆଖିର ଲୁହ,
ଭିଜାଭିଜା ଭାବ  ଝରୁଥାଏ ହୋଇ
   ଅଶାନ୍ତ ସାଗର ସୁଅ ।
କବି ନୁହେଁ କେବେ  ଆପଣା ସ୍ୱାର୍ଥରେ
   କାଷ୍ଠ ପାଷାଣର ମୂର୍ତ୍ତୀ,
ସେ ତ ଚିରକାଳ ଚରମ ସିଦ୍ଧାନ୍ତ
   ଚନ୍ଦ୍ରମାର ଯଶ କିର୍ତ୍ତୀ  ।
ଜାଗ ଜାଗ କବି କଲମ ମୂନରେ
   ଜଗତର ହିତ ପାଇଁ,
ହେଉ ମନର ସେ  ଅଙ୍କୁରିତ ଭାବ
   ଅନ୍ତରଙ୍ଗତାର ଭୂଇଁ ।





ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୂତୀ ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ନବ ଉନ୍ମାଦ

# ହେ ଆଶୁ ତୁମେ ପୂର୍ଣ୍ଣ ପ୍ରାୟ ସୃଷ୍ଟି...



**ସୋନାଲୀ ସ୍ୱାଇଁ**
ସାକ୍ଷୀଗୋପାଳ, ପୁରୀ

ହେ ଆଶୁ... ତୁମେ ପୂର୍ଣ୍ଣ ପ୍ରାୟ ସୃଷ୍ଟି
ଧନ୍ୟ ତୁମର କର୍ମ,
ମନରେ ରଖିନ ଛନ୍ଦ କପଟ
ବୁଝିଛ ଅସଲି ମର୍ମ।।
ପରୀ ରାଇଜର ଭାବନା ତୁମେ
ରୂପରେ କଳ୍ପିତ ହୋଇଛ,
ସୁନ୍ଦରତା ତୁମ ଶରୀରେ ନ ରଖି
ହୃଦୟେ ସାଇତି ଦେଇଛ।।
ସ୍ନେହାବୋଳା କଥା ଶାନ୍ତ ସ୍ୱଭାବେ
ମୋହି ନେଇଥାଅ ମନ,


ଜୀବନ ଜଞ୍ଜାଳେ ଥକିନାହଁ କେବେ
ଦୁର୍ବଳ କରି ମନ।।
ପବନ ଖେଳରେ ଫୁଲଟିଏ
ଯେପରି ଲହରୁ ଥାଏ,
ସେହିପରି ତୁମ ହସରେ
ମୋ ପ୍ରତି ସ୍ନେହ କୁ ମୁଁ ଦେଖୁଥାଏ।।
ସ୍ୱୀକାର କରିଛ ଦୃଢ଼ମନା ହୋଇ
ଭୁଲ୍‌ବୁଝାମଣା ହେଉ ଯେତେ,
ମନେ ଦମ୍ଭ ଧରି କରିଅଛ ପଣ
ନ ଛାଡ଼ିବ୍ କେବେ ମତେ।।
ଜାଣି ନାହିଁ ଯାହା ମୁଁ ତୁମ ପାଇଁ ଭାବେ
ତୁମେ ତାହା ଅନୁଭବ କର କି ନାହିଁ,
ସତ ତ ଏଇଟା ତୁମ୍ ଆଖିରଲୁହ ଛାଡିର କଷଣ ଦେଖି
ସହି ନ ପାରଇ ମୁହିଁ।।
ଜୀବନ ବାଟରେ ବହୁତ ଦୁଃଖ
ଆସିଛି ଏହି ମୋଡରେ,
ତୁମ ଭୁଲ୍ ଥିଲେ ବି କାହିଁକି
ତୁମକୁ ଛାଡ଼ିବାକୁ ଆଜି ଯାଏ ମନ ହେଇ ନାହିଁ କେବେ।।
ଏମିତି ସଂପର୍କ ବାନ୍ଧି ହେଇଥାଉ
ଆମ ଦୁଇ ଜଣଙ୍କ ଭିତରେ,
ସବୁବେଳେ କଥା ବାର୍ତ୍ତା ନ ହେଲେ ବି
ତୁମ ପାଇଁ ଭଲପାଇବା, ସ୍ନେହ, ଚିନ୍ତା
ଥିବ ସବୁବେଳେ ମୋ ମନରେ।।





ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୂତୀ ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ନବ ଉନ୍ମାଦ

# ସରଗ କହୁଛି ଆ' ଲୋ ନଈ...



**ସୀମାଞ୍ଚଳ ପଣ୍ଡା**
ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ
ଡେଙ୍ଗାଡି, ଗଞ୍ଜାମ

**ନି**ତି ତୋତେ ଚାହିଁ ଅନେକ ଭାଳଇ
ମନ କଥା ମୋର ନ ପାରେ କହି,
'ସରିତ' ଲୋ ଶୁଣ 'ସରଗ' ବଚନ
ଆକର୍ଷଣେ ତୋର ହୁଏ ମୁଁ ଦହି ।

ବହି ଯାଉ ତଳେ ସାଗରେ ବ୍ୟାକୁଳେ
ଶାଶ୍ୱତ ପ୍ରେମର ବିଧାନ ବଳେ,
ଉର୍ଦ୍ଧ୍ୱ ଦେଶୁ ଦେଖି ରହେ ମୁହିଁ ଲାଖି
ଭାବରେ ବିହ୍ୱଳ ହୁଏ ସେ କାଳେ ।

ମୋ ପୁରକୁ ଆସି ଯାଆନ୍ତ କି ମିଶି
ସରଗ ସୁଖକୁ ଅଙ୍ଗେ ନିଭାଇ?
ନିତି ତୋତେ ଚାହିଁ ଅନେକ ଭାଳଇ
ମନ କଥା ମୋର ନ ପାରେ କହି।

ସରିତ ସାଗର ବିଧାତାର ଡୋର
ବନ୍ଧା ବୋଲି ସତ୍ୟ ଶାଶ୍ୱତ ପ୍ରେମ,
ତୋର ମୋର ଭାବ ଦର୍ଶନୁ ଉଦ୍ଭବ
ବୃଥା ସିନା ଏତ ମନର ଭ୍ରମ ।



ସରିତ ବୋଲଇ ସମାନ୍ତରେ ରହି
ମିଶିପାରେ କେବେ ସରଳ ରେଖା,
ସୂର୍ଯ୍ୟ ଚନ୍ଦ୍ର ସଙ୍ଗେ ପଦ୍ମ କଇଁ ଅଙ୍ଗେ
ମିଳନ୍ତି ଭୂତଳେ ଦିଏ କି ଦେଖା ।

ଭାବ ଥିଲେ ପ୍ରେମ ହୁଏ ଅନୁପମ
ଅଭାବେ ସ୍ୱଭାବେ ନିରସ ସେହି,
ସରିତ ଲୋ ଶୁଣ ସରଗ ବଚନ
ଆକର୍ଷଣେ ତୋର ହୁଏ ମୁଁ ଦହି ।

ଯିଏ ଯହିଁ ରହୁ ବନ୍ଧୁ ଭାବ ବହୁ
ଶାଶ୍ୱତ ବନ୍ଧନେ ସଭିଏଁ ବନ୍ଧା,
ସେବା ମନୋଭାବ ନ ହେଉ ଅଭାବ
ଭବ ସଦା ଭବୁ ସୌମ୍ୟା ସୁଗନ୍ଧା ।



ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୂତୀ ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/

## ମାଁ ଦଶଭୁଜା...



**ଶ୍ୱେତ ସ୍ୱିନୀ ମହାନ୍ତି (ସୋନି)**
ସାକ୍ଷୀଗୋପାଳ, ପୁରୀ

ତ୍ରିଶୂଳ ଧାରିଣୀ  ମନ୍ଦାର ମଣ୍ଡିନୀ
ଖର୍ପର ଧାରିଣୀ ମାଆ,
ଦୁର୍ଗତି ନାଶିନୀ  ମହିଷା ମର୍ଦ୍ଦନୀ
ସିଂହ ରେ ବସିଛୁ ମାଆ ।।

ଦଶଭୁଜା ଅଟେ  ନାମଟି ତୋହର
ଅଗ୍ନି ରୁ ତୁହି ତ ଜାତ,
ଘୋର ସଙ୍କଟରେ ସାହା ତୁହି ମାଁ
ମୁଣ୍ଡରେ ରହୁ ତୋ ହାତ ।।

ପୁରାଣ ବର୍ଣ୍ଣିତ  ଯାହା ଅଛି କଥା
ମହିଷାସୁର ଯେ ପାଇଁ,
ପାପର କଳସୀ ଚୂର୍ଣ୍ଣ କରି ବାକୁ
ଆସିଲୁ ଧରା କୁ ଧାଇଁ ।।

ଆଶ୍ୱିନ ମାସରେ  ଆସିଲୁ ଧରାକୁ
ନବରୂପ ବେଶ ଧରି,
ତୋହରି ନାମରେ ଷୋଳପୂଜା ଏଠି
ଭିନ୍ନ ଭିନ୍ନ ପିଠ  ହୁରି ।।

ପ୍ରଥମେ ଦିବସେ  ଶୈଳପୁତ୍ରୀ ମାତା
ବ୍ରହ୍ମଚାରିଣୀ ଦ୍ୱିତୀୟା,
ତୃତୀୟ ଦିବସେ  ଚନ୍ଦ୍ର ଘଣ୍ଟା ତୁହି
ମାଆ ତୁହି ମହାମାୟା ।।

ଚତୁର୍ଥ ଦିବସେ  କୁଷ୍ମାଣ୍ଡ ରୂପ ତୁ
ପଞ୍ଚମ ରେ ସ୍କନ୍ଦ ମାତା,
ଷଷ୍ଠେ କାତ୍ୟାୟନୀ ଧରିଅଛୁ ବେଶ
ସପ୍ତମେ କାଳୀ ତୁ  ମାତା ।।

ଅଷ୍ଟମୀ ତିଥିରେ  ଗୌରୀ ତୁହି ଲୋ
ନବମୀ ରେ ସିଦ୍ଧି ଦାତ୍ରୀ,
ନବରାତ୍ରୀ ତୁହି   ପୂଜା ପାଉଅଛୁ
ତୁହି ପରା ବିଦ୍ୟାଦାତ୍ରୀ ।।

ଜଗତ କଲ୍ୟାଣ   ରକ୍ଷା କବଚ ତୁ
ଆସିଅଛୁ ମର୍ତ୍ତ୍ୟ ଧାଇଁ,
ସଭିଙ୍କୁ ଘୋଡ଼େଇ  ରଖିଥା ମାଆଲୋ
ପଣତରେ ଆଶ୍ରା ଦେଇ ।।





ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୂତୀ ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ନବ ଉନ୍ମାଦ


# ବେଳାକୁମାରୀ ମୁଁ ବାଲୁକା ଶେଯରେ...




**ହରିଶ୍ଚନ୍ଦ୍ର ବେହେରା**
କଲ୍ୟାଣ ନଗର,
ବାଲେଶ୍ୱର -୧

ବେଳାକୁମାରୀମୁଁ ବାଲୁକା ଶେଯରେ
ଶୋଇଥାଏ ମନ ମାରି,
ଲମ୍ପଟ ନାଗର ମିଠା ସପନ କୁ
ନିତି ଆସି କରେ ଚୋରି ।୦।

କୁନି କୁନି ବାଲି କଙ୍କଡା ଆଖିରୁ
ସ୍ନେହ ପଡୁଥାଏ ଝରି,
ମୋ ଶାଢି ପଣତେ ନିତି ଆଙ୍କୁ ଥାଆନ୍ତ
କୁଟି କମ କାରିଗରି...
ଅଗଣନ କେତେ କାହା ପାଦ ଚିହ୍ନ
ରଖିଛି ଏ ଦେହ ଧରି ।୧।



ମୋତି ମାଳା କହି ସାଗର ଦେଇଛି
ନିର୍ଜୀବ ଶିପ ଶାମୁକା,
ବୋକି ଝିଅଟିଏ କେମିତି ଜାଣନ୍ତି
ପ୍ରେମିକ ଦେଉଛି ଧୋକା
ଭୁଲେଇ ଭାଲେଇ ନିତି ଫେରିଯାଏ
ମିଛ ଆଲିଙ୍ଗନ କରି ।୨।

ଦିନ ଆସେ ପୁଣି ଦିନ ଚାଲିଯାଏ
ଲାଗିଛି ଜୁଆର ଭଟା,
ସରିଯାଇଅଛି ବେପାର ବଣିଜ
ଭାଙ୍ଗିଛି ଜାତିର ଅଣ୍ଟା ...
ସ୍ମୃତିର ସ୍ମାରକୀ ସେଦିନ ଗୌରବ
ଲୁହେ ଯାଏ ଆଖି ଭରି ।୩।

ଦୂର ସାଗରରୁ ପବନ ଆସିଣ
ମୋତେ ଧୀରେ ଯାଏ ଛୁଇଁ,
ଝାଉଁବଣ କାନେ କି କଥା କହଇ
ଶୁଭେ ଖାଲି ସାଇଁ ସାଇଁ...
ହଜି ଯାଇଥିବା ପିଲାଦିନକୁ ମୁଁ
ନିଇତି ହୁଅଇ ଝୁରି ।୪।



ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୂତୀ ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ନବ ଉନ୍ମାଦ

# ବୁଲିବି ବୋଉର କାଖରେ...



**ଶିଶିର କୁମାର ପଣ୍ଡା**
କୁଆଁସ , ମେରଦା କାଟିଆ , ଯାଜପୁର



**ଖୋ**ଜିଲେ ମିଳୁନି ବୋଉ ଡାକ ଏବେ
ହଜି ଗଲାଣି ମୋ ଗାଆଁରେ,
ଆଜିକା ପାଠୁଆ ଖୁସି ହେଉଛନ୍ତି
ଡାକିଦେଇ ମମି ନାଆଁରେ ।
ବାପା ଡାକ ଏବେ ଚୁଲୀକି ଗଲାଣି
ଡାଡି ଡାଡି ବୋଲି ଶୁଭୁଛି,
ଆମର ସାହେବି ଢଙ୍ଗରୁ ଏସବୁ
ଆଧୁନିକତାରେ ଡୁବୁଛି ।
ଉସୁନା ଅରୁଆ ପିଠା ହେଉନାହିଁ
ସଙ୍ଗେ ସଙ୍ଗେ ପିଜା ଆସୁଛି,
ହଳଦୀପତର ଏଣ୍ଡୁରୀ ଜାଗାରେ

ବରଗର ଭାରି ବାସୁଛି ।
କେଜାଣି ଆମର ଗାଆଁଟା ଲାଗୁଛି
କେବେଠୁ ସହର ସହର,
ପବନ ଲାଗୁନି ଆଗପରି ଆଉ
ଗୋଳେଇ ହେଲାଣି ଜହର ।
କିଏଦେବ ମତେ ଫେରେଇ ସେ ଦିନ
ଏବେ ଯାହାନାହିଁ ପାଖରେ,
ହସିବି ଖେଳିବି ଛୋଟ ଛୁଆହୋଇ
ବୁଲିବି ବୋଉର କାଖରେ ।








ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୂତୀ ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ନବ ଉନ୍ମାଦ

# ପ୍ରତୀକ୍ଷାର ପ୍ରତିଧ୍ୱନି...



**ବେଣୁଧର ସୂତାର**
କେଶଦୁରାପାଳ, କେନ୍ଦୁଝର

**ପ୍ର**ତୀକ୍ଷାର ଏଇ ନିଃଶବ୍ଦ ପ୍ରହରେ
ତନ୍ଦ୍ରା ଭିଜା ଆଖି ତଳେ,
ମନ ହୃଦୟର ଅନ୍ତରାଳେ କେତେ
ମହୁଆ ଚମକ ଖେଳେ...
ଗାଏ ତୁମ ଆବାହନୀ
ହେଲେ ମୋ ମନର ବ୍ୟାକୁଳତା ତୀରେ
ପ୍ରତୀକ୍ଷାର ପ୍ରତିଧ୍ୱନି.... ।୦।

ଅନେକଜନ୍ମର ତପସ୍ୟାରେ ମୋର
ମେଣ୍ଟିନାହିଁ ଅବସାଦ,

ମନ ସପନର ମିଠା ଭାବନାରେ
ପଡ଼ିନାହିଁ ପୂର୍ଣ୍ଣଚ୍ଛେଦ ...
ସାଜି ପ୍ରୀତି ଅଭିମାନୀ ,
ତୁମରି ପ୍ରେମର ପୁଣ୍ୟ ପରିଧିରେ
ମୁଁ ଯେ ଚିର ତପସ୍ୱିନୀ ...
ପ୍ରତୀକ୍ଷାର ପ୍ରତିଧ୍ୱନି........।୧।



ପିଆସୀ ମନର ପ୍ରିୟତମ ମୋର
ଆସୁଛ ସପନେ ତୁମେ ,
ଭାବଆବେଗରେ ରୋମାଞ୍ଚ ଭରୁଛ
ଏ ଦେହର ପ୍ରତି ଲୋମେ ...
ସାଜେପ୍ରୀତି ସୁହାଗିନୀ ,
ଛୁଇଁ ଯାଏ ହୃଦ ସୀମା ସରହଦ
ଭାବ ରସ ମନ୍ଦାକିନୀ ...
ପ୍ରତୀକ୍ଷାର ପ୍ରତିଧ୍ୱନି.........।୨।

ତୁମେ ତ ଭରିଛ ଏମନ ସପନେ
ଶାଶ୍ୱତ ପ୍ରୀତିର ଗୀତି,
ପ୍ରେମ ପ୍ରଣୟର ପବିତ୍ର ସ୍ୱାକ୍ଷରେ
ରଚିବା ମଧୁର ସ୍ମୃତି ...
ଅନୁରାଗ ସୁଧା ଘେନି ,
ତୁମେ ଭାବକଳ୍ପ ମୋମନ ସଙ୍କଳ୍ପ
ମୁକ୍ତିତୀର୍ଥ ସଞ୍ଜୀବନୀ ...
ପ୍ରତୀକ୍ଷାର ପ୍ରତିଧ୍ୱନି..........।୩।



ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୂତୀ ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/

# ଋତୁପର୍ଣ୍ଣା...



**ରାଜେଶ୍ କୁମାର ସାହୁ**
ପାତ୍ରପଡ଼ା, ଅନୁଗୋଳ

**ମ**ଦନ ଋତୁରେ ହାୟେ ସିଏ ଋତୁପର୍ଣ୍ଣା ,
ଶରତର ସୌନ୍ଦର୍ଯ୍ୟରେ ସେ ଅଟେ ଅନନ୍ୟା ।
ବରଷା ରାଣୀର ସେ ଅନୁପମ ଛିଟା ,
ନିଦାଘ ଗ୍ରୀଷ୍ମ ତାତି ର ଲସି ଠୁ ବି ମିଠା ।

ଶୀତ ସକାଳର ସିଏ ମୋ କନ୍ୟାକୁମାରୀ ,
ହେମନ୍ତ ଋତୁରେ ସିଏ ମୋ ମନର ପରୀ ।
ରୂପ- ସୌନ୍ଦର୍ଯ୍ୟ ରେ ତାର ହେବ କିଏ ସରି ,
ଲାଜରେ ବି ମରି ଯାଏ ତା ରୂପେ ମୟୁରୀ ।

ହରିଣୀ ପରାୟେ ସିଏ ଚପଳା ଚଞ୍ଚଳା ,
ହଳଦୀବସନ୍ତ ପରି ଦିଶେ କେଡ଼େ ଗୋରା ।
ମୋତି ମାଣିକ୍ୟ ହସ ତା ରୂପେଲି ଓଠରେ ,
ଝଲସି ଯାଏ ଲଳନାର ଅଙ୍ଗଭଙ୍ଗୀରେ ।



ତା ଲାସ୍ୟହାସ୍ୟେ ସୁନେଲି ସକାଳର ଖରା ,
ଚମକି ଉଠେ ତାହାରି ଲାବଣ୍ୟ ପସରା ।
ମଳୟ ମରୁତ ଠାରୁ ଶୀତଳ ମାଧୁରୀ ,
ତା ସ୍ମିତହାସ୍ୟରେ କ୍ଷଣେ ମନ କରେ ଚୋରୀ ।

ସାତରଙ୍ଗୀ ଇନ୍ଦ୍ରଧନୁ ତା ମଥା ଓଢ଼ଣୀ ,
ମନ ନନ୍ଦନକାନନ ର ସିଏ ଇନ୍ଦ୍ରାଣୀ ।
ବୈଦୂର୍ଯ୍ୟରୁ ବଳି ମଧ ଅଟେ ସିଏ ଦାମୀ ,
ଧନ୍ୟ ହେଲା ଏ ଜୀବନ ହେଇ ତାର ପ୍ରେମୀ ।



ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତୀ ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ନବ ଉନ୍ମାଦ


# ତୁମ ଅପେକ୍ଷାରେ ଆଜି ବି'...



**ଜୟଶ୍ରୀ ମହାନ୍ତି**
ଗୋପାଳପୁର, ରେମୁଣା,
ବାଲେଶ୍ୱର

ପ୍ରତୀକ୍ଷାର ଗବାକ୍ଷ ଦେଇ
କେତେ ଆଉ ଅପେକ୍ଷା କରିବି,
କଳ୍ପନାର ଶଯ୍ୟାରେ ଶୋଇ ରହି
କେତେ ଆଉ ମନେ ପକେଇବି ।

ତୁମ ଲାଗି ଦିବସ ରଜନୀକୁ ଏକାକାର କରି
ପ୍ରତୀକ୍ଷାର ଦୀପାଳୀ ଜାଳି ବସିଛି,
ତୁମ ଲାଗି ନିଷ୍ଠୁର ସମୟମାନଙ୍କ ସହ
ସାଲିସ କରୁଛି ...
ଏବେ ବିରହ ବେଦନା ମୋର
ସମଗ୍ର ଶରୀରରେ କଣ୍ଟା ଭଳି
ଫୋଡିହେଇ ଯାଉଥିବାର ଅନୁଭବ କରୁଛି,
ତଥାପି ଅସରନ୍ତି ଅପେକ୍ଷାର ଆଶା ନେଇ ବସିଛି ...
ମନ କହୁଛି ତୁମେ ନିଶ୍ଚେ ଆସିବ ବୋଲି
ମାତ୍ର, କାହିଁ?
ମନରେ ତୁହାକୁତୁହା ପ୍ରଶ୍ନ ଉଠୁଛି?



ଏଇ ଦେଖୁନ.....
ଧେନୁପଲ ଘରବାହୁଡ଼ା ହେଲେଣି,
ପକ୍ଷୀମାନେ କେତେବେଳୁ ତାଙ୍କ ନୀଡ଼କୁ ଫେରିଆସିଲେଣି,
ଆକାଶର ପାହାଚରେ ଚିକମିକ ତାରାମାନେ
ଦୀପାଳି ଜାଳିଲେଣି,
ଆଉ କିଛି ସମୟ ପରେ ଚତୁଃଦିଗରେ ପୃଥ୍ୱୀ
ଅନ୍ଧକାରର କଳା ଚାଦର ଘୋଡ଼ି ଶୋଇପଡିବ
କିନ୍ତୁ ତୁମେ କହିଥିଲ ଅପେକ୍ଷା କରିବ,
ଚାହିଁ ରହିଥିବ, ମୁଁ ଫେରିବି ...
ଏବେ କିନ୍ତୁ ମୋର ଧୈର୍ଯ୍ୟର ପାହାଡ଼
ଧୀରେ ଧୀରେ ଖସିବାକୁ ଆରମ୍ଭ କଲାଣି...
ପ୍ରତି ମୁହୂର୍ତ୍ତରେ ତୁମ ଲାଗି ଅଣନିଃଶ୍ୱାସୀ ହୋଇପଡୁଛି
ଅପେକ୍ଷାର ଗଛରେ ଫୁଲଫୁଟି ମଉଳିଗଲାଣି...
ତଥାପି ପୁନଃ କଢିଟିର ଆଗମନର ସମ୍ଭାବନାରେ ଜିଇଁଛି
ବିଶ୍ୱାସ ଅଛି ତୁମେ ଫେରିବ ବୋଲି ...





ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୂତୀ ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ନବ ଉନ୍ମାଦ

## ଶୁଭ ଦୀପାବଳୀ...





**କମଳ ଲୋଚନ ବାଉଳ**
ଛତିଆ, ଯାଜପୁର

**ଆ**ସିଛି ଆସିଛି ଦୀପାବଳି
ପୂଜା ହୁଏ ଆଜି ମା' କାଳୀ।
ଭାଙ୍ଗି ରାବଣର ଅହଂକାର
ଫେରିଥିଲେ ଅଯୋଧ୍ୟା ସୁନ୍ଦର।
ଜାନକୀ ଲକ୍ଷ୍ମଣ କରେଣ ଧରି
ରାମ ଫେରନ୍ତି ଅଯୋଧ୍ୟା ନଗରୀ।

ଆସିଛି ଆସିଛି ଦୀପାବଳୀ
ଘରେ ଛୁଟେ ଆଜି ବନ୍ଧୁ ମେଳି।
ଆଲୋକର ପର୍ବ ଦୀପାବଳି
ଗାଁ ଦାଣ୍ଡେ ଉଡ଼େ ଖୁସିର ଧୂଳି।
ଭରି ଦେଉ ଆଜି ମୁଖରେ ହସ
ନ ରହୁ କାହା ମନେ ରାଗରୋଷ।
ନ କାନ୍ଦୁ ଆଜି କାହାରି ହୃଦ
ନ ରହୁ ଜୀବନେ ଅବସାଦ।
ରାଗରୋଷ ସବୁ ଭୁଲି ଯାଅ
ଦିନଟିଏ ହେଲେ ଖୁସି ହୁଅ।



ଯଦି ମୋ ଦେଶ କୌଣସି ଅସୁବିଧା ର ସମ୍ମୁଖୀନ ହେଲା ତା ହେଲେ ମୁଁ ୧୫୦୦ କୋଟି ନୁହେଁ, ମୋର ସବୁ କିଛି ଦାନ ଦେଇ ପାରିବି....

(ବିଶିଷ୍ଟ ଶିଳ୍ପପତି ସ୍ୱର୍ଗତଃ ରତନ ଟାଟା)



ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୂତୀ ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ନବ ଉନ୍ମାଦ

# ମାନବ ସେବା ହିଁ ମାଧବ ସେବା...



**ନିକୁଞ୍ଜ କୁମାର ଘୋଷ**
ମାଧବପୁର, ଜଳେଶ୍ୱର,
ବାଲେଶ୍ୱର

ମାନବ ସେବା ହିଁ ମାଧବଙ୍କ ସେବା
ଜୀବନର ବ୍ରତ ଏହି,
ମାଧବ ଦର୍ଶନ ମାନବ ହୃଦୟେ
ପରମ କରମ ବହି ।।

ଗୀତାରେ ବର୍ଣ୍ଣିତ ଶ୍ରୀମୁଖ ନିସୃତ
ସର୍ବ ଘଟେ ନାରାୟଣ ,
ଜଳ ଅବା ସ୍ଥଳ ଦଶ ଦିଗ ଭାଗେ
ସର୍ବ ଶାସ୍ତ୍ରେ ଏହା ଜାଣ ।।

ଭୋକିଲା ପେଟକୁ ଅନ୍ନ ମୁଠାକ ଯେ
ମାଧବଙ୍କ କୃପା ପରି ,
ନର ସେବା କଲେ ତୁମ ହାତେ ନିତି
ପୂଜା ପାଉଥିବେ ହରି ।।

ଅନ୍ଧର ସାରଥି ଆଶା ବାଡିଟିଏ
ହୋଇବାକୁ ପଣ କର ,
ଦୁଃଖିଲା ମୁହଁରେ ଫୁଟାଇଲେ ହସ
ସାର୍ଥକ ଜନମ ନର ।।

ଅସହାୟେ ସାହା କରିଲେ ପାଇବ
କୋଟି ଜନମର ଫଳ ,
ଆଖିର ଲୁହକୁ ପୋଛି ତ ପାରିଲେ
ଅସହାୟ ପାଏ ବଳ ।।

ନିଃସ୍ୱାର୍ଥ ସେବାରେ ବ୍ରତୀ ହେଲେ ନର
ମାଧବ ଦର୍ଶନ ଲଭେ ,
ଜୀବନର ମାନେ ଯିଏ ବୁଝିଥାଏ
ପର ହିତେ ଥାଏ ଭବେ ।।







ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୂତୀ ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ମହ୍ଲାର
ନବ ଉନ୍ମାଦ

# ପିଲା ଦିନ...



**ସୁଧୀର ମେହେର**
ଟିଟେିଗୁଡା, ଜୁନାଗଡ଼,
କଳାହାଣ୍ଡି

**ସେ**ଦିନ ଆଉ କାହିଁ !!
ଝିପି ଝିପି ବର୍ଷାରେ ଭିଜି ଭିଜି
ଗାଁ ଦାଣ୍ଡରେ ଭଳିକି ଭଳି
କାଗଜ ଡଙ୍ଗା ଭସାଇବା ଦିନ !
କାହିଁ ଆଉ,
କଙ୍କି ପଛରେ ଗୋଡ଼େଇ ଗୋଡ଼େଇ
ଝାଳନାଳ ହେବାର ବେଳ!
ଦିନ ଦି'ପହରର ଟାଇଁ ଟାଇଁ ଖରାରେ
ଜାମୁକୋଳି ଗଛ ତଳେ ଦୋଳି ଫାନ୍ଦି

ଆ'ସଙ୍ଗାତ ତୋର ମୋର ମିତ ବସିବା
ଗୀତର ଆହ୍ଲାଦ !
ମିଛିମିଛିକା ଛ'ଭଜା,ନ'ଡିଅଣ
ପରଶି ଦେବାର ମଉଜ !
ଅବିକା,
କାହା ପାଖରେ ଫୁରସତ୍ ଅଛି ଯେ
ଏତେ କଥାକୁ !!
ଏବେ ତ ସମୟ ନିଅଣ୍ଟ ନିଜ ନିଜ
ଭିତରେ କଥା ହେବାକୁ....
ସଭିଏଁ ତ ମସଗୁଲ୍ ମୋବାଇଲ୍ ପ୍ରେମରେ....
ଦି'ଓଳି ଟିଉସନ୍ ପାଠରେ....
ଲାପଟପ୍ ର ଗୋଳକ ଧନ୍ଦାରେ.....
ନିଜ ନିଜ ଅଫିସ୍ କାମରେ,
ଦି ପଇସା କମେଇବା ଲୋଭରେ ।।



ଛୁଆ ନ ହେଉଣୁ
ଅବିକା ବାପା, ମା'ଙ୍କ ଆଖିରେ ମେଞ୍ଚାଏ ସ୍ୱପ୍ନ,
କେମିତି ପୁଅ/ଝିଅ ଭଲ ପାଠ ପଢି
ଭିଡ ଭିତରେ ଠିଆ ହେବେ,
ଥୋଡେ ଭଲ କମେଇବେ
ସ୍ୱାଚ୍ଛନ୍ଦର ଜୀବନଟିଏ ଜୀଇଁବେ ।।



କେତେ ବଦଳି ଗଲାଣି
ଆମ ମାନଙ୍କର ଚିନ୍ତାଧାରା !
ଆମେ ସବୁ କେତେ ବଦଳି ଗଲୁଣି ସତରେ !!



ମହ୍ଲାର
**ପ୍ରତିଷ୍ଠାତା/ସମ୍ପାଦକ :** *ଶିଶିର କୁମାର ସାମଲ,* **ସହ-ସମ୍ପାଦକ :** *ଆଦିତ୍ୟ ନାରାୟଣ ପତି,* **ସହ-ସମ୍ପାଦିକା :** *କ୍ଷୀରାବ୍ଧି ଦାଶ,* **ମୁଖ୍ୟ-ପରିଚାଳିକା :** *ଶିବଦୂତୀ ପାଣିଗ୍ରାହୀ,* **ଉପଦେଷ୍ଟା :** *ରଶ୍ମି ରଞ୍ଜନ ସାହୁ*
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ନବ ଉନ୍ମାଦ

# ଯୁଦ୍ଧ...



ଜ୍ୟୋତି ପ୍ରକାଶ ବେହେରା
ଡ଼ମଣା, ଚନ୍ଦ୍ରଶେଖରପୁର,
ଭୁବନେଶ୍ୱର

ଯୁଦ୍ଧ ହେଲେ ମଣିଷ ମରେ
ଗଛ ବି ମରେ ,ମାଛ ବି ମରେ
ଘର ଭାଙ୍ଗେ, ଅଣ୍ଟା ଭାଙ୍ଗେ
ଭାଙ୍ଗିଯାଏ ମଣିଷ ର ମଣିଷ ପଣିଆ
ଭାଙ୍ଗିଯାଏ ଆଲ୍ଲା,ଯୀଶୁ,ଭଗବାନ ଙ୍କ ଘର
ଅସହାୟ ହୋଇଯାଆନ୍ତି ଈଶ୍ୱର ମାନେ
ଉଗ୍ର ,ଅହଙ୍କାରୀ ମଣିଷ ମାନଙ୍କ ପାଖରେ ...
କଢ଼ି ସବୁ ମଉଳି ଯାଆନ୍ତି
ଝଡି ଯାଆନ୍ତି ଅକାଳରେ ଖାଦ୍ୟ ବିନା
ଶୁଖିଯାଏ ମା' ର ସ୍ତନ,ମରିଯାଏ ଶିରା ପ୍ରଶିରା
ଧୁଡୁ ଢୁଡୁ ଚମ, ଗଳି ପଡ଼ିଥିବା ଆଖି...
ମରୀଚିକା ପରି ଦେଖା ଯାଉଥିବା ଭବିଷ୍ୟତ



ଓଜାଡି ହୋଇ ପଡେ ପାଉଁଶ ଗଦା ଉପରେ
ଆଁ କରି ମାଡ଼ି ଆସୁଥିବା ପୂଳା ପୂଳା ନିଆଁ
ଭୟଙ୍କର ଶବ୍ଦ ରେ ଫାଟି ପଡୁଥିବା ବାରୁଦ
ସ୍ୱପ୍ନ ସବୁ ପାଣି ଫଟକା ପରି ତରଳି ଯାଆନ୍ତି...
ପ୍ରେମର ଦୁନିଆଟା  ଧୋଈ ସ୍ତୁପ ପରି ଦେଖାଯାଏ
କଲମ ଲେଖିବାକୁ ଅକ୍ଷମ ହୋଇ ଯାଏ
ସେହି ଉଗ୍ର ଅହଙ୍କାରୀ ଶାସକ ପାଖରେ
ଲେଖା ସବୁ ଜାଲୁ ଜଳୁଆ ଦିସନ୍ତି...
ସବୁ କିଛି ପ୍ରଭାବ ହିନ ହୋଇଯାଏ ଯୁଦ୍ଧ ପାଖରେ
ମଣିଷ ପଣିଆର ମୃତ୍ୟୁ ହୋଇ ସାରିଥାଏ
ମଣିଷ ମାରିବା ଖୁସିରେ
ମୁଁ ଆଉ ମୋର ସବୁର ଲଢେଇରେ
ମୃତ୍ୟୁ ବହୁତ ଛୋଟ ଦେଖାଯାଏ
ସବୁ ଦାୟିତା , ସବୁ ଅହାମିକା , ସବୁ ମୋର
ମୃତ୍ୟୁ କେବଳ ଯୁଦ୍ଧରେ ହିଁ ହେଇଥାଏ





ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବବ୍ରତୀ ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ମହ୍ଲାର ନବ ଉନ୍ମାଦ

# ବିଦାୟ ଦିଅ ଆଗୋ ସଜନୀ...



**ବିସ୍ମୟ ପ୍ରସାଦ ଜେନା**
ବ୍ରହ୍ମଗିରି,ପୁରୀ

୨୮ ମାର୍ଚ୍ଚ ୨୦୨୩।ସେଦିନ ଥିଲା କଲେଜରେ ଆମର ଶେଷ ଦିନ। ସାଙ୍ଗମାନଙ୍କ ସହିତ ଶେଷ ସାକ୍ଷାତକାର ଭିତରେ ବି ଭୁଲି ନଥିଲି ତୁମକୁ। ଏଇ ଦୁନିଆଁରେ ତମର ସିନା ଅସରନ୍ତି ସମ୍ପର୍କ ହେଲେ ମୋ ଦୁନିଆଁ କହିଲେ ମୁଁ ତୁମକୁ ବୁଝେ। ମନେ ପଡ଼ିଲା, ଦିନେ ଜ୍ଞାନଭାଇ ଦୋକାନ ଆଗରେ ଘଣ୍ଟା ଘଣ୍ଟା ଠିଆ ହେଇ ତୁମକୁ ଦେଖିବା ବାହନାରେ ତାର ବେପାର ବଢ଼ାଉଥିଲି। ହେଲେ ଆଜି ତ ଶେଷ ଦିନ,ଆଜି ଯଦି ଭଲରେ ଦେଖାକରି ପଦେ କଥା କହି ନପାରିବି ତାହା ହେଲେ ଆଉ ଏଇ ଜୀବନରେ କେବେ ନୁହଁ...



ମନରେ ସାହସ ଆସିଲା,ବାହାରି ଗଲି ବିଲ୍ଡିଂ ବାହାରକୁ। ଧିରେ ଧିରେ ଅଗ୍ରସର ହେଉଛି ଯେଉଁଠି ତମେ ଲଗେଜ ପାଖରେ ଠିଆ ହେଇ ସାଙ୍ଗମାନଙ୍କ ସହିତ ଅନ୍ତିମ ଆଳାପରେ ବ୍ୟସ୍ତଥିଲ। ବର୍ଚ୍ଛା ମାଡ଼ରେ ଘାଇଲା ହେଲାପରି ହଠାତ୍ ଶିହରୀ ଉଠିଲା ମୋ ଦେହ,ତମ ଆଖି ସାଥେ ଆଖି ମିଶିଗଲା ପରେ। ତା ପରେ ଆଉ ଯିବି କୁଆଡ଼େ? ସଞ୍ଜବେଳଟାରେ ମୋ ଦେହରୁ ଗମ୍ ଗମ୍ ଝାଳ ବାହାରିବାରେ ଲାଗିଲା। ମୋ ସାବନା ରଙ୍ଗର ଦେହଟା ବି ଲାଲ ପଡ଼ିଗଲା ଲାଜରେ,ଭୟରେ। କିଛି ବାଟ ନପାଇ ରାସ୍ତାକଡ଼ରେ ଲାଗିଥିବା ସୋ ଗଛର ଅବର୍ଦ୍ଧିତ ଡାଳ ଉହାଡରେ ଲୁଚିରହି ଦେଖିବାରେ ଲାଗିଲି ତୁମର ସେ ପିଲାଳିଆମି ଭରା ଚେହେରାକୁ।
ଜୀବନ ଯାକ ଏଇ ସ୍ମୃତିକୁ ନେଇ ବଞ୍ଚିବାର ଆଶାରେ ତମର ଛବି ଆଙ୍କୁଥିଲି ମନ କାଗଜରେ।


ଆଖିରେ ପଲକ ପଡୁନଥାଏ। ମନ କହୁଥିଲା ଚାହିଁ ରହିଥାନ୍ତି ସେମିତି ଅଚଳ ହେଇ। ହେଲେ ବିଧାତା ସହିଲାନି। ହଠାତ୍ ମନେ ପଡ଼ିଲା ପକେଟ୍ ରେ ସ୍କୁଟି ଚାବି ନାହିଁ। କଲେଜ ଠୁ ଘର ୧୦୦କିମି ରାସ୍ତା। ଧରି ଆସିଛୁ ଦୁଇଜଣ। ଚିନ୍ତାରେ ଖୋଜି ଚାଲିଲି ସେ ଚାବିକୁ କ୍ୟାମ୍ପସ ସାରା। ଖୋଜାଖୋଜି ଭିତରେ କେହି ଜଣେ କହିଲା ତମ ଗାଡ଼ି ବାହାରିଲା ବୋଲି। ବିଜୁଳି ବେଗରେ ଦୌଡ଼ି ଆସିଲି ଫ୍ରଣ୍ଟଗେଟ୍ ପାଖକୁ।ହେଲେ କାଇଁ ତମେ ତ ନଥିଲ। କିନ୍ତୁ ଅଦୂରରେ ଦେଖିଲି ତୁମ ଗାଡ଼ିଟା ଉଠୁଚି ରାସ୍ତା ଉପରକୁ। ଆଖି ଆଗକୁ ଦି ଧାର ଲୁହ ଆସି ସେ ଦୃଶ୍ୟକୁ ଅସ୍ପଷ୍ଟ କରିବାକୁ ଯାଉଥିଲା, ସଚେତ ହୋଇ ପୋଛିଦେଲା ତାକୁ ସାର୍ଟ ରେ। ସେତିକି ସମୟ ଭିତରେ ତମ ଗାଡ଼ି ରାସ୍ତା ଉପରକୁ ଉଠି ସାରିଥିଲା। ଆଉ ଧିରେ ଧିରେ ହଜିଗଲା ରାଜଧାନୀର ରାଜରାସ୍ତାରେ....

ସେତେବେଳେ ମନ ରେଡିଓରେ ଆପେ ଆପେ ବାଜି ଉଠିଲା,"ବିଦାୟ ଦିଅ ଆଗୋ ସଜନୀ,ଆଉ ଏ ଜୀବନେ କେବେ ଦେଖା ହବନି" ।



ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୂତୀ ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ନବ ଉନ୍ମାଦ

# ଶୂନ୍ୟ ମୁହୂର୍ତ୍ତ...



**ଇତିଶ୍ରୀ ଜାନା**
ଗୋଡ଼ା,ଜଗତସିଂହପୁର

**ଆ**ଜି ଶରତ ବାବୁ ବହୁତ ବ୍ୟସ୍ତ ହୋଇ ଅଫିସ ଚାଲିଗଲେ। ତାଙ୍କ ଅବସରକୁ ମାତ୍ର ୬ମାସ ବାକିଥିଲା,ବହୁତ କାମ ମଧ୍ୟ କରିବାର ଥିଲା। ବ୍ୟସ୍ତତା ଭିତରେ ସକାଳ ଜଳଖିଆ କରିପାରିଲେ ନାହିଁ। ସେଥିପାଇଁ ରୁହି ଆଜି ତାଙ୍କ ପାଇଁ ଲଞ୍ଚ ନେଇ ତାଙ୍କ ଅଫିସକୁ ଯାଇଥିଲା।

ରୁହି ହେଉଛି ଶରତ ବାବୁଙ୍କ ଏକମାତ୍ର ଝିଅ। ସେ +୩ ଦ୍ୱିତୀୟ ବର୍ଷରେ ପଢୁଥିଲା। ଦେଖିବାକୁ ବହୁତ ସୁନ୍ଦର। ପାଠରେ ସାଠାରେ ଗୁଣରେ ସବୁଥିରେ ସେ ନିପୁଣ। ଝିଅ ଭଳି ଝିଅଟିଏ ଗଢି ତୋଳିଥିଲେ ଶରତ ବାବୁ। ସେଥିପାଇଁ ବହୁତଆଡୁ ପ୍ରସ୍ତାବ ଆସୁଥିଲେ ମଧ୍ୟ ଝିଅ ବାହାଘର କରିବାକୁ ରାଜି ନଥିଲେ,କାରଣ ସେ ଝିଅକୁ ନିଜ ଗୋଡ଼ରେ ଠିଆ କରିବାକୁ ଚାହୁଁଥିଲେ। ଅର୍ଥାତ ପାଠପଢି ଚାକିରୀ କରି ନିଜ ସ୍ୱାଧୀନତାରେ ବଞ୍ଚିବାକୁ ସେ ପ୍ରୋତ୍ସାହନ କରିଥାନ୍ତି।

ସନ୍ଧ୍ୟାରେ ରେ ଶରତ ବାବୁ ଘରକୁ ଫେରିଲା ପରେ ଦେଖିଲେ ଅଜିତ ଶ୍ୟାମଳି ଦେବୀଙ୍କ ସହ ଯୁକ୍ତି କରୁଛି। ବୋଉ ମୋତେ ୧୦,୦୦୦ଟଙ୍କା ଦରକାର। କ୍ଲବ ଘର ମରାମତି ପାଇଁ ଚାନ୍ଦା ହୋଇଛି। ଶ୍ୟାମଳି ଦେବୀ- ବାପା ତୋତେ ବ୍ୟାଙ୍କରେ ଚାକିରୀ କରିବା ପାଇଁ commerce ପଢିବାକୁ କହିଲେ ,ତୋର ସେଥିରେ ରୁଚି ନଥିଲା ।ବାପାଙ୍କ ସହ ଝଗଡା କରି ତୋ ଇଛା ମୁତାବକ ତୋତେ ପାଠ ପଢିବାକୁ କହିଲି। ବାପାଙ୍କ ଠାରୁ ପଇସା ଲୁଚାଇ ତୋତେ ଖର୍ଚ୍ଚ କରିବାକୁ ଦେଲି। ତୋର ଗ୍ରାଜୁଏସନ କରିସାରିବା ପରେ ତୋତେ ଚାକିରୀ କରିବାକୁ କହିଲି ହେଲେ ତୁ ସେସବୁ ନ କରି ଗାଁର କ୍ଲବ ଘର ମରାମତି ପାଇଁ ପଇସା ମାଗୁଛୁ। ତୁ ଏମିତି କାଇଁ ହଉଛୁରେ ଧନ। ଅଜିତ- ବୋଉ ତୁ ବୁଝୁନୁ କଣ ପାଇଁ ପଇସାର ଆବଶ୍ୟକତା ଅଛି,ସେଥିପାଇଁ ତୋତେ ମାଗୁଛି। ବାପାଙ୍କୁ ମୁଁ ମାଗିପରିବି ନାହିଁ। ସେଥିପାଇଁ ତୋତେ ମାଗୁଛି। ଶ୍ୟାମଳି ଦେବୀ- ମୋ ପାଖରେ ୫୦୦୦ ଟଙ୍କା ଅଛି। ଯଦି ସେତିକି ନବୁ ତାହାଲେ ନେ। କିନ୍ତୁ ବାପାଙ୍କୁ ଏସବୁ କଥା ଯେପରି ଖବର ନ ହୁଏ। ଏସବୁ ଶୁଣି ଶରତ ବାବୁ ଟିକିଏ ହସିଦେଲେ ଓ ନିଜ ରୁମ ଭିତରକୁ ପ୍ରବେଶ କଲେ।

ଅଜିତ( ମନେ ମନେ-) ବୋଉ ମୋତେ ତୁ କ୍ଷମା କରିଦେବୁ ମୁଁ ମିଛ କହି ତୋ ପାଖରୁ ପଇସା ଆଣିଛି। ମୁଁ କୌଣସି କ୍ଲବ ଘର ମରାମତି ପାଇଁ ପଇସା ଆଣିନଥିଲି।ମଦନା ପାଖରେ ପଇସା ନାହିଁ ,ଘର ଚଳେଇବାକୁ ମଧ୍ୟ ପଇସା ନାହିଁ,ସ୍ତ୍ରୀ ପିଲାଛୁଆ ସବୁ ଭୋକ ଉପବାସରେ ଅଛନ୍ତି। ଅଥଚ ମଦନା ମୁହଁ ଖୋଲି କିଛି କହିପାରୁନାହିଁ।ସେଥିପାଇଁ ଏ ଟଙ୍କା ତାକୁ ଦେବାପାଇଁ ଆଣିଛି। କୌଣସି ଜିନିଷର ଆବଶ୍ୟକତା ପଡିଲେ ମୁଁ ତୋତେ ମାଗେ। ବାପାଙ୍କୁ ମାଗିବାକୁ ସାହସ ହୁଏ ନାହିଁ କାରଣ ବଡ ଭାଇ କରିଥିବା ଭୁଲକୁ ମୁଁ କରିବାକୁ ଚହେନାହିଁ। ଏମିତି ନହେଉ ବାପା ବଡଭାଇଙ୍କ ଭଳି ମୋତେ ଘରୁ ତଡିଦିଅନ୍ତୁ।

ଅଜିତ ବହୁତ ଦୟାଳୁ ଥିଲା। ସେ କାହା ଦୁଃଖ ମଧ୍ୟ ସହିପରେନାହିଁ। ଯିଏ ଦୁଃଖରେ ପଦେ କହିଦେଲେ ତା ପାଖରେ ଯାହା ଥାଏ ସେ ସବୁକିଛି ଦାନ କରି ଦେଉଥିଲା।ସେଥିପାଇଁ ଗାଁଲୋକ ତାକୁ ଭାରି ଭଲ ପାଉଥିଲେ। ଗାଁ ଲୋକଙ୍କ ଅନୁରୋଧରେ ଅଜିତ କ୍ଲବର ଲିଡର ଥିଲା।

କିଛି ଦିନ ପରେ.....

ଆଜି ଅଜିତ ଗାଁର କୌଣସି ଏକ କେସ ପାଇଁ ଥାନାକୁ ଯାଇଥିଲା। ଥାନାରେ ଥିବା କର୍ମଚାରୀମାନେ ଅଜିତକୁ ଦେଖି କଥାବାର୍ତ୍ତା ହେଉଥିଲେ। ୟେ ତ ହେଉଛନ୍ତି ଆମ ବଡ ବାବୁଙ୍କ ଭାଇ। ଏସମୟରେ



ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବବ୍ରତୀ ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ମହ୍ଲାର ନବ ଉନ୍ମାଦ

ଯେ ଏଠି କଣ କରୁଛନ୍ତି। ସେହି ସମୟରେ ଅରୁଣ ଆସି ପହଞ୍ଚିଲା। ଅରୁଣଙ୍କୁ ଦେଖି ସବୁ କର୍ମଚାରୀମାନେ ତାକୁ ସାଲ୍ୟୁଟ କଲେ। ଅରୁଣର ନଜର ଅଜିତ ଉପରେ ପଡ଼ିଲା। ସେ କାଳବିଳମ୍ବ ନକରି ଅଜିତ ନିକଟକୁ ଆସି ପଚାରିଲା। ଅଜିତ ତୁ ଏଠି କଣ କରୁଛୁ,କଣ ହୋଇଛି...?
ଅଜିତ ଅରୁଣଙ୍କୁ ଦେଖି କୁଣ୍ଢାଇ ପକାଇଲା ଓ ତା ଆଖିରେ ଲୁହ ଆସିଗଲା। ଏହା ଦେଖି ଅରୁଣ ମଧ ନିଜକୁ ଅଟକାଇ ପାରିଲା ନାହିଁ। ଦୁହେଁ ଦୁହିଁଙ୍କୁ କୁଣ୍ଢାଇ ପକାଇଲେ।କିଛି ସମୟ ପରେ ଅଜିତ କହିଲା ତୁମେ କିପରି ଅଛ..?ଭାଉଜ କିପରି ଅଛନ୍ତି..?ଅରୁଣ ଉତ୍ତରରେ କହିଲା ମୁଁ ବହୁତ ଭଲ ଅଛି। ତୋ ଭାଉଜ ମଧ ବହୁତ ଭଲ ଅଛନ୍ତି।ଆଉ ହଁ ତୁ ଦାଦା ହେବାକୁ ମଧ ଯାଉଛୁ। ଏକଥା ଶୁଣି ଅଜିତ ବହୁତ ଖୁସି ହୋଇଗଲା ଓ ଆଜି ମିଠା ନେଇ ଘରେ ସମସ୍ତଙ୍କୁ ଖୁଆଇବ ଓ ଖୁସି ଖବର ସମସ୍ତଙ୍କୁ ଜଣାଇବ।ଏପରି ବହୁତ କିଛି କଥାବାର୍ତ୍ତା ହେଲେ। ଶେଷରେ ଅଜିତ କହିଲା ଭାଇ ତୁମେ ଘରକୁ ଆସି ବାପାଙ୍କୁ କ୍ଷମା ମାଗିଲେ ବୋଧହୁଏ ସେ କ୍ଷମା କରିଦେବେ। ଏକଥା ଶୁଣି ଅରୁଣ ବହୁତ ମନଦୁଃଖ କଲା ଓ କହିଲା ନୀଚ ଜାତିରେ ବିବାହ କଲି ବୋଲି ବାପା ରାଗିନାହାନ୍ତି। ସେ ତାଙ୍କ ବନ୍ଧୁଙ୍କ ଝିଅ ସହ ବିବାହ କରିବା ପାଇଁ ସ୍ଥିର କରିସାରିଥିଲେ ହେଲେ ମୁଁ ତାଙ୍କ କଥା ନ ଶୁଣି ତୋ ଭାଉଜକୁ ବିବାହ କଲି। ତାଙ୍କ ସମ୍ମାନକୁ ମୁଁ ନଷ୍ଟ କରିଦେଲି। ସେଥିପାଇଁ ମୁଁ ଘରକୁ ଯାଉ ନାହିଁ। ଘରେ ସମସ୍ତେ କିପରି ଅଛନ୍ତି ଅରୁଣ ପଚାରିଲା।ଅଜିତ କହିଲା ସମସ୍ତେ ଭଲ ଅଛନ୍ତି। ରୁହିର ପାଠପଢ଼ା ସରିଲା ପରେ ବାପା ତା ବାହାଘର କରିବେ ବୋଲି ଚିନ୍ତା କରୁଛନ୍ତି। ଏସବୁ ଶୁଣି ଅରୁଣ କହିଲା ଯଦି ମୋ ଦ୍ୱାରା କିଛି ସାହାଯ୍ୟ ଦରକାର ହୁଏ ତାହାଲେ ମୋତେ ଜଣେଇବୁ। ଏପରି କିଛି ସମୟ ବାର୍ତ୍ତାଳାପ ପରେ ଅଜିତ ଘରକୁ ଆସିଲା। ସାଙ୍ଗରେ ମିଠା ପୁଡ଼ିଆ ମଧ ଆଣିଥିଲା। ମିଠା ଦେଖି ରୁହି ପଚାରିଲା ଭାଇ ଆଜି କଣ ହୋଇଛି ଯେ ତୁମେ ମିଠା ଆଣିଛ। ଅଜିତ କହିଲା ଆଜି ଭାଇ ସହ ଦେଖା ହୋଇଥିଲା। ସେ କହିଲେ ଭାଉଜ ଗର୍ଭବତୀ ଅଛନ୍ତି, ସେଇ ଖୁସିରେ ଆଜି ମିଠା ଆଣିଛି। ଏକଥା ଶ୍ୟାମଳି ଦେବୀ ଦୁଆରବନ୍ଧ ପାଖରେ ଠିଆ ହୋଇ ଶୁଣୁଥିଲେ। ଶୁଣିସରି ଭୋ-ଭୋ ହୋଇ କାନ୍ଦିବାକୁ ଲାଗିଲେ ଓ କହିଲେ ମୁଁ ଜେଜେମା ହେବାକୁ ଯାଉଛି ହେଲେ ମୁଁ ତାଙ୍କ ପାଖରେ ରହିପାରୁନାହିଁ। ରୁହି ଓ ଅଜିତ ଶ୍ୟାମଳି ଦେବୀଙ୍କୁ ବୁଝାଇବାକୁ ଲାଗିଲେ ଓ କହିଲେ ଆମେ ତାଙ୍କୁ ଦେଖା କରିବାକୁ ମଧ ଯାଇପାରିବା। ଏକଥା ଶୁଣି ଶ୍ୟାମଳି ଦେବୀ କହିଲେ ବାପାଙ୍କ ଆସିବା ସମୟ ହୋଇନାହିଁ। ଚାଲ ଆମେ ଯାଇ ଦେଖା କରି ଆସିବା। ସମସ୍ତେ ରେଡ୍ଡୀ ହୋଇ ଅରୁଣ ପାଖକୁ ଚାଲିଗଲେ।

କିଛି ସମୟ ପରେ ଶରତ ବାବୁ ଅଫିସରୁ ଆସିଲେ । ସେଦିନ ଶରତ ବାବୁ ବହୁତ ଶୀଘ୍ର ଘରକୁ ଚାଲି ଆସିଥିଲେ। ଘରକୁ ଆସି ଦେଖିଲେ ଘରେ ତାଲା ପଡିଛି।ପଡ଼ିଶା ଘରେ ପଚାରିବାରୁ ସେ କହିଲେ ସମସ୍ତେ ଅରୁଣ ପାଖକୁ ଯାଇଛନ୍ତି ଓ ଶରତ ବାବୁ ଜେଜେ ହେବାକୁ ଯାଉଛନ୍ତି। ଏ ଖବର ଶୁଣି ଶରତ ବାବୁ ମନେ ମନେ ବହୁତ ଖୁସି ହୋଇଯାଇଥିଲେ ହେଲେ ତାହା ପ୍ରକାଶ କରୁନଥିଲେ। ଦାଣ୍ଡ ଦୁଅର ମୁହଁରେ ବସି ବିତିଥିବା କିଛି ମୁହୂର୍ତ୍ତକୁ ମନେ ପକାଉଥିଲେ।

ଅରୁଣ ତାଙ୍କ ସମ୍ମାନକୁ ଖାତିର ନ କରି ନୀଚ ଜାତିର ଝିଅକୁ ବିବାହ କରିଥିଲା ସତ, କିନ୍ତୁ ତାଙ୍କ ସମ୍ମାନକୁ ଜଗି କେବେ ମଧ ଘରେ ପ୍ରବେଶ କରି ନାହିଁ। ଅଜିତ ଘରେ ଗାଳି ଶୁଣି ଘରୁ ପଇସା ନେଇଛି ସତ କିନ୍ତୁ କୌଣସି ଇଛା ପୁରଣ କରିବା ପାଇଁ ନୁହେଁ ଅନ୍ୟକୁ ସାହାଯ୍ୟ କରିବା ପାଇଁ। ରୁହି ଓ ଶ୍ୟାମଳି ଦେବୀ ଅରୁଣକୁ ଘରକୁ ଆଣିବାକୁ ଚାହୁଁଥିଲେ ସତ ହେଲେ ତାଙ୍କ ସମ୍ମାନକୁ ଜଗି ନିଜ ଇଛାକୁ ମଧ ମାରିଦେଇଥିଲେ। କିନ୍ତୁ ଆଜି ଏତେ ବଡ ଖୁସି ଖବର ଶୁଣି ନିଜକୁ କିପରି ସମ୍ଭାଳି ପରିଥାନ୍ତେ।ଆଜି ସେ ବହୁତ ଖୁସି ।ତାଙ୍କ ଦ୍ୱାରା ଦିଆ ଯାଇଥିବା ସଂସ୍କାର ତାଙ୍କ ପିଲା ବହୁତ ଭଲ ଭାବରେ ପାଳନ କରିଛନ୍ତି।



ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବବ୍ରତୀ ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ନବ ଉନ୍ମାଦ

# ଓଲଟ ବୃକ୍ଷ ତଳ ଛାୟା...



**ବିକ୍ରମାଦିତ୍ୟ ପୁରୋହିତ**
ଜଗନ୍ନାଥ କଲୋନୀ, ବୁଢ଼ାରଜା,
ସମ୍ବଲପୁର

**ମ**ଣିଷର ଶରୀର ହିଁ ଓଲଟ ବୃକ୍ଷର
ଛାୟା, ମସ୍ତିଷ୍କ ରୂପୀ ମୂଳ ଥାଏ ଉପରୁ
ତଳକୁ ଲମ୍ବିଥାଏ ମଣିଷର ହସ୍ତ ପାଦ
ରୂପୀ ଅଗ୍ରଭାଗ, ସିଧା ବୃକ୍ଷରେ ବାସ
ନାନା ଜାତି ପକ୍ଷୀର ହିଁ ଆଶ୍ରୟସ୍ଥଳୀ ।

ଶରୀର ରୂପୀ ବୃକ୍ଷର ଏକ ହିଁ ପକ୍ଷୀ
ବାସସ୍ଥଳୀ ଲୋଟଣୀ ପାରାର ଉଡ଼େ
ଦଶ ଦିଗକୁ ମନ ହୃଦୟର ସ୍ୱର ସ୍ୱପ୍ନ
ନିଜସ୍ୱ ଇଛାରେ ହିଁ ନାହିଁ ବିରୋଧର

ସ୍ୱର ଧରିହୁଏ ନାହିଁ ବନ୍ଧୁ ସହଜରେ ।

ଆତ୍ମା ରୂପୀ ଲୋଟଣୀ ପାରାର ମନ
ବଡ଼ ଚଞ୍ଚଳ ଅତି ଧରା ପଡେ ହିଁ ତ
ନାହିଁ ସାଂସାରିକ ମୟା ଜାଲର ମନ
ଅଠାକାଠି ସମ ପଡ଼ି ପ୍ରଲୋଭନରେ
ଲୋଟଣୀ ପାରା ଉଡ଼େ ଆକାଶରେ ।



ଧରା ନପଡେ ପଞ୍ଜୁରୀରେ ଆଦୌ
ଆତ୍ମାର ମନ ଅମନ ବିମନ ସୁମନ
ଓ କୁମନ ପଞ୍ଚ ମନର ଆତ୍ମା ରୂପୀ
ଇନ୍ଦ୍ରିୟ ନଥିଲେ ବି ରୂପ ରଙ୍ଗ ରସ
ଗନ୍ଧ ଶବ୍ଦ ଓ ସ୍ୱର୍ଶ ପଞ୍ଚ ପୁତ୍ର ସମାନ ।

ନୀଳ ଆକାଶରେ ଉଡିବୁଲିବାକୁ ତ
ନାହିଁ ଡେଣା,ରଖେ ଭାବ ଜାଗୃତ ହିଁ
ଲକ୍ଷେ ଧାରା ଯୋଜନ କ୍ଷମତାର ହିଁ
ଉଡି ବୁଲିବାରେ ରହି ନିଜକୁ ହିଁ ରକ୍ଷା
କରେ ଥାଇ ଶକ୍ତି ସାମର୍ଥ୍ୟ ଅଭୁକ୍ତ ।।



ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୂତୀ ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ମହ୍ଲାର ନବ ଉନ୍ମାଦ

## ସଂଧ୍ୟା ସୁନ୍ଦରୀ...



**ଅଭିପ୍ସା ଧଳ**
ଅଳପୁଆ, ପଟାମୁଣ୍ଡେଇ,
କେନ୍ଦ୍ରପଡ଼ା

**ସ**ଂଧ୍ୟା ସୁନ୍ଦରୀ ଗୋ ହଳଦୀ ମୁହିଁ
ଲାଜେଇ ଲାଜେଇ ଦେଲେଗୋ ଚାହିଁ
ଜହ୍ନ ଆକାଶରେ ପାଗଳା ହୋଇ
ଅନାଏ ତୁମକୁ ଟିକେ ଟେରେଇ.

ସଂଧ୍ୟା ସୁନ୍ଦରୀ ଗୋ ହଳଦୀ ମୁହିଁ
କୁଆଁର ପୁନେଇଁ ଜହ୍ନ ତୋ ପାଇଁ
କୁଆଁରୀ ହାତରେ ସଞ୍ଜରେ ରହି
ମାସଟିଏ ଜାଉ ଜହ୍ନର ହୋଇ.

ସଂଧ୍ୟା ସୁନ୍ଦରୀ ଗୋ ହଳଦୀ ମୁହିଁ
ପାଖୁଡା ପାଖୁଡା ଡେଣା ମେଲେଇ

ଭ୍ରମର ନଜରେ ପଡିବା ପାଇଁ
ସୂର୍ଯ୍ୟ ଗଲେ ଆସୁ ସଜେଇ ହୋଇ.



ସଂଧ୍ୟା ସୁନ୍ଦରୀ ଗୋ ହଳଦୀ ମୁହିଁ
କାହିଁକି ହଉ ତୁ ଏତେ ଫୁଲେଇ
ଅନ୍ଧାରେ ଆଲୁଅ ତୋ ରୂପ ଦେଇ
ସଭିଙ୍କୁ ତୋ ଆଡେ ନେଉ ଢ଼ଳେଇ.

ସଂଧ୍ୟା ସୁନ୍ଦରୀ ଗୋ ହଳଦୀ ମୁହିଁ
ସକାଳ ହେଲେ ତୁ ମଉଳି ଯାଉ
ନ ଥାଏ ତୋ ଦେହେ ବାସନା ବାସ
ତଥାପି ତୋ ରୂପେ ବାନ୍ଧୁ ତୁ' ଫାସ.





ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୂତୀ ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ନବ ଉନ୍ମାଦ

# ମୋ' ବାପା...



ଏଲିନା ମହାପାତ୍ର
ବରୀ, ଯାଜପୁର

**ମ**ନେଅଛି ଆଜି ସେହି ପିଲାଦିନ
ରଷି ବସୁଥିଲେ ଏକା ,
ମୋ ମା' ବୋଲି ଡାକି ପାଖେ ଆସୁଥାନ୍ତି
ସେବା ପରା ମୋ' ବାପା...

ସପନ ଦେଖାନ୍ତି, ଶାସନ କରନ୍ତି
ବୁଝନ୍ତି ଯେତେକ ଅଳି ,
ସବୁ ଲୁହ ପିଇ ହସିବା ଶିଖାନ୍ତି
କଷଣ ନ ଯାଇ ଡରି ...

ପଡ଼ି ଛିଡାହେବା ସାହସ ବାନ୍ଧିବା
ଅଝଟେ ନ'ହୋଇ ଖଫା ,
ଆକାଶ ଠୁ ଲମ୍ବା, ପୃଥିବୀ ଠୁ'ବଡ଼
ମନ ଯାର ସିଏ ବାପା ...

ପୂଜା ପରବରେ ନିଜେ ଚିର ପିନ୍ଧି
ଆମକୁ ପୋଷାକ ପିନ୍ଧାନ୍ତି ନୂଆ ,
ବାପା ସିଏ ମୋର ନୁହେଁ ଆଉ କେହି
ସବୁଠୁ ସୁନ୍ଦର ତାଙ୍କରି ନାଁ' ....





ଏକ ନୂତନ ଆଶାରେ ପ୍ରାଣ ସଞ୍ଚାର...



ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବବ୍ରତୀ ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ନବ ଉନ୍ମାଦ

# ପଣତ କାନି...



**ଚନ୍ଦନା ସାହୁ**
ଦଳା,ଯାଜପୁର ରୋଡ଼

ହସରେ ଲୁହରେ ମନେପଡେ ମୋର
ସ୍ନେହଭିଜା ତୋର ସେଇ ପଣତ କାନି ...

ଶୈଶବରେ ଦେଲା ଯିଏ ଅଭୟ ଆଶିଷ
ଯୌବନରେ ରଙ୍ଗିନ ସ୍ୱପ୍ନ ଆଉ ଦୁର୍ବାର ସାହସ
ଯାହାବି ପାଇଛି ହରେଇଛି ଯାହା
ଅଜାଡ଼ି ଦେଇଛି ସବୁ ସେଇ ପଣତ କାନିରେ ...

ନିହାତି ସନ୍ତର୍ପଣରେ-
ଭରସା ରଖୁଛି ବାନ୍ଧିନେବୁ ଗଣ୍ଠିକରି
ତୋ ଗଣ୍ଠି ଧନର ସୁଖ ଦୁଃଖର ପସରା
ମୋ କଥା ମନେ ପଡିଲେ
ଦେଖିବୁ ତୋ ପଣତ କାନିରେ

ମୋ ମୁହଁରୁ ଉଇଁ ଆସୁଥିବା ହସ
ଆଉ ଝରିପଡୁଥିବା ଲୁହରେ...
ମୁଁ ତ ସେଇଠି ଲୁଚିଛି
ମୋ ସୁଖର ଚଉଦିଗ ଆଉ
ଦୁଃଖର ସରହଦ ଭିତରେ
ତୋ ପଣତ କାନିରେ...



👉"ମହ୍ଲାର ଇ-ପତ୍ରିକା" ଦ୍ୱାରା ପ୍ରକାଶିତ ହୋଇଥିବା ସମସ୍ତ ଲେଖା ଲେଖକଙ୍କ ନିଜସ୍ୱ ଲେଖା |

👉ଯଦି ଲେଖାରେ କିଛି ତ୍ରୁଟି କିମ୍ବା ନକଲ ହୋଇଥାଏ ସେଥିପାଇଁ ଆମ ମହ୍ଲାର କର୍ତ୍ତୃପକ୍ଷ ଦାୟୀ ନୁହନ୍ତି , ଲେଖା ପଠାଇଥିବା ଲେଖକ ହିଁ ସମ୍ପୂର୍ଣ୍ଣ ଦାୟୀ ରହିବେ |



ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୂତୀ ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ନବ ଉନ୍ମାଦ

# ଏବେର ପିଲାମାନେ...



**ଚିତ୍ରା ରାଣୀ ପାତ୍ର**
ବାଲେଶ୍ୱର

ସାମ୍ପ୍ରତିକ ସମାଜରେ ଆମେ ଏବେ ପିଲାମାନଙ୍କର ଜୀବନ ଶୈଳୀ ଦେଖି ବ୍ୟଥିତ ହେଉଛୁ। କାରଣ ସେମାନଙ୍କର ଉଚ୍ଛୃଙ୍ଖଳ ବ୍ୟବହାର ସମାଜପାଇଁ ଏକ ମାରାତ୍ମକ ରୋଗ ଭଳି ପ୍ରତୀୟମାନ ହେଉଛି। କିନ୍ତୁ, ଆମେ ଯଦି ଭଲ ଭାବରେ ଅନୁଧ୍ୟାନ କରିବା ତେବେ ଦେଖିବା, ଏଥିପାଇଁ ସେମାନେ ପ୍ରକୃତରେ ଟିକିଏବି ଦାୟୀ ନୁହନ୍ତି।

ପିଲାଟି କେଉଁ ପରିବାର ଓ ପରିବେଶରୁ ଆସିଛି ଦେଖିଲେ ଆମେ ଜାଣି ପାରିବା, ଏଥିପାଇଁ ପିତା ମାତା ସନ୍ତାନକୁ ଜନ୍ମ ଦେଇ ତାଙ୍କର ଉପଯୁକ୍ତ ଅଭିଭାବକ ହେବାପାଇଁ ସଠିକ ପଦକ୍ଷେପ ଗ୍ରହଣ କରିନାହାଁନ୍ତି। କୁହାଯାଏ ପିତା ମାତା ସନ୍ତାନର ଆଦ୍ୟ ଗୁରୁ। ଛୋଟ ଛୋଟ ପିଲାମାନେ ସତରେ ନିଷ୍ପାପ। ଫୁଲ ପରି କୋମଳ ହୃଦୟ ସେମାନଙ୍କର। ସେମାନେ ଗୋଟିଏ ପରିବାରରେ କିପରି ବଢ଼ିଛନ୍ତି ?, ଏହା ଉପରେ ତର୍ଜମା କଲେ ବହୁ କଥା ଉନ୍ମୋଚିତ ହୋଇପାରିବ। କୁହାଯାଏ, ବାପା ମାଙ୍କ ଜୀବନ ପିଲାଙ୍କର ହସ୍ତାକ୍ଷର ଖାତା। ସେଇ ଖାତାଟି ଯେତିକି ସୁନ୍ଦର ହେବ ସେମିତି ପିଲାଙ୍କ ଜୀବନ ସୁନ୍ଦର ହୋଇ ଗଢ଼ି ଉଠିବ।

ଛୋଟ ଛୋଟ ପିଲା ମାଟି କଣ୍ଢେଇ ସଦୃଶ। ଯେପରି ଗଢ଼ିବ ସେପରି ହେବେ। ଖୁବ୍ କମ୍ ଏଥିରେ ବ୍ୟତିକ୍ରମ

ହୁଏ। ହାତ ଗଣତି ସଂଖ୍ୟା ବାହାରିବ। ଏବେର ନବ୍ୟ ସଭ୍ୟ ଯୁଗର ପିତା ମାତା ସନ୍ତାନକୁ ବଢାନ୍ତି କେମିତି ଜାଣିବା ଆସନ୍ତୁ।

ଦୋଷ ଲଦି ଦେବା ଅତି ସହଜ ପିଲାଙ୍କ ଉପରେ। କେବେ ଥରେ ତଳେଇ ଭାବିଲେ ସେମାନେ ନିଜର ତ୍ରୁଟି ପ୍ରତି ସଚେତନ ନିଶ୍ଚୟ ହେବେ। ସେମାନେ ତାଙ୍କର ଦାୟିତ୍ୱକୁ କେତେ ସୁନ୍ଦର ତୁଲାଇ ପାରିଛନ୍ତି ନିଜେ ଅନୁଭବ କରି ପାରିବେ। ଇଂରାଜୀ ଭାଷା ଶିକ୍ଷା କରିବା ନିତାନ୍ତ ଜରୁରୀ ଆଜିକାଲିର ଯୁଗରେ। ତାମାନେ ନୁହେଁ, ନିଜ ମାତୃଭାଷା ପ୍ରତି ଅବମାନନା କରିବା। ପିଲାଏ ଘରେ ଓ ବାହାରେ ସାଙ୍ଗ ମାନଙ୍କ ସହିତ ଓଡ଼ିଆରେ କଥା ନକହି ଇଂରାଜୀ ଓ ହିନ୍ଦୀ ଅଧିକ କହି ଖୁସି ହୁଅନ୍ତି। ପିତା ମାତା ନିଜକୁ ଗୌରବାନ୍ୱିତ ମନେ କରନ୍ତି। ଦୁର୍ଭାଗ୍ୟର କଥା ନିଜେ ପିତା ମାତା ଆଦୌ ସଚେତନ ହୁଅନ୍ତି ନାହିଁ ତାଙ୍କ ପିଲା ଆଗ ମାତୃଭାଷା ବାଧ୍ୟତାମୂଳକ ଶିଖିବା ଉଚିତ। ଭାଷା କେବେବି ଖରାପ ନୁହେଁ। ପିଲାଟିଏ ମାଆର ଭାଷା ଶିଖିଲେ ମାଉସୀର ଭାଷା ଭଲ ଭାବରେ ଶିଖି ପାରିବ। ଏଇ ଧାରଣା କିନ୍ତୁ ଏବେର ପିତା ମାତା ଅନୁଭବ କରନ୍ତି ନାହିଁ।

ଗତାନୁଗତିକ ଭାବରେ ଓଡ଼ିଆ ବିଦ୍ୟାଳୟକୁ ହେୟ ମନେ କରି, ଛତୁ ଫୁଟିଲା ପରି ଯେଉଁ ଇଂରାଜୀ ଭାଷାରେ ବିଦ୍ୟାଳୟ ମାନ ଗଢ଼ି ଉଠିଛି ସେଥିରେ ନାମ ଲେଖାଇ ପାରିଲେ ଭାବନ୍ତି ବହୁତ ଭଲ କାମ କରିଛନ୍ତି ଭବିଷ୍ୟତ ଗଢ଼ିବାପାଇଁ।



ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବବ୍ରତୀ ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
ମହ୍ଲାର
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ନବ ଉନ୍ମାଦ

ପ୍ରକୃତରେ ସେଇଟା ଠିକ୍ କାର୍ଯ୍ୟ କି?। ନିଜ ନିଜ ଭାଷାର ଗୁରୁତ୍ୱ ଉପଲବ୍ଧି କରି ନ ପାରିଲେ କିପରି ସଂସ୍କୃତି ପିଲାଏଁ ପାଇବେ?। ଆଜି ଯଦି ଏତେ ଅଧଃପତନ  ଦେଖା ଯାଇଛି ସମାଜରେ ତାହାର ମୂଳ କାରଣ କେଉଁମାନେ। ଏତିକି ବୁଝିଲେ ଯଥେଷ୍ଟ ନୁହେଁ। ପିଲାଙ୍କୁ ଘରେ, ପ୍ରାର୍ଥନା ନ ଶିଖାଇ ଅନେକେ ଅଛନ୍ତି ଖାଲି ଆଧୁନିକତାର ଚାକ ଚକ୍ୟରେ ଭାସିଯାଇ

ଯେତିକି ଆଧୁନିକ ନାଚ ଓ ସଙ୍ଗୀତ ଶିଖାଇବାରେ ଖୁସି ଅନୁଭବ କରନ୍ତି। ସଂସ୍କୃତି ଜାଗାରେ ଅପସଂସ୍କୃତି ମୁଣ୍ଡ ଅଧିକ ଟେକୁଛି। ଆଧ୍ୟାତ୍ମିକ ଚେତନା ଜାଗ୍ରତ କରିବା ଉଚିତ ବୋଲି ମନେ କରନ୍ତି ନାହିଁ ଅଧିକାଂଶ ଲୋକ। ବୁଝି ପାରନ୍ତି ନାହିଁ ଜୀବନକୁ ସରସ ସୁନ୍ଦର କରିବା ପାଇଁ ଏହା ଅନିବାର୍ଯ୍ୟ। ଖୁବ୍ କମ୍ ସଂଖ୍ୟକ ପିତା ମାତା ସନ୍ତାନକୁ ଏପରି ମାର୍ଗରେ ଚାଲିବାର ଶିକ୍ଷା ଦେଇ ଥାଆନ୍ତି। ସେହି ଠାରୁ ପ୍ରକୃତରେ ପିଲାଙ୍କ ଜୀବନ ଉପରେ ପ୍ରଭାବ ବିସ୍ତାର କରେ ଉଗ୍ର ଆଧୁନିକତା। ଯେଉଁଠି ବିଶ୍ୱ ସମ୍ମାନ ଜଣାଇ ଆମ ସନାତନ ଧର୍ମର ଗୁଣ ଗାନ କରେ ସେଇଠି ଆମ ପିଲାଏ ଥାଆନ୍ତି ନିର୍ବୋଧ। ଲଜ୍ଜା ଲାଗିବା କଥା, ସାରା ବିଶ୍ୱ ଆଜି ଆମର ସଂସ୍କୃତି ଆମର ପରମ୍ପରା ଆମର ସନାତନ ଧର୍ମର ଗୌରବ ଗାରିମା ପ୍ରତି ଆକୃଷ୍ଟ ହେଲାବେଳେ ଆମର ପିଲା ଏସବୁର ଧାର ଧାରନ୍ତି ନାହିଁ। କେଉଁଠାରୁ ଶିଖିବେ ନୈତିକତା?, ଯାହା ଆଜି ସୁଦୂର ପରାହତ।

ବହୁତ କଥା ଶିଖିବାର ଜାଣିବାର ସୁଯୋଗ ଥିଲେବି ସେମାନେ ଶିଖିବାରୁ ବଞ୍ଚିତ ହୁଅନ୍ତି। ଏହି ଅଧଃପତନ ପିଲାଙ୍କ ଅଜାଣତରେ ସେମାନଙ୍କ ଭିତରେ ଗଢି ଉଠେ। ଯାହା ସମାଜପାଇଁ କ୍ଷତିକାରକ ପ୍ରତିପାଦିତ ହୁଏ ପରବର୍ତ୍ତୀ ସମୟରେ। ତେଣୁ ସବୁ ପିତା ମାତାଙ୍କୁ ଅନୁରୋଧ ଏଥି ପ୍ରତି ଧ୍ୟାନ ଦେଇ ପିଲାଙ୍କୁ ବଢ଼ା ନ୍ତୁ। ବଡ଼ ମଣିଷ ଠାରୁ ଭଲ ମଣିଷଟିଏ ହେବାକୁ ଶିକ୍ଷା ଦେବା ଉଚିତ। ମାନବିକତା ଥିବା ଲୋକେ ଆଦର ପାଆନ୍ତି। ଦୁଇ ଦିନର ଜୀବନକୁ ନେଇ ବୃଥା ଅହମିକାର ବଶବର୍ତ୍ତୀ ନ ହୋଇ ପିଲାଙ୍କୁ ସମାଜ ତଥା ଦେଶର ଗୋଟିଏ ଗୋଟିଏ ଶ୍ରେଷ୍ଠ ନାଗରିକ ଭାବେ ଗଢ଼ିବାକୁ ଚେଷ୍ଟା କରନ୍ତୁ। ପୂର୍ବ ସୁରି ମାନେ ଯେଉଁ ଆଦର୍ଶ, ତ୍ୟାଗ ଦେଖାଇ ଦେଶ ମାତୃକାର ସମ୍ମାନ ରକ୍ଷା କରିଛନ୍ତି ସେହି ପରି ନିଜକୁ ଗଢି ପାରିଲେ ଦୁର୍ଲ୍ଲଭ ମନୁଷ୍ୟ ଜୀବନ ସାର୍ଥକ ହେବ। ଯିଏ ଯେତେ ମାର୍ଜିତ ଓ ଶିକ୍ଷିତ ସେତେ ଉନ୍ନତି କରିଥାଏ। ଜୀବନ ଅତିବାହିତ କରିବା ଅତି ଚମତ୍କାର ହୋଇଥାଏ।  ପ୍ରତ୍ୟେକ ଅଭିଭାବକ ସଚେତନ ହୋଇ ପାରିଲେ ସମାଜରେ ପିଲାଙ୍କର ଶୃଙ୍ଖଳିତ ଜୀବନ ଯାପନ ଦେଖି ଅତ୍ୟନ୍ତ ଆନନ୍ଦିତ ହେବାର ଗୌରବ ଲାଭ କରି ପାରିବେ।

ଯାହା ଏ ସମାଜ ତଥା ଜାତି ଦେଶ ଆଶା କରେ। ଉତ୍ତମ ଛାତ୍ର ଭବିଷ୍ୟତରେ ଉତ୍ତମ ନାଗରିକ ହେଲେ ଉତ୍ତମ ପ୍ରଜା ସୃଷ୍ଟି କରି ସମାଜର କଲ୍ୟାଣ କରିବାରେ ସକ୍ଷମ ହେବ।।

" ସତ୍ୟମେବ ଜୟତେ।"



ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବବ୍ରତୀ ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com Malharmagazine@gmail.com Malhar_magazine/ Malharmagazine/ ନବ ଉନ୍ମାଦ

# ପ୍ରେମିକା...



ଦିନେଶ ମେହେର
ପଳାସ, ଜୁନାଗଡ଼,
କଳାହାଣ୍ଡି

**ବେ**ଳେ ବେଳେ ତୁ' ଲାଗୁ
ନୀଳ ଜହ୍ନର ଜ୍ୟୋସ୍ନା
ମୋ ଅତୀତ ,ବର୍ତ୍ତମାନରେ ଭରିଦେଉ
ଶୀତଳ କିରଣ,

ମୁଁ କିନ୍ତୁ ଜାଣିନି
ତୁ କେମିତି, କେଉଁ ବାଟ ଦେଇ
ଚାଲି ଆସିଲୁ ଏଇ ହୃଦୟ ଭିତରକୁ,
ତୋ ଉଦ୍ଦେଶ୍ୟ,ତୋ ଅଭିଳାଷ
ମତେ ଅଜଣା ,
ତଥାପି ତୋର ଆପଣା ର କେହିଜଣେ ହେଇ
ବଞ୍ଚିବାକୁ ଭାରି ଭଲ ଲାଗେ,
ଭାରି ଇଛା ହୁଏ ହଜି ଯିବାପାଇଁ
ତୋର ମିଠା ମିଠା ଶବ୍ଦରେ,
ଦିନେ ସେଇ ଶବ୍ଦ କୁ ସାଉଁଟି ଆଣି
କବିତା ଟିଏ ଲେଖୁଥିଲି,
ତୋ ପାଇଁ,
କାଳେ ତୁ ତରଳି ଯିବୁ ମୋ କବିତା ପଢ଼ି,
ଦମକାଏ ମହୁଆଳା ବାସ୍ନା ଭରି ଦେବୁ
ମୋର ସନ୍ତାପିତ ଜୀବନରେ......



ତୁ ବି ବେଶ୍ ଭଲ ଭାବରେ ଜାଣିଛୁ
ତୋ ଥିବା ନଥିବା ରେ ହିଁ
ମୋର ଜୀବନର ଅସମାହିତ ପ୍ରଶ୍ନର ଉତ୍ତର ଦିଶେ,
ଦପ୍ ଦପ୍ ହେଇ ଜଳି ଉଠେ
ଜୀବନ ଦୀପ,
ହେଲେ କେଇଟା ଦିନ ହେଲା
ତୁ କେମିତି କହି ପାରୁଛୁ ଯେ
ତୋ ଅନୁପସ୍ଥିତିରେ ମୁଁ ପରିପୂର୍ଣ୍ଣ?'



ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୂତୀ ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ନବ ଉନ୍ମାଦ

# ମିଠା ମିଠା...



**ସସ୍ମିତା ତ୍ରିପାଠୀ**
କହ୍ନାଇପୁର , ଯାଜପୁର ରୋଡ

ମିଠା ଲାଗେ ଭାରି ବର୍ଷାଭିଜା ରାତି
ବାଦଲ ଫାଙ୍କର ଜହ୍ନ ,
ମିଠା ମିଠା ଅତି ଶୀତ ସକାଳର
ପାହାନ୍ତା ପ୍ରହର ସ୍ୱପ୍ନ ||

ମିଠା ଲାଗେ ମୋତେ ସାଧବ ବୋହୂର
ନାଲି ଟୁକୁ ଟୁକୁ ପାଟ ,
ମିଠା ଦିଶୁଥାଇ ରଙ୍ଗ ରଙ୍ଗିନ ସେ
ପରଜାପତିର ଛିଟ ||

ମିଠା ଲାଗେ ମୋତେ ଗାଁଆ ଝିଅଙ୍କର
ବଉଳବେଣୀର ଗୀତ ,
ଜହ୍ନି ଓଷା ପୁଣି ଖୁଦୁରୁକୁଣୀକୁ
ଦୋଳ ଗୋବିନ୍ଦଙ୍କ ଯାତ ||

ମିଠା ଲାଗେ ଭାରି ବୋଉ ହାତରନ୍ଧା
ମିଠା କାକରା ଆରିସା ,
ମିଠା ଲାଗେ ଭାରି ଜେଜେମାଙ୍କ ଗପ
ରିବନରେ ବନ୍ଧା ଖୋଷା ||


ମିଠା ଲାଗେ ମୋତେ ସାଗର କୂଳର
ଲହଡିରେ ଭିଜା ବାଲି ,
ମିଠା ଲାଗେ ମୋତେ ଅଜାଙ୍କ ସାଥିରେ
ଯାତରା ଯିବାକୁ ବୁଲି ||ମିଠା ଲାଗେ ମୋତେ ମାମୁଁ
ମାଇଁଙ୍କର ମିଠା ଗେଲ ,
ସ୍ନେହବୋଳା ସେଇ ଆଇମା କାହାଣୀ
ମୋ ପାଇଁ ଅମୂଲ ମୂଲ ||

ମିଠା ଲାଗେ ମୋତେ ନାଉରି ଭାଇର
ମନମତାଣିଆ ଗୀତ ,
ଆଷାଢ଼ରେ ବର୍ଷା ବିଜୁଳି ସାଥିରେ
ବେଙ୍ଗ ଝିଙ୍କାରୀ ସଙ୍ଗୀତ ||

ମିଠା ଲାଗେ ମୋତେ ମନେ ପଡିଗଲେ
ଗାଁଆଦାଣ୍ଡ ଧୂଳି ଖେଳ ,
ସ୍ମୃତିରେ ବତୁରା ବାଲ୍ୟ ଚପଳତା
ମିଠା ଲୁଚକାଳି ଖେଳ ||

ମିଠା ମିଠା ଥିଲା ମିଛିମିଛିକା ସେ
କଣ୍ଢେଇର ବାହାଘର ,
ସଢ଼େଇରେ ରନ୍ଧା ଭାତ ତରକାରୀ
ମିଛର ଘର ସଂସାର ||

ମିଠା ଲାଗେ ସବୁ ପିଲାଦିନ ସ୍ମୃତି
ଯୌବନର ଉପବନେ ,
ଯୌବନ ବି ଦିନେ ସ୍ମୃତି ପାଲଟିବ





ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବବ୍ରତୀ ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ନବ ଉନ୍ମାଦ

# ଭୋକ ଭୟଙ୍କର...



ସତ୍ୟକାମ ପରମଗୁରୁ
ଖଣ୍ଡପଡ଼ା,ନୟାଗଡ଼

**ନୀ**ରବ ନିଶ୍ଚଳ ନିଶ୍ଚିହ୍ନ ଶରୀର
ଭୋକେ ଭରେ ନିଜ ପେଟ ,
କରୁଣା କରିବ ଜଗତର ନାଥ
ଭଜୁଥାଏ ରାସ୍ତାଘାଟ ।।

ହରିହେ ହରିବ ହୃଦୟୁ କହୁଛି
ଯାହା ପାପ କରିଅଛି ,
ମଳିନ ପଡ଼ିବା ଆଗରୁ ତୁମର
ଆଶୀର୍ବାଦ ଲୋଡୁଅଛି ।।

ମୃଣ୍ମୟ ଭଙ୍ଗୁର ମୋର ଏ ଶରୀର
ହନ୍ତସନ୍ତ ହୃଦୟରୁ ,
ବୁଝି ମୁଁ ପାରୁଛି ଏସବୁ ନିଜକୁ
ସର୍ବେସର୍ବା ଭାବିବାରୁ ।।


ନିର୍ଦ୍ଦୟ ହୁଅନି ସଦୟ ଠାକୁର
ଦିଅ ଆଶୀର୍ବାଦ ବିଞ୍ଚି ,
ତୁମେ ତ' ଜାଣିଛ ତୁମପାଇଁ ପ୍ରଭୁ
ଭଲ ମନ୍ଦ ସବୁକିଛି ।।

ସମାଜ ଗଢ଼ିଛି ପ୍ରଥା ପରମ୍ପରା
ତୁମକୁ ଯେ ସାକ୍ଷୀ ରଖି ,
ଏହି ପରମ୍ପରା ଦ୍ୱାହି ଦେଇ ଦିନେ
ତୁମକୁ ଦବ ସେ ବିକି ।।

ଯାହା ପାଇଁ ଦିନେ ଏ ସଂସାର ଦେଖିବ
ଚାରିଆଡ଼େ ହାହାକାର ,
ତୁମକୁ ଯେ ପାଖେ ନ'ପାଇ କହିବ
ସତେ ଭୋକ ଭୟଙ୍କର ।।



# ଏକି ମହାଭାରତ...



**ଜ୍ୟୋତ୍ସ୍ନା ରାଣୀ ଜେନା**
ବିନାୟକ କୋଲନୀ,
ଅଙ୍ଗାରଗଡ଼ିଆ ,ବାଲେଶ୍ଵର

ଏକି 'ସେଇ ଖେଳ !
ଆରମ୍ଭରେ ଶୁଭୁଥିଲା ଶଙ୍ଖ ଧ୍ୱନି
ଆଉ ବେଳ ରତରତେ ହେଉଥିଲା
ରକ୍ତ ପ୍ଲାବିତ ବେଳାଭୂମି |
ଅବଶ୍ୟ ଖେଳ କିନ୍ତୁ ଦିଶେନା ଆଜି
ସେ ପସା ପାଲିର,
ହେଲେ ଦୃଶ୍ୟ କିନ୍ତୁ ଠିକ୍
ସେଇ ମହାଭାରତର !
ଏ କଳିର କେଳିରେ ସତେ କି' ଏ
କୌରବଙ୍କ ମେଳି ?
ଯେଉଁଠି ପ୍ରବଳ ପ୍ରତାପ ସ୍ରୋତ,
ସତେ ସେ କୁରୁ ଦର୍ଯ୍ୟୋଧନ
କରେ ପ୍ରବଚନ,

ତା ସମ ଚରିତ୍ର ଯେତେ
ନିଜକୁ ମଣେ ଭାରି ଭାଗ୍ୟବାନ !
ସତ୍ୟ ,ଶାନ୍ତି , ଦୟା ,କ୍ଷମା ,
ସେ ଅହିଂସାର



ସତେତ କରୁଣା ଅପାର !
ଯେଉଁଠି ଦୀନ ହୀନ ଅସହାୟ
ଖୋଜେ ନିତି ନ୍ୟାୟ |
ପ୍ରତି ମୁହୂର୍ତ୍ତରେ ସେ ଯେ
ଭୟେ ଥରହର
ବେଳ ଅବେଳରେ ଜୀବନ
ହେବ କି' ସଂହାର ?
ସର୍ଜନ ଦୁର୍ଜନ ଏଠି
ବୁଝିବାର ନାହିଁ କିଛି ଚିହ୍ନ
ଚନ୍ଦନ ତିଳକ ମସ୍ତକେ
ସୁବେଶେସାଧୁ ,ଦିଶେ ସର୍ବେ ଜନ,
ମନ୍ତ୍ର ପାଠେ ପ୍ରକମ୍ପିତ
ଗଗନ ପବନ
ଧର୍ମେ ଧର୍ମେ ଅହିଂସାର
ସତେତ ଏଠି ପବିତ୍ର ବିଧାନ !
ବଢେ ଯେବେ ସେ ଆତ୍ମଜ୍ଞାନ



ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବବ୍ରତୀ ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ନବ ଉନ୍ମାଦ

ଆତ୍ମଶକ୍ତି
ଶୁଭେଯେ ପ୍ରଖୋର କମ୍ପନ,
କ୍ରୁର ନିଷ୍ଠୁର ବହି ସେ ଝଞ୍ଝାପବନ
ଖଣ୍ଡାଧାରେ ଝୁଲାଏ ଜୀବନ !
ଏ ଭବରଙ୍ଗେ ମହାନ ଆଜି
ସତେ ସେ ବୀର ଶୂରଚୟ !
ସେ ଶୁଭ ନାମେ ଶୁଭେ ଧନ୍ୟଧନ୍ୟ
ଶୁଭେ ଖାଲି ଜୟଜୟ ।
ଆଉ ସେ ମହାନ୍ ଚରିତ୍ର
ଆଜିବି ସେ ଭାରି ବିଚିତ୍ର !
ସେ ଶକୁନିର ପଶା
ସତେ ଖେଳେ ଆଜି ଚୁଟିଆ ମୂଷା !
ସବୁ କିଛି କାଟି କୁଟି
ଲଗାଏ ସେ ନିଆଁ
ସେ ଧବଳ ସୁନ୍ଦର ବେଶ
ଆହାଃ କି ସୁନ୍ଦର କଳେବର
ସେଯେ ବିଶ୍ୱାସଘାତର ତିକ୍ଷଣ ଧାର
ପରମ ଉପକାରୀ ସତେ
ସଭିଙ୍କ ପାସେ ଠିଆ ସେ
ସେଯେ ସାଧୁଆ ଡ଼ଗର ।
ଆଉ ଯେତେ ସବୁ
ପାଣ୍ଡବ ସଦୃଶ୍ୟ ସେ ଧର୍ନୁଧର
ଏ ମାରଣାସ୍ତ୍ର ଚୋଟେ
ଜୀବନ ଖାଲି ତା ହାଃ-ହୁତାସନ
ପ୍ରତିଫଳେ ସେ ଅନଳ ନିରନ୍ତର ।
ଚଉପାସେ ସେ ଦାବାଗ୍ନି
ପ୍ରଚଣ୍ଡ ଜଳେ
କେବଳ ବଞ୍ଚିବାର ଅଭିପ୍ରାୟେ
ଧର୍ମ ତାର ବନ୍ଧାପଡେ
ସାଜେ କେବଳ ଦାସ
କାଟେ ସତେ ଅଜ୍ଞାତ ବାସ ।






ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୂତୀ ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/

# ଧାମ ମାଧରୀ ରେ ଗୋଟେ ଦିନ ର ଅତିଥି ...



**ସୁମିତ୍ରା ଦଳାଇ**
ମାଳଆନନ୍ଦପୁର, ରୁଢିଆ,
ଯାଜପୁର

**ଯା**ଇଥିଲି ପୁରୀ ସାଙ୍ଗ ସାଥି ଧରି
ମନେ ଭରି କେତେ ଆଶା,
ବଡଦାଣ୍ଡେ ଯେବେ ପାଦ ମୋ ପଡିଲା
ଜାଗିଲା ହୃଦେ ଭରସା ।।
ହେଉଥିଲା ଖରା ଟିକେ ବି କାଉଁଳା
ସୁନେଲି ଖରା କୁ ଟିକେ ଭୋକ ପୁଣି
ଲାଗୁଥିଲା ଟିକେ ତୃଷା ।।
ପାଦ ବଢୁଥିଲା ବଡଦାଣ୍ଡ ଆଡେ
ଚଉଦିଗେ ହରି ନାମ ଡାକରା,
ଲାଠି ନାଚ ସାଥେ ନର୍ତ୍ତକୀ ଙ୍କ ଭଙ୍ଗୀ
ସେ ଦୃଶ୍ୟ ଥିଲା ବଡ଼ ନିଆରା ।।
ଦିନ ଗଡୁଥିଲା ସମୟ ସାଥିରେ
ସମ୍ବର୍ଦ୍ଧନା ପର୍ବ ଶେଷ ହୋଇଲା,
ସମ୍ଭବ ଟ୍ରଷ୍ଟ ର ସେବା କାର୍ଯ୍ୟ କରି
ଦହି ସରବତ ଲେମ୍ବୁ ପାଣି ଦେଇ
ମନ ମୋର ଭାରି ଖୁସି ଲାଗିଲା ।।
ଭାବି ମୁଁ ନ ଥିଲି ପୁରୀ ଯିବି ବୋଲି
ରଥ ରେ ଦେଖିବି ତିନି ଦିଅଁ ଙ୍କୁ
ଭାଗ୍ୟ ଡୋରି ମୋର ହାତେ ଅଛି ଯାର
ଦରଶନ ଯେବେ ସମ୍ଭବ ହୋଇଲା
ଉଧରୀଲି ପାପ ପଙ୍କୁ ।।
ରଥ ଟଣା ଦେଖି ବିଭୋର ମନ ମୋ
ନେତ୍ରୁ ଝରେ ଭାବ ଶ୍ରଦ୍ଧା ର ସିନ୍ଧୁ
ପାରିଲିନି ରୋକି ହୃଦୟ କୋହ କୁ
ଯେବେ ପାଖେ ଥିଲା ମୋର ଜଗତ ବନ୍ଧୁ ।।
ଭୋଗ ଲାଗି କରି ଦରଶନ ସାରି
ଫେରି ଆସିଲି ମୁଁ ବସ ପାଖକୁ
ସାଙ୍ଗ ସାଥି ମେଳେ ସମୟ ବିତିଲା
ଚାଲି ଆସିଲି ମୁଁ ଘର କୁ ।।
ପୁରୀ ରୁ ଫେରନ୍ତା ପୁରୀ ଅତିଥି ମୁଁ
କିବା ବଖାଣିବି ସେ ଅନୁଭୂତି
ରାତି ପାହିଗଲା ଶ୍ରୀକ୍ଷେତ୍ର ଦାଣ୍ଡ ରେ
ଦେଖି ଦେଖି ସେଇ କଳା ମୂରତି ।।







ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବବ୍ରତୀ ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ନବ ଉନ୍ମାଦ

# ପଲ୍ଲୀ ବଧୂ...



ଦୀପକ ନାୟକ
କୁସ୍ତିରା, ଧର୍ମଶାଳା, ଯାଜପୁର

**ଲ**ଜ୍ଜା ବାରି ପଣତ କାନିରେ ଘୋରା
ପଲ୍ଲୀ ବଧୂ ଜୀବନୀ ।
କାକଳୀ ସ୍ୱର ସାଥେ ଆରମ୍ଭ
ଦିନର ପହିଲି ପହର ତାର ।
ଯୌଥ ପରିବାର ସାଥେ
ଜଞ୍ଜାଳି ଜୀବନ ଯିଏ ସଦା ।
ପାହାଡ଼ ଉହାଡରେ ଲୁଚି ଯାନ୍ତି ରବି
ଧିରେ ଧିରେ ସନ୍ଧ୍ୟା ଆସେ ।
ଘଣ୍ଟ ଘଣ୍ଟା ଶୁଭେ ଦୂର ଦେଉଳେ
ଚୌରା ମୂଳେ ଜାଳେ ସଞ୍ଜବତୀ ।
ସଭିଙ୍କ ଆଦର ଯତ୍ନ ନିଏ
ନିଜେ ନିଜ କଥା ଭୁଲି ।
ତ୍ୟାଗର ପ୍ରତିମା ସେ ଦେବୀ
ଜଳେ ନୀତି ହୋଇ ଦୀପ ।
ସଂସାର ସୁଖ ଶାନ୍ତି ପାଇଁ
ଖୋଲେ ନାହିଁ କେବେ କୋହର ପେଡ଼ି ।
ହାତେ ଓଢ଼ଣା ଟାଣି
ଥିରି ଥିରି ଚାଲେ ଗ୍ରାମୀୟ ପଥେ ।
ସମୟ ସାଥିରେ ଇସ୍ପାତ ପଥରେ
ଚାଲୁ ଥାଏ ସେ ସଦା ଧୀରେ ଧୀରେ ।
ସ୍ୱପ୍ନ ତାର ଅନେକ ଥାଏ ମନେ
ବାସ୍ତବେ ବହୁ ଦୂରେ ଜୀବନେ ।
ଦୀପରେ ସଳିତା ହୋଇ ଜଳେ
ଆତ୍ମିୟ ପ୍ରିୟଜନଙ୍କ ପାଇଁ ।
ତାର ଭିନ୍ନ ରୂପ ଧରା ବକ୍ଷରେ
ସେ ଦେବୀ ପାଳନ ହାରି ।




ମହ୍ଲାର ଇ-ପତ୍ରିକା ରେ ଆପଣଙ୍କ ଲେଖା ଦେବାକୁ
ଚାହୁଁଥିଲେ ଆମକୁ ଯୋଗାଯୋଗ କରନ୍ତୁ .
ୱେବ୍ସାଇଟ : www.malharodia.com
ଇ-ମେଲ : malharmagazine@gmail.com
ଫୋନ : 8328951229



ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୂତୀ ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ନବ ଉନ୍ମାଦ

# ଗୋଟିଏ ରାତିର ପ୍ରେମ କାହାଣୀ...



**ଦେବାଶିଷ୍ ସାହୁ**
ବେଲଟିକିରି, ଢେଙ୍କାନାଳ

**ଦ**ଶମ ପାଠପଢ଼ା ରାଜେନ୍ଦ୍ରର ସରିଯାଏ । ତା' ପରେ କ'ଣ ପଢିବ ବୋଲି ଭାବିଲା,ଶେଷରେ ନିଷ୍ପତି ନେଲା ଦ୍ୱାଦଶ ପଢିବ ଆଉ ସେଥି ପାଇଁ ଫର୍ମ ପକେଇ କଳା,ବାଣିଜ୍ୟ,ବିଜ୍ଞାନ ମଧ୍ୟରୁ କଳାରେ ନାମ ଲେଖାଇ ଦେଲା । ସେହି ସମୟରେ କୋରୋନା ମହାମାରୀର ତାଣ୍ଡବ ସାରା ବିଶ୍ୱରେ ଚାଲିଥାଏ । ତେଣୁ ସେଥିପାଇଁ ସରକାର ସମସ୍ତ ସ୍କୁଲ ଏବଂ କଲେଜ ବନ୍ଦ କରିଦେଇ ଥିଲେ । ସେମିତି କିଛିଦିନ ଗଲାପରେ ପୁଣି ସବୁ ଶିକ୍ଷା ଅନୁଷ୍ଠାନ ଖୋଲାଗଲା । ତାପରେ ରାଜେନ୍ଦ୍ର ଆଉ ତା'ର ସାଙ୍ଗ କଲେଜ ବାହାରିଲେ ଯିବା ପାଇଁ ।

ସେଦିନ ଥାଏ କଲେଜର ପ୍ରଥମ ଦିନ, ରାଜେନ୍ଦ୍ର ଆଉ ତା'ର ସାଙ୍ଗ ବସରୁ ଓହ୍ଲେଇ କଲେଜ ରାସ୍ତାରେ ଯାଉଥାନ୍ତି । ସେମିତି କିଛିଦୂର ଯିବା ପରେ ହଠାତ୍ ରାଜେନ୍ଦ୍ରର ସାଙ୍ଗ ଜୋତାରୁ ତା'ର ବଧିଟା ବାହାରି ଗଲା ସେ କିଛି ବାଟ ଯାଉଥାଏ ଆଉ ବଧିକୁ ତା'ର ଜୋତାରେ ଲଗାଉଥାଏ । ଏମିତି କରି କରି ଦୁହେଁ ଆସି କଲେଜରେ ପହଞ୍ଚି ଗଲେ, ଆଉ ସେଇ ନୂଆଁ କଲେଜରେ ସେମାନଙ୍କୁ ସବୁ କିଛି ନୂଆ ନୂଆ ଲାଗୁଥାଏ । ଏମିତି କିଛି ଦିନ କଲେଜ ଆସିବ ପରେ ଦିନେ ରାଜେନ୍ଦ୍ରର ଗୋଟେ ଝିଅ ସହ ପ୍ରଥମ ଥର ଦେଖା ହୁଏ ଏବଂ ଅଜଣା ଭିଡ଼ରେ ଦିଶୁଥିବା ଜଣା ମୁହଁଟେ ପରି ଲାଗୁଥାଏ । ସେ ଭାବିଲା ମୁଁ ପ୍ରେମରେ ପଡ଼ିଗଲି କି ଆଉ ପୁଣି ଭାବିଲା ନାଇଁ ବାବା ନାଇଁ ସେ ପ୍ରେମ ମୁଁ କରିବିନି କିନ୍ତୁ କ'ଣ ହେବ ତା' ଆଖିସିନା ତାକୁ ଥରେ ଚାହିଁ ଆଉ ଚାହିଁବନି ବୋଲି ମନା କରୁଥାଏ କିନ୍ତୁ ସେଇ ପ୍ରଥମ ଦେଖା ପରଠାରୁ ତା' ହୃଦୟ ପରା ତାକୁ ପ୍ରତି ମୁହୂର୍ତ୍ତରେ ଚାହୁଁଥାଏ । ଆଉ ତାକୁ ଦେଖିଲେ ଲାଗେ ସତେ ଯେମିତି ସ୍ୱର୍ଗରୁ ଅପ୍ସରାଟିଏ ଏଇ ମର୍ତ୍ତ୍ୟକୁ ଓହ୍ଲାଇ ଆସିଛି ।

ଲୋକେ କୁହନ୍ତି ପା ଯାହାକୁ ଯିଏ ରସିଲା ତାକୁ ସିଏ କିଆ ଫୁଲ ପରି ବାସିଲା ଠିକ୍ ସେହି ପରି ସେ ଅପ୍ସରା ନହୋଇ ମଧ୍ୟ ତାକୁ ସେ ଝିଅ ଅପ୍ସରାଟେ ପରି ଲାଗୁଥାଏ । ସତେ ଯେମିତି ଗୋଟିଏ ଚାଉଳରେ ଗଢା ଝିଅଟିଏ । ରାଜେନ୍ଦ୍ର ଭଲ ପାଇବ କି ନାହିଁ ବହୁତ୍ ଭାବିବା ପରେ ଶେଷରେ ସ୍ତିର କଲା ଭଲ ପାଇବ ବୋଲି ଆଉ ତା'ର ଆରମ୍ଭ ହୋଇଗଲା ଏକ ତରଫା ଭଲ ପାଇବା,ଏମିତି କିଛିଦିନ ଗଲାପରେ ସେ ଝିଅ ମଧ୍ୟ ଜାଣିଲା ଯେ ସେଇ ପିଲାଟା ତାକୁ ଭଲ ପାଉଛି । ପୁଣି ସେମିତି କିଛି ଦିନ ଚାଲିଯାଏ । ଦିନେ ତାକୁ ପାଖକୁ ଡାକିଲା ଆଉ ଜାଣିଥିଲି ସେ ତାକୁ ମନା କରିଦେବ ବୋଲି । ଏହା ଜାଣି ମଧ୍ୟ ରାଜେନ୍ଦ୍ର ମନର କଥା ଖୋଲା ଖୋଲି ଭାବରେ ଖୋଲା ଆକାଶ ତଳେ ତାକୁ କହିଦିଏ । ସେ ଝିଅ ତା'ର ଗୋଲାପି ଗୋଲାପି ଓଠରେ ବଡ଼ ନାଁ... ଟିଏ କହି ସେଠାରୁ ଚାଲିଯାଏ । ତାକୁ ନେଇ ଦେଖିଥିବା ସ୍ୱପ୍ନ ଗୋଟେ ମୁହୂର୍ତ୍ତରେ ରାଜେନ୍ଦ୍ରର ଭାଙ୍ଗିଗଲା ।

ସେତିକି ବେଳକୁ ରାଜେନ୍ଦ୍ରର ବୋଉ ଆସି ତାକୁ ଢୋକି ଚଟକଣା ଟିଏ ମାରିଦିଏ ରାଜେନ୍ଦ୍ର ସେବେ ଭାବୁଥାଏ ମୋ ବୋଉ କ'ଣ ଆମ କଲେଜକୁ ଆସିଲା ଭାରି କି ? ଏହା ଭାବୁ ଭାବୁ ରାଜେନ୍ଦ୍ରର ବୋଉ ପୁଣି ଆସି ଚଟକଣା ଟିଏ ମାରିଦିଏ । ସେତେବେଳକୁ ହଠାତ୍ କି ଆଖି ଖୋଲିଯାଏ ରାଜେନ୍ଦ୍ରର। ଦେଖୁ ଦେଖୁ ସେ ନିଘୋଡ଼ ନିଦରେ ସକାଳ ସାତଟା ଯାଏ ଶୋଇ ପ୍ରେମର କାହାଣୀ ଟିକୁ ସ୍ୱପ୍ନରେ ଦେଖୁଥିଲା । ବୋଉ ଠାରୁ ମାଡ଼ଖାଇ ନିଦଟା ତ' ଭାଙ୍ଗିଲା ଭାଙ୍ଗିଲା ତା'ସହ ସ୍ୱପ୍ନରେ ଦେଖିଥିବା ସୁନ୍ଦର ପ୍ରେମର କାହାଣୀଟି ମଧ୍ୟ ଭାଙ୍ଗିଗଲା । ବଡ଼ ଅଜବ କଥା, କିଏ ସିନା ମାଡ଼ଖାଇ କାନ୍ଦେ ହେଲେ ସେ କୁଳାଙ୍ଗାର ନିଦରୁ ଉଠିପଡ଼ି ସ୍ୱପ୍ନରେ ଦେଖିଥିବା ପ୍ରେମର କାହାଣୀକୁ ଭାବି ମୁରୁକି ମୁରୁକି ହସୁଥାଏ । ସେବେ ପୁଣି ତା' ବୋଉ ଆସି ଢୋକି ଚଟକଣା ଟିଏ ମାରି ଦେଇ କୁହେ-"ମାଡ଼ଖାଇ ହସୁଛି ଆହୁରି, ଜାଆବେ କୁଳାଙ୍ଗାର ।



ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୂତୀ ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
ମହ୍ଲାର
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ନବ ଉନ୍ମାଦ

# ଅବ୍ୟକ୍ତ କଥା...



ପ୍ରିୟଙ୍କା ପାଟଶାଣୀ
ଖୋର୍ଦ୍ଧା

ତୁମେ ଜାଣ ...?
ମୁଁ ସେଇ ଦିନ
ତୁମ ପ୍ରେମ' ର ମାଦକ ତାରେ
ନିଶା ଶକ୍ତ ହେବାର ମୁଁ ଅନୁଭବ କରିଥିଲି ।
ଯେଉଁ ଦିନ,ତୁମ ଯନ୍ତ୍ରଣା ର ଅଗ୍ନି ରେ ..!
ମୁଁ ନିଜକୁ ଝାସ ଦେବାକୁ ବସିଥିଲି ।

ତୁମ ଠାରୁ ବିଦାୟ  ନେବାର
ସେହି ମୁହୂର୍ତ୍ତରେ...
ମୋର ଦୁଇ ନୟନ ସମ୍ମୁଖରେ!
ମୋ ଅନ୍ତର ହୃଦୟ ରେ ସୃଷ୍ଟି ହେଉଥିବା
ସମସ୍ତ ସ୍ୱପ୍ନ କେଇ କ୍ଷଣି ଭିତରେ
ଭାଙ୍ଗି ରୁଜି ଚୁର୍ ମାର୍  ହୋଇ ସାରିଥିଲା

ମୁଁ ସାଜି ଥିଲି ସେଇ କ୍ଷଣି
ଏକ ସମାଧି ସ୍ଥଳ
ସାଇତା ହୋଇ ରହିଥିବା
ହୃଦୟ ଭିତରେ ଅନେକ ଗୁଡ଼ିଏ ସ୍ୱପ୍ନ
ସତେ ଯେପରି ଟୁକୁଡ଼ା, ଟୁକୁଡ଼ା ହୋଇ
 ସମାଧି ସ୍ଥ ହେବାର ଲାଗିଥିଲା



ବିଶ୍ୱାସ ଓ ଭରଷା ମଧ୍ୟରେ
ସୃଷ୍ଟି ହେଇଥିଲା ଭଙ୍ଗା ପ୍ରାଚୀରଟେ।
ଏ ପ୍ରକମ୍ପିତ ଶରୀରେ  ଓ ଥର୍ ଥର୍ ଓଠ ରେ
ମୁଁ ସୃଷ୍ଟି କରିବାକୁ ଚାହିଁଥିଲି
ଏକ ମିଥ୍ୟା ହସ , କିନ୍ତୁ ହାର୍  ମାନିସାରିଥିଲ ଏ ହୃଦୟ ।।

ଏକ ନୂତନ ଆଶାରେ ପ୍ରାଣ ସଞ୍ଚାର...



ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୂତୀ ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ନବ ଉନ୍ମାଦ

# ତୁମ ଅପେକ୍ଷାରେ...




**ଐଶ୍ୱରୀୟା ରାଉତରାୟ**
ବାଗଲପୁର,କଟକ

**ଅ**ପେକ୍ଷା କରି ମୁଁ ତୁମରି ବାଟକୁ
ଆଜି ବି ରହିଛି ଚାହିଁ,
ଅପେକ୍ଷା ର ଅନ୍ତ ଘଟାଇ ଆସି ଯାଅ ପ୍ରିୟ ମୋର,
ରହିଛି ମୁଁ ତୁମ ଫେରିବା ବାଟକୁ ଅନାଇ ...
ଭିଜୁଛି ତ ନିତି ଲୁହ ଶ୍ରାବଣରେ
ଅନ୍ଧାର ଆୟୁଷ ସାଥେ,
ଦେଖେଇ ପାରୁନି ହୃଦୟ ଆଘାତ
କହିପାରୁନି ମୁଁ ଦରଜ କେତେ,
ତଥାପି...ତୁମ ଅପେକ୍ଷାରେ....

ଅପେକ୍ଷାର ସମୁଦ୍ରରେ
ଭାସିଚାଲେ ପ୍ରେମ ଡଙ୍ଗା ସାଜି
ବିଗତ ରାତ୍ରିର ସ୍ମୃତିର ସାଥେ,
ନୀରବ ବେଦନା ସହି ମୁଁ ଚାଲିଛି
କରି ହସ ଅଭିନୟ
ତୁମେ କି ବୁଝିବ ଭଗ୍ନ ହୃଦୟର କଷଣ
ତଥାପି...ତୁମ ଅପେକ୍ଷାରେ....



ତୁମ ଅପେକ୍ଷାରେ ତିଳ ତିଳ ହୋଇ
ହୃଦୟ ଯେ ମୋର
ଅହରହ ଜଳିଚାଲେ,
ମୁଁ ଯେ ଶୁଖିଲା ମରୁଭୂମିଟିଏ
ତୁମ ଅଫେରା ବାଟକୁ
ଚାତକ ପରି ଚାହିଁ ରହିଥାଏ
ତୁମେ କାଳେ ଅଦିନିଆ ବର୍ଷା ହୋଇ ବରଷିଯିବ
ଏ ଶୁଖିଲା ମରୁଭୂମି ରେ ପତ୍ରଟିଏ କଅଁଳିବା ଆଶାରେ,
ଜାଣିନି ସେ ଦିନ କେବେ ଯେ ଆସିବ
ତଥାପି....ତୁମ ଅପେକ୍ଷାରେ..





ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତୀ ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ନବ ଉନ୍ମାଦ

# ଆସିଛି ହେମନ୍ତ ଶରତ ଶେଷେ...



**ପ୍ରଶାନ୍ତ କୁମାର ଦାଶ**
କୁଞ୍ଜର ସଙ୍ଗଳାଇ,
ପିପିଲି, ପୁରୀ


**କ**ଅଁଳ ଘାସର ପିଠିରେ ପଡିଛି
କାକର ମୁକୁତା ସରି ,
ହେମନ୍ତ ଆସିଛି ଶରତ ଶେଷରେ
ହେମାଳ ପବନ ଧରି ।।

ସତେକି କୁହୁଡି କୁହୁକ କରିଛି
ଦିଶୁନି ସକାଳୁ ବାଟ ,
ଅପସରିଗଲେ କୁହୁକା କୁହୁଡି
ଘନଅଜା ଯିବେ ହାଟ ।।

ମନ୍ଦିରୁ ଶୁଭୁଚି ଘଣ୍ଟ-ଘଣ୍ଟା ସୁର
ବାଜେ ଶଙ୍ଖ ଝାଞ୍ଜ ଖୋଳ ,

ଠାକୁରଙ୍କୁ ପୂଜି ଖୁସିରେ ଭକତ
ଧରମ ଭାବରେ ଭୋଳ ।।

ପାଚି ନାଚିଲାଣି ଗହୀର ବିଲରେ
ନାନା କିସମର ଧାନ ,
ସେଇ ଧାନକାଟି ଚାଷୀ କରିଦେବ
ଦୁନିଆ ହିତରେ ଦାନ ।।



ନାନାଜାତି ଫୁଲ ପନିପରିବାର
ଚାରା ରୋପିଲାଣି ଚାଷୀ ,
ବେଳ ବୁଡିଗଲେ ଗଛଡାଳେ ବସେ
ପକ୍ଷୀ ଦୂରୁ ଉଡିଆସି ।।



ରାଗ ଅଭିମାନ ମନରୁ ଦୂରେଇ
କରିବା ରାଇଜ ହିତ ,
ଭୁଲି ଭେଦଭାବ ଟାଳିବା ଅଭାବ
ଗାଇ ଖୁସିମନେ ଗୀତ ।।



ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୃତୀ ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ନବ ଉନ୍ମାଦ

# ଶିଶିର ଭିଜା ଶୀତ ସକାଳ...



**ଗୋବିନ୍ଦ ବେହେରା**
ଡାଙ୍ଗମାଳ, କେନ୍ଦ୍ରାପଡ଼ା

**ଶ**ରତ ର ଅନ୍ତେ ହେମନ୍ତ ଆଗତ
ଶିଶିର ପଡ଼ଇ ଝରି,
ମୟୀ ମଣ୍ଡଳରେ ଅପୂର୍ବ ପୁଲକ
ଶୀତ ଆସେ ଥିରି ଥିରି ।

ନବ ବଧୂ ପରି କୁହୁଡି ଓଢ଼ଣୀ
ଟାଣି ଥାଏ ପଲ୍ଲୀ ପୁଣି,
ଧୂମ୍ରାନ୍ତ ଭୁବନ ଦିଶେ ଧୁମ୍ର ବର୍ଣ୍ଣ
ନଦୀଶୟୀ ଦିନ ମଣି ।

ଦ୍ରୋପା ଦଳ କରେ ମହା ସ୍ନାନ ପୁଣି
ଶିଶିର ଅମୀୟ ଧାରେ,
ଫୁଟି ଉଠେ ସୁମ ନବ ନବୀନରେ
ପ୍ରକୃତିର ଭିବା ତୀରେ ।



କଳରବ ଶବ୍ଦେ ବିହଙ୍ଗ ଉଠୟୀ
ଅଳସ୍ୟ କୁ ପରି ହରି,
ଖାଦ୍ୟ ସନ୍ଧାନ ରେ ଉଦ୍ୟତ ହୁଅନ୍ତି
ଶୀତ ଯାଏ ଅପସରୀ ।

ସୂର୍ଯ୍ୟ ରଶ୍ମି ତେଜ ଅପୂର୍ବ ଲାଗୟୀ
ସତେଜ କରୟୀ ପ୍ରାଣ,
ଦେବାଳୟୁ ଶୁଭେ ବେଦ ମନ୍ତ୍ର ଧ୍ୱନି
ପବିତ୍ର ତା ଭରେ ପ୍ରାଣ ।



ସକାଳ ଖବର ଦେଶ ଦୁନିଆର
ଶୁଣିବାକୁ ଲାଗେ ଭଲ,
ଫୁଲ ବଗିଚାରେ କପେ ଚାହା ଥିଲେ
ମୁଲତା ଅମୁଲ ମୁଲ ।

ଶୀତ ପୋଷାକରେ ଶୀତୁଆ ସକାଳ
ଲାଗି ଥାଏ ମିଠା ମିଠା,
ସ୍ମୃତି ମହଲ ରେ ଭରି ଦିଏ ପୁଣି
ଅଭୁଲା ଅତୀତ ଛିଟା ।



ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୂତୀ ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ନବ ଉନ୍ମାଦ

# ଗୁରୁ...



ନେନାରୋଜି ପଧାନ
ସିଡ଼ିଏ, ବିଡାନାସୀ,
କଟକ

**କେ**ବେ ହୋଇଯାଆନ୍ତି ପଥର ପରି ଶକ୍ତ,
ଆଉ କେବେ ହୋଇଯାଆନ୍ତି ଫୁଲ ଠୁ କୋମଳ,
କେବେ ସମୁଦ୍ର ପରି ବିକଟାଳ ଗର୍ଜନ କରନ୍ତି
କେବେ ନଇ ପରି ଦେଖା ଯାଆନ୍ତି
ଶାନ୍ତ ଶୀତଳ !

ଜ୍ଞାନ ଦକ୍ଷତାର ଉଜ୍ଜ୍ୱଳ ଦୀପ ଶିଖା ପରି
ଅଜ୍ଞାନ ଅନ୍ଧକାର ଦୂରେଇ ଦିଅନ୍ତି...
କେବେ ଅନାବିଳ ସ୍ନେହ ପ୍ରେମ ନିଷ୍ଠା ଓ ଆଦରର
ପରସ ଭରି ମାଟି ପଥରକୁ ପ୍ରତିମା ରୂପେ ଯତନରେ
ଗଢି ସେ ତୋଳନ୍ତି !!

ମାଆ ପରେ ଗୁରୁ ମୋ ପାଇଁ ମୋ ବିଶ୍ୱ, ମୁଁ ତାଙ୍କ ବିନା ନିଃସ୍ୱ
ବଉଦ ଠୁ' ରଙ୍ଗ ଆଣି ବୋଳି ଦିଅନ୍ତି ମୋ ଆଖିରେ ସ୍ୱପ୍ନ ହେବା ପାଇଁ
ନଈ ଠୁ' ତତ୍ପରତା ଆଣି ଭରି ଦିଅନ୍ତି ଜୀବନରେ ଚଞ୍ଚଳ ହେବା ପାଇଁ
ଆକାଶ ପରି ବିଶାଳତା ଆଉ
ସମୁଦ୍ର ପରି ଗଭୀରତା ଖଞ୍ଜି ଦିଅନ୍ତି ମୋ ଆତ୍ମ ଚିନ୍ତନରେ !!!



କେବେ ସ୍ୱପ୍ନରେ ରଙ୍ଗ ଭରି ପ୍ରଜାପତି ସହ
ଉଡିବାକୁ କୁହନ୍ତି,
ଆଉ କେବେ ଫର୍ଚା ଆକାଶର ଇନ୍ଦ୍ରଧନୁ ହୋଇ
ବିଛେଇ ହୋଇ ପଡନ୍ତି ମୋ ବ୍ଲାକବୋର୍ଡ୍ ପରି ଜୀବନରେ...
କେବେ ହାତ ଧରି ଲେଖି ଦିଅନ୍ତି ଅକ୍ଷର
କେବେ କଷି ଦିଅନ୍ତି ଅଙ୍କ
କେବେ ଅ" କେବେ ଆ" କେବେ ପାହାଡ ଗଛ ଘର ପାରା
ଆଉ କେବେ ଆଙ୍କି ଦିଅନ୍ତି କାଉ ଗପଠୁ ମୋ ସୁନେଲି ଭବିଷ୍ୟତ ଯାଏଁ !!!

ଅତୁଳନୀୟ ଅବଦାନ ରେ ଚରିତ୍ର ଗଠନ କରନ୍ତି
ଆଶିଷ ର ହାତ ମଥାରେ ରଖି...



ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତୀ ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ନବ ଉନ୍ମାଦ

କେବେ ସାଥେ ବସି ପଡନ୍ତି,
ଆଉ କେବେ ବହେ ଗପନ୍ତି
କେବେ ବୁଝି ଅବୁଝା ହେଲେ ସେହି ହାତର

ଆଙ୍ଗୁଳି ଦାଗ ଦେଖାଯାଏ ମୋ ପିଠି ଉପରେ
ତଥାପି କଣ ରାଗି ପାରେ କି ?
ମୋ ଅଧା ପୋଡା ମୁହଁ ଆଉ ଛଳ ଛଳ ଆଖିରେ !!!

ଯିଏ ପାଖରେ ଥିଲେ ଶୂନ୍ୟରେ ଉଡାଣ ଭରିବାକୁ ମଧ ଡର ଲାଗେନା
ଯାହା ପାଦ ଛୁଇଁ ଦେଲେ ମତେ ଆଉ କାହା ଆଶୀର୍ବାଦ ଲୋଡା ପଡେନା |

## ନାରୀ...



ପ୍ରିତୀକଳ୍ପିତା କୁଅଁର
ସୁନାପାଳ, ପ୍ରିତିପୁର, ଯାଜପୁର

**ନିସ୍ତବ୍ଧ ରାତ୍ରିର**
କରାଳ ରୂପରେ ,
ଭିଜୁଛି ବସୁଧା ନିଷ୍ପାପ ନାରୀର
ଉଷ୍ମ ରକ୍ତ ଧାରାରେ।।
ନରଭକ୍ଷୀ ରାକ୍ଷସ ବୁଲନ୍ତି
ଏଠି ମାନବ ବେଶରେ ,
ମନର ତୃଷ୍ଣାକୁ ଶାନ୍ତ କରନ୍ତି
ନାରୀର ସେ ଆର୍ତ୍ତ ଚିତ୍କାରେ ।।
ଶକ୍ତିର ଉତ୍ସ ବୋଲାଉଥିବା ନାରୀ
ଆଜି ଶକ୍ତ ନର ର ପାଦରେ ,
ନିଜର ଅସ୍ତିତ୍ୱ ହରାଇ ବସେ
ପୁରୁଷର କାମନା ଲାଳସା ଅଗ୍ନି ରେ।।





ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୂତୀ ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/

# ନିଜକୁ ଥରେ ପଢ଼ିଦେଖ...




ଲବଦାନ ନାଏକ
ଜୟପୁର, କୋରାପୁଟ

**ଆ**ଉ କାହାର ତ୍ରୁଟି କୁ
ସଂଶଧୋନ କରିବା ପୂର୍ବରୁ
ଥରେ  ନିଜେ ନିଜକୁ ପଢ଼ିଦେଖ,
କାଳେ ତୁମ ନିଜ ପୁସ୍ତକ ରେ
ଅନେକ ତ୍ରୁଟି ରହିଥିବ |

ଛୁଞ୍ଚି ଦେହରେ କଣା ଥିବା ଦେଖି
ଉପହାସ ଜମା କରନି ତାକୁ
କିଏ ଜାଣେ କାଳେ , ତୁମ ନିଜ ଦେହରେ
ଚାଲେଣି ଭଳି ହଜାରେ କଣା ରହିଥିବ |

ଆକାଶକୁ ଟେକା ମାରିବା ପୂର୍ବରୁ
ଆଉ ଥରେ ତୁମେ ଭାବିଦେଖ,
କାଳେ ସେହି ଟେକା ଆକାଶରୁ ଖସି
ନିଜ ଦେହରେ ବାଜି ଯିବ |



ଆଉ କାହାକୁ ଦେଖି ନାକ ଟେକିବା ପୂର୍ବରୁ
ଥରେ ନିଜେ ନିଜ ଦେହ ଶୁଙ୍ଘି ଦେଖ,
କାଳେ ସେହି ଦୁର୍ଗନ୍ଧ ଘମଘମ ହୋଇ
ତୁମରି ଦେହରୁ ବାସୁଥିବ |


ଯଦି ପ୍ରେମ ଦେଇ ପାରୁନାହଁ
ତେବେ ଘୃଣା ମଧ୍ଯ କରନି ତାକୁ,
ନଚେତ୍ ସେ ଘୃଣାର ନିଆଁରେ
ତୁମେ ହିଁ ଦିନେ ଜଳିଯିବ |

ଯଦି କାହା ଓଠରେ ହସ  ଦେଇ ପାରୁନାହଁ
ତେବେ ଲୁହ ମଧ୍ଯ ଦିଅନି ତାକୁ,
ନଚେତ ତୁମେ ସେ ଲୁହରେ ଭାସିଯିବ |



ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବବ୍ରତୀ ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ନବ ଉନ୍ମାଦ

# ମରୁଭୂମିର ମରିଚିକା...



**ସୁନିତା ଦାଶ**
ଭୁବନେଶ୍ୱର

ଏବେ ଫୁଲର ମହକ ଆଉ ମନକୁ
ମୁଗ୍ଧ କରୁନି
ଜହ୍ନ ର  ଜୋଛନା ଦେହକୁ ଆଉ
ଶୀତଳତା ଦଉନି

ତାରା ମାନଙ୍କର ଆଖିମିଟିକା ଆଉ
ମନକୁ ଖୁସି ଦଉନି
ନଈ କୂଳର ସେ କାଚକେନ୍ଦୁ ପରି
ଜଳ ରାଶିରେ ନିଜର ପ୍ରତିଛବି
ଦେଖିବାକୁ ଆଉ ଇଛା ହେଉନି

ଆମ୍ବ ତୋଟାରେ ବସି ବସି କୋଇଲିର



ସ୍ୱରରେ ସ୍ୱର ମିଶାଇ କୁହୁକୁହୁ କହିବାକୁ
ମନ ଡାକୁନି
ଦକ୍ଷିଣ ଦିଗରୁ ଭାସି ଆସୁଥିବା ସୁଲୁସୁଲିଆ
ମଧୁ ମଳୟଟା ଦେହରେ ବାଜି ଯାଉଛି ସତ,
ହେଲେ ଦେହକୁ ଶୀତଳତା ଦେଉନି
ଲାଗୁଛି ସବୁ କିଛି ମିଛ    ମିଛ ଏ ଦୁନିଆ
ସବୁଠୁ ବଡ ମିଛ ଆମର ଏ ସମ୍ପର୍କ...

ଲାଗୁଛି ମୁଁ ନିଜକୁ ହିଁ ହଜେଇ ଦେଇଛି
ଚାରିଆଡେ କେବଳ ମରୁବାଲି,



ମୁଁ ସେହି ମରୁଭୁମିର ବାଲି ସ୍ତୁପରେ ଠିଆ ହୋଇ
ପାଣି ପାଣି ବୋଲି ଚିତ୍କାର କରୁଥିବା ମଣିଷ ଟିଏ...
ଯାହାକୁ ପାଣି ଭାବି ତା ପାଖକୁ ଯାଉଛି
ସେଠି ପାଣି ନୁହେଁ ମରିଚିକା ମତେ ସ୍ୱାଗତ କରୁଛି...
ଏହା ଦେଖି ମରୁଭୁମିର କାକ୍ଟସ୍ ସବୁ ମତେ
ତାଛଲ୍ୟ କରି କହୁଛନ୍ତି, ହାହାହାହା....
ଆଜି ତୁ' ନିଜକୁ ଟିକେ ଦେଖ୍ ତୁ ବି ଆଜି ଆମ ପରି
ମରୁଭୁମିର ମରିଚିକା ର ଭ୍ରମରେ ପଡି ଯାଇଛୁ..
ଏବେ ତୁ ମରୁଭୁମିର ମରୁ ବାଲିକୁ ନିଜର କରି ନେ
ଆମ ପରି।

# ଆହେ କରୁଣାମୟ...



**ପାରଦ କୁମାର ପାଢୀ**
ଅବସରପ୍ରାପ୍ତ ଶିକ୍ଷକ, ରାଜା ସାହି,
ହିଞ୍ଜିଳିକାଟୁ

**ଦୀନ**, ଦୁଃଖୀ ରଙ୍କ ଆରତେ ଡାକନ୍ତି
ସଭିଙ୍କର ଦୁଃଖହାରୀ ,
ହେ କରୁଣାମୟ ଆହେ ଜଗନ୍ନାଥ
ଡାଳ ମୁନ୍ଦେ ସୁଖ ବାରି ||
ତୁମ ପଦ ତଳେ ଯେ ନିଏ ଆଶ୍ରୟ
କରମ ତା' ହୁଏ ସାର୍ଥ ,
ତାହାହିଁ ତ' ସୁଖ ଖୋଜିବି କାହିଁକି
ଅନ୍ୟଠି ହୋଇବ ବ୍ୟର୍ଥ ||
ତୁମ ହୃଦୟ ରେ ପ୍ରେମ ଓ କରୁଣା
ଭରିଛି ସାଗର ସମ ,
ତୁମ ପଦସ୍ପର୍ଶ ଅତ୍ୟନ୍ତ କୋମଳ
କମଳ ଭଳି ନରମ ||
ଆଶୀଷ ପାଇକି ବନ୍ଧୁ ମହାନ୍ତି ଯେ
ପାଇଲା ସହସ୍ର ରତ୍ନ ,
ସୁଖ ସମୃଦ୍ଧିର ଗନ୍ତାଘର ତୁମ
କୁଣ୍ଠେ ମୋଟ କଲା ମନ ||
ମହିମା ତୁମର ହେଲା ଅନ୍ୱେଷିତ
ଦାସିଆ ହାତୁ ନଡିଆ ,
ଯେଉଁ ଦିନ ନେଲ ଘୋଷ ଯାତରାରେ
ଭାବିଲେ ଲାଗେ ବଢିଆ ||
ମଣିଷ ପଣିଆ ଚାଖି ସାଲବେଗେ
ଆତ୍ମବଳ ଦିଆଇଲ ,
ନାମ ଗୁଣ ସ୍ମରି ଉଦ୍ୟମ କଲାରୁ
ଲେଖନୀ ତା' ଚଳାଇଲ ||
ତା ଭକତି ଗୀତ ସଭିଙ୍କ ତୁଣ୍ଡରେ
ଦିବା ନିଶି ବୋଲାଇଲ ,
ମଣିଷ ଜାତିର ପ୍ରଭୁ ଭାବ ନିଜ
ସଂସାରରେ ରଖାଇଲ ||
ସସ୍ର ସସ୍ର ଭକ୍ତ ପେଟେ ଭରୁଅଛ
ତବ ଭୋଗୁ ମୁଠେ ମୁଠେ ,
କେହି ଫେରନ୍ତିନି ଭୋକିଲା ପେଟରେ
ସନ୍ତୁଷ୍ଟି ଲଭନ୍ତି ପୀଠେ ||

ଅହଂ ଭାବ ତେଜି ଯେଉଁ ଭକ୍ତ ଡାକେ
ତାର ଆର୍ତ୍ତି ଶୁଣି ଥାଅ ,
ଜଗତ ର ଯେଉଁ କୋଣେ ଥିଲେ ହେଲେ
ଦୟାର୍ଦ୍ରରେ ଶୁଣିଥାଅ ||
ତୁମ ଭଳି ପ୍ରଭୁ ସଂସାରେ ବିରଳ
ତୁରନ୍ତ ହୃଦ ତରଳେ,
ଅଳ୍ପ ଜଳ ତାପେ ପାଇଲେ ଯେପରି
ଗଛରେ ଅଗ କଅଁଳେ ||





ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୂତୀ ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ନବ ଉନ୍ମାଦ

# ଏଇତ ଜୀବନ...



**ନମିତା ବରାଳ**
କାଶୀପୁର, ଖୋର୍ଦ୍ଧା

ଏନ୍ତୁଡ଼ି ଶାଳରେ ମଣିଷ ଜନମ
ମଶାଣି ଭୂମି ରେ ଶେଷ,
ଅଢ଼େଇ ଦିନର ସଂସାରେ ମଣିଷ
ନିତି ବଦଳାଏ ବେଶ ।।

ମଣିଷର ବେଶ ଭାରି ଯେ ମହଙ୍ଗା
ଭାରି ପଡେ ଯେ ନିଜକୁ,
କେବେ ପୁଣି ସତ କେବେ ପୁଣି ମିଛ
କେବେ ଦେଖାଏ ଅହଂକାର କୁ।।

ବୁଝିତ ହୁଏନା ଏ ମଣିଷ ମାୟା
ସଂସାର ରେ ଘର କରି,
ଅଢ଼େଇ ଦିନକୁ ବଡେଇ ଦେଖାଇ
ଯାଏ ସେ ସଂସାରୁ ତରି।।

ସୁଖ ଦୁଃଖ ଫଳ ଦୁଇଟି କୁ ଭୁଞ୍ଜେ
ବୟସ ପାହାଚ ଚଢ଼ି,
କିଏ ଲାଗେ ପିତା ପୁଣି କିଏ ମିଠା
ସମୟ ହାତରେ ପଡ଼ି।।

ମଶାଣି ଭୂମିରେ ଅଟକିବ ଯାଇ
ହେଉଥିବେ କେତେ ଝୁରି,
ତଥାପି ମଣିଷ ନିଜକୁ ବୁଝେନା
ମାୟା ସଂସାରରେ ପଡ଼ି।।

ସମୟ ସ୍ରୋତରେ ଗଡିଯାଏ ଦିନ
ଗଡ଼ଇ ବୟସ ଗାଡ଼ି,
କୁହୁଡ଼ି ଅନ୍ଧାରେ ମାଡ଼ି ଆସେ ମେଘ
ଅକଳନ୍ତି ତାର ରଡ଼ି ।।

ବୟସ ଗାଡ଼ିରେ ବସିବୁ ଯେବେ ତୁ
ଛୁକ୍ ଛୁକ୍ ତାର ରଡ଼ି,
ଯାଉଥିବ ମାଡ଼ି ଅନେଇ ଥିବୁ ତୁ
ପଛକୁ ଆସେନି ଗଡ଼ି।।

ବାଲ୍ୟ ରୁ ଆରମ୍ଭ ବୃଦ୍ଧ କାଳେ ଶେଷ
ଦୁନିଆ ମଝିରେ ପଡ଼ି,
ସୁଖ ର ନାଁ ରେ ଦୁଃଖ ପରସଇ
ସମୟ ହାତରେ ଡୋରୀ।।

ଦିନ ର ସୂରୁଯ ରାତିକୁ ଆସେନି
ଆସଇ ଅନ୍ଧାର ମାଡି,
ସମୟ ଚକରେ ସଂସାର ରଥରେ
ମୋହେ ଯାଉଥିବୁ ପଡ଼ି।।

ମଶାଣି ଭୂମିରେ ଶୋଇଥିବୁ ଯେବେ
ଅଭଙ୍ଗା ଚାଦର ଘୋଡ଼ି,
ଦାଉ ଦାଉ ହୋଇ ଜଳିଯିବୁ ଯେବେ
ପାଉଁଶ ତୋହର ଉଡ଼ି।।

ତଥାପି ମଣିଷ ନିଜକୁ ବୁଝେନା
ମାୟା ସଂସାର ରେ ପଡ଼ି,
ମୋହ ହୋଇ ଯାଏ ମାୟା ଦୁନିଆରେ
ମିଛ ସଂସାର କୁ ଡରି।।

ଅଢ଼େଇ ଦିନର ସଂସାରେ ନିଜକୁ
ଏପରି ବସିବୁ ଗଢ଼ି,
ମରିଗଲା ବେଳେ ଧନ୍ୟ ହୋଇଯିବୁ
ଶୋକ ସାଗରରେ ବୁଡ଼ି।।



ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୂତୀ ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ନବ ଉନ୍ମାଦ

# ମିନି କବିତା...



**ରୂପଶ୍ରୀ ପ୍ରଧାନ**
ବୁଧଙ୍ଗ, ବ୍ରହ୍ମଗିରି, ପୁରୀ

## (୧)

ହୋଇବ ସ୍ତବ୍ଧ ଏ ପୃଥିବୀ ଆଜି
ଶାନ୍ତ ହୋଇଯିବ ସମୁଦ୍ରର ଢେଉ ,
ବନ୍ଧୁ ମାନଙ୍କର ବିଛେଦ ଯନ୍ତ୍ରଣାକୁ ଦେଖି
ବର୍ଷା ବିନ୍ଦୁ ମେଘ ଝୁଲଣା ରେ ଝୁଲିବନି ଆଉ ||
ରାବିବେ ନାହିଁ ଆଉ କୋଇଲି
ଉଡିବେନି ଆଉ ପ୍ରଜାପତି ,
ଫେରିବା ଦିନେ ଏଇ ଦେଉଳକୁ
ହସି-ଉଠିବ ଆଉଥରେ ଏଇ ପୃଥିବୀ ||

## (୨)

ଆଖିରେ ସ୍ୱପ୍ନ ମନରେ କଳ୍ପନା
ସତ ହୁଏନାହିଁ କେବେ
ଆଖି ସିନା ସ୍ୱପ୍ନ ଦେଖେ ସତ ସିଏ କରେନି,
ମନ ସିନା କଳ୍ପିପାରେ, ବାସ୍ତବରେ ଅଣେନା ||
ଆଖିର ସ୍ୱପ୍ନ ଆକାଶର ତାର
ମନର କଳ୍ପନା ଶାମୁକାର ମୋତୀ
ସତେ କଣ କିଏ ଆଣିପାରିଛି...
ସବୁ ସ୍ୱପ୍ନ ଜୀବନରେ ସତ କଣ ହୋଇଛି...
ରହିଯାଏ କିଛି ଅଧୁରା ସପନ
ସତ ଯମା ସିଏ ହୁଏନି
ତାର ବିରହରେ ହୃଦୟ କାନ୍ଦେ
ଯେମିତେ ହୃଦୟ କିଏ ଭାଙ୍ଗିଦେଇଛି
ହୃଦୟର ଭାଷା ହୃଦୟ ବୁଝଇ
ମନ ଯମା ବୁଝିପାରିନା,
ହୃଦୟଟା ପରା କାଚରେ ତିଆରି
ଆଘାତ ସହି ପାରେନା

## (୩)

ଫୁଲ ତ' ଫୁଟିଲେ ଅରଣ୍ୟ କମ୍ପଇ
ଅଜଣା କାମକୁ ନାହିଁ ,
ତୁମେ ଅଛ କେଉଁ ଦୂର ଦୁରାନ୍ତରେ
ଖୋଜି ମୁଁ ଯେ ପାଏନାହିଁ ||
ନାମଟି ଯେମିତି କର୍ମ ବି' ସେମିତି
ଦେଇଅଛି ସତେ ବିହି,
ଦେଶର ସୈନିକ ସାଜି ହୋଇଅଛ
କେତେ ଝଡ-ଝଞ୍ଜା ସହି ||
ଅଜ୍ଞାନ ମୁଁହିଁ ଯେ ନାହିଁ ଏତେ ଜ୍ଞାନ
ଲେଖିବି ମୁଁ ତୁମ ପାଇଁ ,
କ୍ଷମା କରିଦେବ ତ୍ରୁଟି ଥିଲେ ବନ୍ଧୁ
ଏହି କବିତାଟି ପାଇଁ ||





ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୂତୀ ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/

# ଉପେକ୍ଷା...



**ରାଜଲକ୍ଷ୍ମୀ ସାମଲ**
ଯାଜପୁର

**ତୁ**ମେ ନିହାତି ପ୍ରେମ କହୁଥିବା ଶବ୍ଦ ଟିକୁ
ମୁଁ କେବଳ ଆକର୍ଷଣ ବୋଲି କହେ,
କାରଣ'ଟା କେତେ ସତ କେତେ ମିଛ
ତୁମେ ବେଶ୍ ବୁଝୁଛ ବୋଲି ମୁଁ ଭାବେ।
ଭଙ୍ଗା ପାନିଆ କେମିତି ବୁଝିବ
କେଶଗୁଛ ର ମହତ୍ତ୍ୱ ?
ମିଠା କୁ ଭଲପାଉଥିବା ଲୋକ
ଦେହର ରୋଗକୁ ଅଣଦେଖା କରେ,
ସବାଖାଇ କେଳା ବୁଝିପାରେନି
ରାଜମହଲ ର ଦୁଃଖ...
କିଛି ଶୋଷ କହିପାରେନି ଆଖି,
କିଛି ଭୋକ ଖୋଲିପାରେନି ଓଠ,
କିଛି ତର୍କ ଦେଇ ଦେଇପାରେନି ନିଷ୍ପତ୍ତି,
କିଛି ମିଛ ଲୁଚେଇପାରେନି  ସତ,
କିଛି ମୋହ ମୋହ ଭିତରେ ଥାଉ..।
ନିଦୁଆ ଆଖିରେ କବରୀ ଗଜରା ଖୋଲିବା ଆଗରୁ...
କିଛି ତ ସନ୍ତକ ଦେଇଯାଅ କାଲି ର ଅପେକ୍ଷା କୁ ।
ତୁଳସୀ ଦିଅ,ତମାଳ ଦିଅ, କେକୀପୁଛ ଅବା ମୁରଲୀ ଦିଅ
ଦେଇଯାଅ ବିଶ୍ୱାସ,ଚାଲୁଥାଉ ନିଶ୍ୱାସ....।।





ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୂତୀ ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ନବ ଉନ୍ମାଦ

# ଭାଗ୍ୟ ବଇରୀ...




**ଶାନ୍ତା କୁମାରୀ ନନ୍ଦ**
ମାସଁଡା, ଅରେଇ,
ଯାଜପୁର

**କେ**ତେବେଳେ ଭାଗ୍ୟ ବଇରୀ ସାଜିବ,
କହି କି ପାରିବ କିଏ?
ମରି ମରି ପୁଣି ବଞ୍ଚିବାର ମଜା,
କି' ଅବା ଚାଖିଚି ସିଏ?

ହସେଇ ଦେଇ ସେ ମନ ଭାଙ୍ଗିଦିଏ,
ଜିଁଇବା ଶିଖେଇ..
ବିଶ୍ୱାସରେ ବିଷ ମିସେଇଦିଏ ।
ମୃତ୍ୟୁ ସହ ଭେଟ କରେଇ ଦେଇ ସେ,
ଦେହକୁ ଜିଅନ୍ତା ଛାଡ଼ି ତ ଦିଏ ।।

ସୁଖ ନିଦ ଆଖି ଭୁଲି ତ ଯାଏ ରେ,
ସୁଖ ସପନ ଯେ ଉଭେଇ ଯାଏ ।
ସବୁ ଦେଇ ପୁଣି ଛଡ଼ାଇ ନିଏ ସେ,
ଆଶାର ଆଇନା ଭାଙ୍ଗି ତ ଦିଏ ।।

ଭାବ ଅରଣ୍ୟରେ ବାଟ ସେ ଭୁଲାଏ,
ଖୁସିର ବୁନ୍ଦାଟେ ଝରିବା ଆଗରୁ.....
ଆଖିରେ ଅସରା ଲୁହ ଦେଇଯାଏ,
ନୈରାଶ୍ୟ ବାଦଲ ଢାଙ୍କି ତ ଦିଏ ।।



ଅଶାନ୍ତ ଅଗ୍ନିରେ ମନକୁ ଜଳାଏ,
ନୈରାଶ୍ୟ ସାଗରେ ବୁଡ଼େଇ ଦିଏ ।
ସମ୍ପର୍କ ଡୋରୀରେ ବାନ୍ଧି ଦେଇ ପୁଣି,
ସେହି ଡୋରୀକୁ ସେ ଛିଡାଇ ଦିଏ ।।

କଟା ଘାଆରେ ସେ ଚୂନ ବୋଳି ଦିଏ,
କହିହୁଏନାହିଁ....ସହିହୁଏନାହିଁ ।
ଅକୁହା କୋହରେ..ଆଦେଖା ଲୁହରେ..
କୋମଳ ହୃଦୟ ପାଷାଣ ହୁଏ ।।


ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବବ୍ରତୀ ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ନବ ଉନ୍ମାଦ

# ବାସୁଦେବାୟ...



**ବାବାଜୀ ଚରଣ ସାହୁ**
ଫୁଲନଖରା, କଟକ

**ଜୀ**ବନ ଯୌବନ ମରଣ, ତା' ଭିତରେ ସଂସାର
ସବୁକିଛି ସୌନ୍ଦର୍ଯ୍ୟ ର ଜୀବନ ଏମିତି ପରାଣ
ଏମିତି ଏ ଜନ୍ମ ଖୋଜୁଥିଲା ସେ ପରମେଶ୍ୱର ଙ୍କୁ
ସ୍ପର୍ଶ ପାଇଁ ମମତାର ମଧୁବସନ୍ତର ସେ ମଧୁଝର ।।
ଓମ୍ ନମଃ ଭଗବତେ ବାସୁଦେବାୟ,,,,,
ପୁଷ୍ପ ପାରିଜାତର  ପୁଷ୍ପାଞ୍ଜଳି ରେ ଏ ମନର ପୁଷ୍କରିଣୀ
ତା' ଭିତରେ କାହିଁକି କେଜାଣି ବେଳେ ବେଳେ ବାଟବଣା ବିବେକ
ତଥାପି ତଥାକଥିତ ସେ ପୁଣ୍ୟ ମଧୁଶ୍ଚର୍ଯ୍ୟାର ଅମୃତ ସ୍ପର୍ଶ
କଳାମେଘର କଳାମୋହଲ ହୃଦୟର ସେ ମୋ ଈଶ୍ୱର
ଓମ୍ ନମଃ ଭଗବତେ ବାସୁଦେବାୟ,,,,,,



କାହିଁକି ଭୟରେ ଭୟଭୀତ ଆତଙ୍କିତ ଏ ବକ୍ଷର ଜ୍ୱାଳା
ସେତେବେଳେ ଭୁଲିଯାଇ ଥାଏ ମନ ଆତ୍ମା ସହିତ ମିଳନ ପରମ ଆତ୍ମାଙ୍କର
ମନ ଆସି ଆତ୍ମସମର୍ପଣ କରିଛନ୍ତି ପରମ ଆତ୍ମା ଙ୍କ ନିକଟରେ
ସବୁ କିଛି ହୋଇ ଯାଇଛି ମୋ ପାଇଁ ମରୀଚିକାର ମଳୟ
କେମିତି କହିବି କେମିତି ଲେଖିବି ତୁମ୍ଭଭମାଲନ ତୁମ ପାଇଁ
ସରିଯାଉ ପଛେ ରାତି ସେ ରାତିରେ  ନ' ରହୁ ସ୍ମୃତି ର ଅନୁଭୂତି

ଓମ୍ ନମଃ ଭଗବତେ ବାସୁଦେବାୟ,,,,

ହେଲେ ହେ କଳାମେଘର କଳାଠାକୁର କାହା ଲାଗି ସେ ସ୍ମୃତି



ପ୍ରେମ ଠାରୁ ପ୍ରଣୟର  ମହକ କେତେବେଳେ କେମିତି ଭାବ
ବୁଝିବା ପାଇଁ ବୁଦ୍ଧି ବି ବାରମ୍ବାର ବାଟବଣା ଲାଗେ ଆଶ୍ଚର୍ଯ୍ୟ
ସବୁ ପରେ ବି ସେ ମହାମୁକ୍ତି  ମହାଯଜ୍ଞ ର  ଉଚ୍ଚାରଣ ବିଶ୍ୱାସ।
ଓମ୍ ନମଃ ଭଗବତେ ବାସୁଦେବାୟ,,,,,,



ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୂତୀ ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/

# ଭଡାଘର..



**ସୁବ୍ରତ କୁମାର ଜେନା**
ଶୁରଡିହ,
ନନ୍ଦିପୁର,ଯାଜପୁର

**ସେ** ବାରମ୍ବାର କହୁଥିଲା,
ଛାଡିବାକୁ !
ହଁ ତା ଭଡା ଘରକୁ,
ପ୍ରତି ମାସ ପ୍ରତି ବର୍ଷ,
ହେଲେ ମୁଁ କୋଉ ରାଜି ଥିଲିଯେ,
ମୁଁ କହିଲି ରହ ଟିକେ,
ରାତି ପାହି କଣ ସକାଳ ହେଲାଣି ,
ନା ମୋର ସମୟର ଅବଧି ସରିଲାଣି,
ମୋର ପରା ଅନେକ କାମ ବାକି ଅଛି,
କାହିଁ କୋଉଠି ତ କାଉ କି କୋଇଲି ବୋବାଇ ନାହାନ୍ତି?
ଏମିତିରେ ମୁଁ କେମିତି ଉଠିଯିବି ସହଳ ||

ସେ ପଠାଇ ଥିଲା ତାର ଗୁମାସ୍ତାକୁ,
ଗୋଟେ ବେନାମୀ ନୋଟିସ ଦବାକୁ ମୋ ନାଁ ରେ,
ସେ ଗୁମାସ୍ତାକୁ ମୁଁ ନାଲି ଆଖି ଦେଖାଇଲି,
କହିଲି ଭଲ ଦଶା ଅଛିତ ବାହାରି ଯାଅ ମୋ ପାଖରୁ,
ନହେଲେ ତୁମର ଭଲ ନାହିଁ,
ମୁଁ ପରା ନିତି ଯୋଗ କରୁଛି,
ସଠିକ ଖାଦ୍ୟ ସେବନ କରୁଛି,
ଏମିତିରେ ତୁମେ କେମିତି ରୋଗ ରୂପ ନେଇ ପ୍ରବେଶ କରିବ
ମୋଠି,
ଏତେ ସହଜରେ ନୁହଁମ ||

ସେ ବାଟରେ ପିଆଦା ଜଗାଇଲା,
ମୋର ବାରମ୍ବାର ପିଛା କଲା,
ଚେଷ୍ଟା ତାର ଥିଲା ମତେ ହଇରାଣ କରିବାକୁ,
ହେଲେ ସେ କଣ ଜାଣେ ମୁଁ ପରା ଗୀତାରୁ ଶିଖିଛି,
ଧର୍ଯ୍ୟ ଓ ଧାର୍ଯ୍ୟ ଦୁହେଁ ଅଲଗା ବୋଲି,

ଏମିତିରେ କେମିତି ମୁଁ ଓହରିଯିବି ପରାଜୟ
ଭୟରେ,
ଭାଗ ନେଇ ହାରିଗଲେ କିଛି ଦୁଃଖ ନାହିଁ,
ହଁ ଶୁଣ ମୁଁ ସେମିତି ନୁହଁମ୍, ମୁଁ ଏମିତ୍ତି,
କେହି ବୁଝିଲେ ବୁଝିଲ ନହିଁଲେ ନାହିଁ ||


କଣ ହେଲା ଭଡା ଘର ବୋଲି,
ମୋର କଣ କିଛି ଅଧିକାର ନାହିଁ,
ଯେତେବେଳେ ଇଚ୍ଛା ସେ ଯାହା କହିବେ
ମୁଁ ସେୟା କରିବି,
ଜମା ନୁହଁ ମୋର ଶିକ୍ଷା ଓ ଦୀକ୍ଷା
କଦାପି କରାଇ ଦିଏନି ଏଥିଲାଗି,
ଜାଣେନା କେବେଯାଏ ଲଢ଼ିବି,
ତଥାପି ମୁଁ ଲଢ଼ିବି ଓ ଜିତିବି ଶେଷ ଯାଏ,
ଯେ ଯାଏ ମୁଁ ଲୋଟିନି ଭୁଇଁରେ ||





ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୂତୀ ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ନବ ଉନ୍ମାଦ

# କ'ଣ ତୁମ ପାଖରୁ ମୋ ପାଖ ସମ୍ଭବ ?



ପୂଜା ବାରିକ୍
ବେଗୁନିଆଁ, ହରିପୁର,
ବାଲେଶ୍ୱର

କ'ଣ ତୁମ ପାଖରୁ ମୋ ପାଖ ସମ୍ଭବ?
ଚାକର ବାକରରେ ତୁମ ଦିନ କଟେ
ହେଲେ ମୁଁ ଗାଁଉଲି ଝିଅଟେ ।
ତମର ପହିଲି କିରଣ ଝରକାର ସୂକ୍ଷ୍ମ ଫାନ୍ଦେ ପସେ
ହେଲେ ଆମର କବାଟ ଖୋଲିଲେ କିରଣ ପଡେ ବାଟେ ବାଟେ ।

ତୁମର ପାଦ ଟାଇଲସ ମାର୍ବଲ ଉପରେ ପଡେ
ଆମର ଝାଟିମାଟି ଗୋବର ଲିପା କାନ୍ଥ ଅଟେ ।
ତୁମର ରାତି ଏଲିଡି ଲାଇଟରେ ବିତେ
ହେଲେ ଆମର ଅନ୍ଧାର ସାଥି ସାଜେ କିରାସିନି ଲଣ୍ଠନ ବତି ।

ତୁମ ଘରର ସୋଫା ଉପରେ ଚା' ପିଆଯାଏ
ହେଲେ ଆମର ତଳେ ଝାଡ଼ି ଆସନରେ ବସଯାଏ ।
ତୁମ ଘରେ କାଚ ରେ ପାଣି ଶୋଭାପାଏ
ଆମର ପାଣି ନୁଟାକୁ ମାଟିରେ ସଫା କରି ରଖାଯାଏ ।



ତୁମ ଘରେ ରାଜଦରବାର ସୁଖ
ହେଲେ ଆମର ମୁଠେ ପଖାଳରେ ସୁଖୀ ।
ଏବେ କୁହ ମୋ ପାଖରୁ ତୁମ ପାଖ କ'ଣ ସମ୍ଭବ ?

www.MalharOdia.com
ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ.
www.MalharOdia.com
ସହ-ସମ୍ପାଦକ: ଆଦିତ୍ୟ ନାରାୟଣ ପତି.
www.MalharOdia.com
ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ.
www.MalharOdia.com
ମୁଖ୍ୟ-ପରିଚାଳିକା: ଶିବଦୂତୀ ପାଣିଗ୍ରାହୀ.
www.MalharOdia.com
ଉପଦେଷ୍ଟା: ରଶ୍ମି ରଞ୍ଜନ ସାହୁ.

# ଜୀବନ ସମୟର ପୁତ୍ତଳିକା...



**ସତ୍ୟଜୀତ ଦାସ**
ଧାନଘର, ଆଗରପଡ଼ା,
ଭଦ୍ରକ

**ସ**ମୟ ସୁଅରେ ନିରୀହ ଜୀବନ
ନିସହାୟ ଶୁଷ୍କ ତୃଣ ଟିଏ ,
ସୁଅର ବେଗରେ ଦୋହଲି ଦୋହଲି
କେବେ କୋଳାଭିମୁଖି ତ କେବେ ଲକ୍ଷ୍ୟହୀନ ହୁଏ ।।
ସମୟ ସୁଅରେ ନିରୀହ ଜୀବନ
ସଜ ପ୍ରସୂନ କଢ଼ ଟିଏ ,
ସମୟ ରୂପି କୁଜନ ଅଂଶୁରେ
ପ୍ରସ୍ପୁଟିତ ନହୋଇ କେବେ କେବେ ମଉଳି ଯାଏ।।
ସମୟ ସୁଅରେ ନିରୀହ ଜୀବନ
ଦିଗହରା ଚଞ୍ଚଳା ଖେଚର ଟିଏ ,
ଘର ତାର ସଜାଡୁ ସଜାଡୁ
ସମୟ ସମୀରେ କେବେ କେବେ ଉଜୁଡ଼ି ଯାଏ।।
ସମୟ ସମୀରେ ନିରୀହ ଜୀବନ
ନିର୍ଜନ ପଥ'ର  ସଂଘର୍ଷୀ ପଥିକ ,
ଅତିକ୍ରମ ବେଳେ ଭେଟେ ଯେ କେତେ
ପରାଜୟ ଓ ବାଟ ହୁଡ଼ିବାର ବାହକ।।
ସମୟ ସମୀରେ ନିରୀହ ଜୀବନ




ଏ ଜଗତେ ଅଡୁଆ ସୁତାର ଖିଅ ,
ଗୋଡ଼େଇ ଗୋଡ଼େଇ ରହିଥାଏ ମନରେ
 ମିଛ ଅହମିକା ଓ ଯେତେ ସାରା ମୋହ ।।
ସମୟ ସମୀରେ ନିରୀହ ଜୀବନ
ତବ ବିନା ଲତା ବୃକ୍ଷ ଟିଏ ,
ବିନା ସାହାରାରେ କ୍ଷଣିକ ପାଇଁ ମଧ
ଅଭିନୟ କରିବା ଅସମ୍ଭବ ହେଇଯାଏ।
ଅବନୀ ମଧେ କେତେ ଯେ ସାଗର
ମୁଁ ଯେ ଏକ ପାମର କ୍ଷୁଦ୍ର ନଈ ,
ତୁମ ସାଗରେ ମିଶି ପାପ ମୋର ଯିବ କ୍ଷୟ ହୋଇ।
ଅତ୍ର ତତ୍ର ସର୍ବତ୍ର ତୁମେ ଅଛ ବିଦ୍ୟମାନ ,
ଶୁଣ ଥରେ ଏ ଭକତର ବିଷାଦ ଭରା ଜଣାଣ।
ନାହିଁ ଆଉ ଆନ ମନବାଞ୍ଛା  ହେ! ଦୀନବନ୍ଧୁ
ତୁମ ଶ୍ରୀଚରଣେ ଏବେ ଦିଏ ଆଶ୍ରା ,
ମୁଁ ଯେ ପୁତ୍ତଳିକା ତୁମ ହାତ ଗଢା
ପାରି ହେବା ପାଇଁ ଏ ଭବ ସାଗରୁ ତୁମେ ହିଁ ମୋର ସାହାରା।।





ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତୀ ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ନବ ଉନ୍ମାଦ

# ପ୍ରେମ ଆଉ ଶୀତ...



**କ୍ଷୀରାବ୍ଧି ଦାଶ**
ପାହାଳ, ଭୁବନେଶ୍ୱର

***କି '*** କୁହୁଡି କିରେ, ମୋତେ କିଛି ଦିଶୁନି, "ସେ କହିଲା ଫୋନ ରେ ରାତି ବାରଟା ରେ ଭାରି ଖୁସି ଆଉ ଉଦ୍ଦୀପନା ଭରା କଣ୍ଠରେ ...

"ମୋ ଘର ରାସ୍ତା ତ ତୁ ଜାଣିଚୁ, ଆସେ | "ମୁଁ କହିଲି ଅଭିମାନ ରେ ବେପରୁହା ଶବ୍ଦ ରେ ଭାରି ଫୁଲେଇ ହେଇ ଆଉ ମିଛ ରାଗ ରେ...

ସେ କି' ବା ଜାଣିବ ମୋ ମନ କଥା, କେତେ ଯେ ଅକୁହା କଥା ତାକୁ କହିବାର ଅଛି ରାତିରେ ବାଲକୋନୀ ରୁ ଜହ୍ନ ଦେଖି ତା ହାତରେ ହାତ ଆଉ ତା କାନ୍ଧରେ ମୁଣ୍ଡ ରଖି

ଆଚ୍ଛା ଛାଡ଼, ଏତେ କଳ୍ପନା ଜଳ୍ପନା ଭିତରେ ଡୋର ବେଲ ବାଜିଲା। ମୁଁ ଝପ୍ କିନା ଉଠିପଡ଼ିଲି। ଖୁସି ରେ ନାଚି ଗଲି ମୁଁ। ଦଉଡି ଗଲି ଡୋର ପାଖକୁ।

ଜାଣି ଜାଣି ପଚାରିଲି, "କିଏ...?

"ଆରେ ମୂର୍ଖ, ମୁଁ। କବାଟ ଖୋଲ ଆଗ"

"ମୁଁ ଘରେ ଏକା ଅଛି। ଏତେ ରାତିରେ କବାଟ ଖୋଲି ପାରିବିନି। ତା ଛଡା ୟେ' ମୁଁ ' ମାନେ କିଏ..? ନାଁ' କୁହନ୍ତୁ"

ସେ ଜାଣିଛି, ତା' ନାଁ ଟା ମୋର ଭାରି ପ୍ରିୟ। କିନ୍ତୁ ମୁଁ କେବେ ତା' ନାଁ ଧରି ତାକୁ ଡ଼ାକେନି। ଇଂଲିଶ୍ ରେ ତା ନାଁ ର ପ୍ରଥମ ଅକ୍ଷର ରେ ହିଁ ଡାକେ ମୁଁ ତାକୁ...

ସେ ଏଥର ଟିକେ କବାଟ ପାଖକୁ ଆସି କହିଲା, " ଶୁଣ, ତୁ ସତରେ କବାଟ ଖୋଲିବୁନି ମୋ ପାଇଁ...?

ବାସ୍ ଏମିତି ଲାଗିଲା ଯେମିତି ମାଘ ମାସ ହାଡ଼ ଭଙ୍ଗା ଶୀତ ରେ କିଏ ଜଣେ ମୋତେ ଗରମ ଅଦା ପକା ଚା' ଧରେଇ ଦେଲା।

କାହିଁକି ନା ପ୍ରଥମ ଥର ସେ ମୋତେ ତୁମେ ରୁ ତୁ' ବୋଲି ସମ୍ବୋଧନ କଲା। ତାର ସେ ତୁ ଶବ୍ଦ ରେ ଏତେ ଅଧିକାର ଥିଲା ଯେ, ମୋ ହାତ ଆପେ ଡୋର ଖୋଲି ଦେଲା। ଦେଖେ ତ ସେ ଆଗରେ। ଭାବିଥିଲି ସେ ରାଗିଥିବ ବୋଲି। କିନ୍ତୁ ତା ମୁହଁରେ ରାଗ ର ଚିହ୍ନ ବର୍ଣ୍ଣ ବି ନାହିଁ। ଆଙ୍ଗୁଠିରେ ସିଗାରେଟ ଆଉ ଓଠରେ ସ୍ମିତହାସ। ଭାରି ବିରକ୍ତ ଲାଗେ ମୋତେ ତାର ଏ ସିଗାରେଟ ର ଧୁଆଁ। କିନ୍ତୁ ଆଜି କାଲି ଦେହସୁହା ହେଇ ଗଲାଣି।

ତାକୁ ଚାହିଁ ପାରିଲିନି ମୁଁ ବେଶୀ ସମୟ। ସୁଉଚ୍ଚ କପାଳ, ଲମ୍ବା ନାକ, ବିଲକୁଲ କ୍ଲିନ୍ ସେଭ୍ ମୁହଁ। ତା ସାଙ୍ଗରେ ପୁଣି ତାର ଅଳ୍ପ ଲମ୍ବା କଳା ମଚମଚ କେଶ। କେମିତି ଚାହିଁବି ଯେ ତା' ମୁହଁକୁ। ଆଉ ତା' ଆଖି ! ନ' କହିଲେ ଭଲ। ଝିଅ ପିଲାଙ୍କ ପରି ଗୋଲ ଗୋଲ ଆଖି ତା'ର। ଆଉ ସବୁଠୁ ସୁନ୍ଦର ତା' ଆଇଲସେସ। ଏତେ ଲମ୍ବା ଆଉ ସୁନ୍ଦର। ମୋର ଏମିତି ଥିଲେ ଆଉ ଆଉ ମେକ ଅପ୍ ନେଇ ନ'ଥାଆନ୍ତି।



କବାଟ ଖୋଲୁ ଖୋଲୁ ସେ କହିଲା, "ଇସ୍, ସମ୍ ୱାନ ଇଜ୍ ଲୁକିଂ ଶୋ ବିଉଟିଫୁଲ ଟୁ-ନାଇଟ୍ "

ଛା'ଡ଼, ଏତେ ଇଂଲିଶ କହନି। ଘରକୁ ଆସେ। ଡିନର କରିଛ..?



ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବବ୍ରତୀ ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/

ହଁ, ଏବେ ହିଁ ଖାଇଲି ଆଉ ଆସିଲି"
ଆଉ କ'ଣ ଦରକାର କୁହ, ଏବେ କରି ଦେବି, ଟା...?
ଇସ୍, ଏଇ ଗୋଟେ ଜିନିଷ ହିଁ ଦରକାର ଏ ଶୀତ ରେ। କରି ଦବୁ..?? ଟିକେ ଅଦା ଆଉ ଗୋଟେ ଗୁଜୁରାତି ଦେଇ। ବାସ୍...
ମୁଁ ଜାଣିଚି। ତାର ଏ ଟା' ପିଇବା ଅଭ୍ୟାସ ଟା କଲେଜ ରୁ ଅଛି। ବହୁତ୍ ଟା' ପିୟେ ସେ। କେବେ କେବେ ଦିନରେ ଦଶ ବାର କପ୍ ବି ପି ଦିଏ। ଆଉ ଖାଇବା କଥା ବିଲକୁଲ ଭୁଲି ଯାଏ। ମୋ ସହ ଦେଖା ହେଲା ଦିନରୁ ମୁଁ ତା ଟା' ପିଇବା ଟିକେ କମେଇ ଦେଇଛି। ହେଲେ ତା ସହ ମିଶି ମୋର ଟା' ପିଇବା ଅଭ୍ୟାସ ହେଇ ଯାଇଛି।
"କଣ ଭାବୁଛୁ କିଲୋ ହୁଣ୍ଡି। ଟା' ଉତୁରି ଯିବ"
ହଠାତ୍ ତା ଶବ୍ଦ ରେ ପ୍ରକୃତିସ୍ଥ ହେଲି ମୁଁ। ଟା' କପ୍ ଟେ ଧରେଇ ଦେଲି ତାକୁ।
ଆଉ ତୋର..? ସେ ପଚାରିଲା
ଏତେ ରାତିରେ ଆଉ ଟା' ପିଇବାକୁ ଇଚ୍ଛା ନାହିଁ। ତୁମେ ବସିକି ଟା' ପିଅ।
ଟା' କପ୍ ଟେବୁଲ୍ ଉପରେ ଥୋଇ ମୋ ହାତ ଧରି ହଠାତ୍ ଟାଣି ନେଇ ତା' କୋଳ ରେ କୁ ନେଇ କହିଲା ,
"କଥା ହେଇ ଥିଲା ନା। ଯେବେ ବି ଟା' ପିଇବା ମିଶି କି' ପିଇବା "
ତା' ଆଖି ଦେଖି ଖୁସି ମିଶା ଡର ଲାଗୁଥିଲା। ଏତେ ଜୋରରେ ସେ ମୋ ମଣିବନ୍ଧ କୁ ଧରି ଥିଲା ଯେ, କିନ୍ତୁ ମୋତେ କଷ୍ଟ ହେବା ପରିବର୍ତ୍ତେ ଭାରି ଭଲ ଲାଗୁଥିଲା। ସେ ଶୀତ ରାତି ରେ ମୋତେ ଶୀତ ଲାଗୁ ନ'ଥିଲା। ତା' ନିଃଶ୍ୱାସ ର ଗରମ ପବନ ରେ ମୋ ପୁରା ଶରୀର ରେ ନିଆଁ ଲାଗି ଯାଉଥିଲା। ବାହାରେ ଜହ୍ନ ରାତି ରେ କପୋତ କପୋତୀ କଥା ହେଉ ଥିଲେ। ଦେଖ, ଆଜି ପ୍ରେମିକା ର ପ୍ରେମିକ ଆସିଚି। ଭାରି ଫୁଲେଇ ହଉଚି ପ୍ରେମିକା ତାର।

ହେଲେ ଆଜି ଏ ସବୁ କଣ ପାଇ ମନେ ପଡ଼ିଲା। ଦୀର୍ଘ ସାତ ବର୍ଷ ଦୁଇମାସ ପାଞ୍ଚ ଦିନ ର' ବ୍ୟବଧାନ ପରେ। ଭାରି ବିରକ୍ତ ଲାଗୁଚି ଆଜି। ଅଜବ ଗୋଟେ ଉନ୍ମାଦନା ମନରେ। ଅଜବ ଗୋଟେ ଦୁନିଆ ର' ଅନୁଭବ ଆଜି। ହେ ଭଗବାନ୍। ମୁଁ ଏକା ରହିବାର ଅଭ୍ୟାସ କରି ନେଇ ଥିଲି। ଦିନ ସାରା ନିଜ କାମ ରେ ବ୍ୟସ୍ତ ରହିବାର ଅଭିନୟ ଭାରି ଭଲରେ ଶିଖି ଯାଇଥିଲି। ରାତିରେ ନିଜେ କାନ୍ଦି ନିଜେ ନିଜ ଲୁହ ପୋଛିବା ବି ମୋତେ ଆସୁଥିଲା। ସବୁ ଦିନ ରାତି ରେ ପ୍ରେମିକା ସୌମ୍ୟା ର ହାତ ଗୋଡ ଆଉ ମୁହଁ ବାନ୍ଧି ଜବରଦସ୍ତ ଚୁପ୍ କରେଇ ସକାଳୁ ଜଣେ ସସକ୍ତ ଆତ୍ମନିର୍ଭରଶୀଳ ସୌମ୍ୟା କୁ ଆବିଷ୍କାର କରୁଥିଲି। ହେଲେ ଆଜି ସନ୍ଧ୍ୟା ରେ କୋଉ ଯୋଗ ବେଳ ରେ ଅଫିସ ରୁ ବାହାରିଲି କେଜାଣି। ଆଚାର୍ଯ୍ୟ ବିହାର ପାର୍କ ପାଖରେ ଦେଖିଲି ସେଇ ଚିହ୍ନା ଚେହେରା। ମୋତେ ଲାଗିଲା ବୋଧେ ମୋ ହୃଦୟ ରେ କିଛି ସ୍ପନ୍ଦନ ଅଟକି ରହି ଗଲା। ଧମନୀ ରେ ରକ୍ତ ଯିବା ଆସିବା ବନ୍ଦ ହେଇ ଗଲା। ଆଉ ଏଇ ଶୀତ ରାତି ତା ଗରମ ଝାଞ୍ଜି ପବନ ରେ ମୋ ପାଇଁ ଦୁର୍ବିସହ ହେଇ ପଡ଼ିଲା। ସେ ତା' ସ୍ତ୍ରୀ ଆଉ ତା' ପୁଅ କୁ ନେଇ ପାର୍କ ଆସି ଥିଲା। ଭାରି ସୁନ୍ଦର୍ ତା' ପୁଅ। ଠିକ୍ ତା'ରି ପରି ଆଖି। ସବୁ କୁ ସମ୍ମୋହନ କରିବା ପରି ନଜର। ହଠାତ୍ ମୋ' ପାଟି ରୁ ସ୍ୱତଃ ବାହାରି ଆସିଲା,ଏ'...?


ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବବ୍ରତୀ ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ନବ ଉନ୍ମାଦ

ଇସ୍, କି ମୂର୍ଖ ମୁଁ। ଚୁପ୍ କରି ଚାଲି ଆସିଲି ସେଇଠୁ।  ହେଲେ ପ୍ରେମିକା ସୌମ୍ୟା ଆଜି ସେଇଠି ରହି ଗଲା। ମୁହଁରେ ହାତ ଦେଇ ସେଇ ସଶକ୍ତ ଆତ୍ମନିର୍ଭରଶୀଳ ସୌମ୍ୟା ଉପରେ ଜୋରରେ ହସୁଥିଲା। ମିଛେଇ କହି ଚିଡ଼େଇ ଥିଲା ମୋତେ।
ଆଜି ସେଇ କପୋତ କପୋତୀ ପୁଣି କଥା ହେଉ ଥିଲେ। ଦେଖ, ପ୍ରେମିକା ଆଜି ଠିକ୍ ପାନେ ପାଇଛି। କହୁଥିଲା କଣ ନା ତାକୁ ଭୁଲି ଯାଇଛି। ଆରେ ସେମିତି ପ୍ରେମିକ କୁ ଭୁଲିବା କଣ ସହଜ ହେଇଛି। ପୁଣି ପ୍ରେମରେ କଣ' ଭୁଲିବା ମନେ ରଖିବା ବି' ଥାଏ। ପ୍ରେମ ତ' ସ୍ୱତଃ ! ଶାଶ୍ୱତ ! ଅମାନବୀୟ !
ଧୁମ୍ କରି ଝରକା ଦେଇ ଦେଲି।  ଠିକ୍ ସେଇ ସମୟରେ ଡୋର ବେଲ ବାଜିଲା। ସମୟ ରାତି ପ୍ରାୟ ବାରଟା। ଡୋର ପାଖକୁ ଗଲି। ସେଇ ଚିହ୍ନା ସିଗାରେଟ ଗନ୍ଧ।
"କିଏ...??"
"ମୁଁ.... ଏ"
"ଅରୁଣ...??"
"ନା ରେ। ତୋର ଏ। କବାଟ ଖୋଲିବୁନି...??"
ଭାବୁଥିଲା ସୌମ୍ୟା। କଣ କରିବ।
ଟା କପ୍ ଟେ ନେଇ ବାଲକୋନୀକୁ ଗଲା। ଆଉ ଗୁଣୁଗୁଣୁ ହଉଥିଲା "ଯା, ହଁ ମେ ଐସା କନ୍ ହେି କେ ଜିନ କୋ ଗମ୍ ମିଲା ନହିଁ....

## ଭାଇ...



**ସୁଶ୍ରୀ ସ୍ମାରକୀ ମିଶ୍ର**
ଜଳବଙ୍ଗ, ରାଇସୁଆଁ,
କେନ୍ଦୁଝର


**ରା**କ୍ଷୀର ମାନ ହେଉ କିମ୍ୱା ଭଉଣୀର ସ୍ୱାଭିମାନ,
ତା ପାଇଁ କର୍ତ୍ତବ୍ୟ ହେଉ କିମ୍ୱା ତା ଉପରେ ଅଭିମାନ |

ଭଉଣୀର ସବୁ ପ୍ରାର୍ଥନାରେ ହେଉ କିମ୍ୱା ଚିନ୍ତାରେ,
ପୁଣି କେବେ ତା ଡରରେ ହେଉ କିମ୍ୱା ତା' ଦ୍ୱାରରେ |

ତୁ ବାହା ହୋଇଗଲୁ! ଘର ପୁରା ଖାଲି ଖାଲି ଲାଗୁଚି,
କାହାକୁ କିଛି କହିପାରୁନି ସିନା, ହେଲେ ତୋ କଥା ଭାରି ମନେ ପଡୁଛି |

ପାଚିଲା ବାଳ ଓ ପାକୁଆ ପାଟିରେ ବି ତୋ ସହ ଲଢେଇ କରିବି,
ଶାଶୂଘରେ ନେଇ ଛାଡି ଆସିଲି ତୋତେ ଶ୍ମାଶନକୁ ବି ନେଇ ଛାଡ଼ିବି |

ତୋର ସବୁ ଦୁଃଖ, ସବୁ ବିପଦ ଆଗରେ ମୁଁ ଛିଡା ହୋଇଛି,
ତୁ କେବେ ଡ଼ରିବୁନି ନାନୀ, ତୋ ପାଇଁ ସବୁବେଳେ ତୋ ଭାଇ ଅଛି |





ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବବ୍ରତୀ ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ନବ ଉନ୍ମାଦ

# କୁହ ଚକା ଆଖି...



**ପ୍ରତିମା ଶତପଥି**
ଭାଗବତ ପୁର, ଯାଜପୁର

**କୁ**ହ ଚକା ଆଖି, କି ଦୋଷ କରି ମୁଁ
ଏତେ ଦଣ୍ଡ ପାଉଅଛି,
ନୟନରୁ ନୀର ଝରି ଝରି ମୋର
ଲୁହ ଶୁଖି ଯାଇଅଛି ।।
କିପରି ସହିବି ଏ ଦାରୁଣ ଦୁଃଖ
କୁହ ହେ ପ୍ରାଣର ସଖା,
ତୁମ ଛଡା ମୋର କେହି ନାହିଁ ପ୍ରଭୁ
ବିପଦୁ କରିବ ରକ୍ଷା ।।
ମୋ' ରକ୍ଷା କବଚ ତୁମେ ହେ ଶ୍ରୀବସ୍ତ
ତୁମେ ଅସରନ୍ତି ଆଶା,
ତୁମ ପାଦପଦ୍ମୁ ମକରନ୍ଦ ପିଇ
ମେଣ୍ଟିଯିବ ମୋର ତୃଷ୍ଣା ।।
ଆସ ଆସ ପ୍ରଭୁ ମୋ ହୃଦ ମନ୍ଦିରେ
ବିଜେକର ଦୟା ବହି,
ଜୀବନ ମୋହର ଧନ୍ୟ କର ପ୍ରଭୁ
ଦର୍ଶନ ଟିକିଏ ଦେଇ ।।
ବ୍ୟାକୁଳିତ ହୁଏ ନୟନ ମୋହର
ତୁମକୁ ଦେଖିବା ପାଇଁ,
ଆଶା ଅଭିଳାଷ ପୂର୍ଣ୍ଣ ହୋଇଯିବ
ପାପ ପଙ୍କ ଯିବ ଧୋଇ ।।
କର୍ଣ୍ଣ ଯୁଗଳ ମୋ ହୋଇବ ପବିତ୍ର
ଶୁଣି ତୁମ ବଂଶୀ ସ୍ୱନ,
ଯେଉଁ ବଂଶୀ ସ୍ୱନ ଶୁଣି ରାଧା ରାଣୀ
ଧାଉଁ ଥିଲା ବୃନ୍ଦାବନ ।।
ତୁମ ପଦ ରଜ ପଡ଼ି ମୋ କୁଟୀର
ବୈକୁଣ୍ଠ ପୁର ହୋଇବ,
ପାଦ ଧୂଳି ଟିକେ ମୁଣ୍ଡରେ ମାରିଲେ
ମୋ ଜନ୍ମ ସାର୍ଥକ ହେବ ।।
ଏତେ ମୁଁ ଡାକୁଛି ଆତୁର ହୋଇଣ
ଶୁଣ ଟିକେ ମୋର ଦୁଃଖ,
କିପରି ଆଉ ମୁଁ ଡାକିଲେ ମୋ' ଡ଼ାକ
ଶୁଣିବ ପଙ୍କଜ ମୁଖ ।।
ଲକ୍ଷ୍ମୀଙ୍କ ବାହାନ ଥିଲା ଗଜରାଜ
ସେ ପାଇଁ ରଖିଲ ତାକୁ,
ମୃଗୁଣୀ ଡାକରେ କି' ଶକ୍ତି ଥିଲା ହେ'
ଧାଇଁ ଆସିଲ ବନକୁ ।।
ତୁମେ ତ' ଅନ୍ତର ନାଥ ମହାପ୍ରଭୁ
ଅନ୍ତର ବେଦନା ଶୁଣ,
ମୋ' ସରଳ ଡାକ ଶୁଭୁନାହିଁ କାହିଁ'
କୁହ ହେ ରମା ରମଣ ।।
ଛାଡି ସବୁ ଆଶା ତୁମକୁ ଭରସା
କରିଛି ହେ' ମହାବାହୁ,
ଥରେ ମାତ୍ର ପ୍ରତିମା କୁ' ଦେଖା ଦିଅ
ତୁମ ଯଶ କୀର୍ତ୍ତି ରହୁ ।।






ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୂତୀ ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ନବ ଉନ୍ମାଦ

# ଅତୀତ...



**ସିପାଞ୍ଜଳୀ ମଲ୍ଲିକ**
ଆବୁଲଲପୁରା, ସୁଲଣ,
କେନ୍ଦୁଝର

**ଅ**ତୀତ ରେ ଘଟଯାଇଥିବା ଘଟଣା କୁ ଦୋହରାଇ ବା କଣ ନିହାତି
ଦରକାର ?
ଯାହା କେବଳ ବର୍ତ୍ତମାନ ସମୟକୁ ଛାରଖାର କରିଦେବ ,
ପବନ ର' ସୁଅରେ ବହିଯାଇଥିବା ସେହି ଅକୁହା ଶବ୍ଦ କୁ' ଶୁଣିବା କଣ'
ନିହାତି ଦରକାର ?
କେବେବି ବୁଝି ନହେବ........
କ'ଣ ପାଇଁ ସେହି ସ୍ମୃତି ଫେରି ଆସି ପୁନର୍ବାର ମନକୁ ଦୋହଲାଇ ଦିଏ ?
ଯାହା ଅତୀତ ସେ କେବଳ ଅତୀତ ରେ ରହିବା ଦରକାର........
ବିରହ ଯନ୍ତ୍ରଣା ରେ କଷ୍ଟ ପାଇଥିବା ମନ କେତେ ଯେ' କଷ୍ଟ ସହିଛି
ପୁଣି ଥରେ ଅତୀତ କଥା ମନେ ପକାଇଥିବା ସେଇ ମଣିଷ ଟିକୁ ଭାବିବା
ଦରକାର......
କ'ଣ ପୁଣିଥରେ ଯୋଡ଼ି ହୋଇପାରିବ ସେହି ଭଙ୍ଗା ହୃଦୟ ?
କାଚର ଆଇନା ପରି ଭାଙ୍ଗି ଚାଲି ଯାଇଥିବା ସେଇ ବ୍ୟକ୍ତି କୁ ଭାବିବା ଦରକାର........
ଯୋଡ଼ି ହୋଇପାରେ ପୁନର୍ବାର ସେଇ କାଚର ଆଇନା ।
ହେଲେ ପୁନର୍ବାର କାହାକୁ ଭରସା କରିବାକୁ ମନ ମନେନା ।।
ନଈର ସ୍ରୋତ ଚାଲିଲା ଭଳି ଜୀବନର ସ୍ରୋତ ବି ବହିଚାଲିଚି ।
ମୁହୂର୍ତ୍ତକରେ ଏଇ ଶୂନ୍ୟ ଜୀବନରେ କି' ଅବା ଘଟିବ କିଏ ଜାଣିଛି ।।
କାହିଁକି ଆମେ ସେଇ ମଣିଷ କୁ' ଆମ ଜୀବନରେ ଆଶ୍ରୟ ଦେବା ।





ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୂତୀ ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ନବ ଉନ୍ମାଦ

# ରାସ୍ତା...




**ମନୋଜ କୁମାର ଦାସ**
ଆଳିଜଙ୍ଗା, କପାଳେଶ୍ୱର,
କେନ୍ଦ୍ରାପଡ଼ା

**ଆ**ସ ଆସ ...
ମୁହଁ ଶୁଖାଇ ବସୁଛି ପିଣ୍ଡାରେ
ଆମେ ଚାଲିଛୁ ରାସ୍ତାରେ
ଚାଲିବା ଶିଖିଲେ
ଭାଗ୍ୟ ପରିବର୍ତ୍ତନ ହୋଇଯିବ...
ଖୁସିରେ ରହିବୁ
ରାତିଏ ଗଲେ ହାତୀଏ ...
ମୁଁ ବୁଝିପାରୁନି
ଏ କେମିତିକା ରାସ୍ତା ,
ଜୀବନ ରାସ୍ତା ବୋଧହୁଏ କଣ୍ଟକିତ
ବିପଦ ଘେନେଇ ଆସିବ ,
ଅସମର୍ଥ ହାତଧରି ଚାଲିବାରେ
ଦୁଃଖକୁ ଆପଣାର ମଣି
ହାତ ଛାଡିବାକୁ ବାଧ ....
ଏ ଜୀବନ ରାସ୍ତାରେ ଏକା ଚାଲିବା
ନିଜ ସିଙ୍ଗରେ ମାଟି ତାଡିବା ...
କାହା ଉପରେ ଆତ୍ମନିର୍ଭରଶୀଳ
ରହିବାଟା ଭଲ ନୁହେଁ,
ରାସ୍ତା ପଡିଛି ,
ସଠିକ ସଦୁପଯୋଗ କର ...







ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୂତୀ ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ମହ୍ଲାର ନବ ଉନ୍ମାଦ

# ମାଆ...




**ମୀନାକ୍ଷୀ ପଣ୍ଡା**
ମଙ୍ଗଳପୁର, ଯାଜପୁର

**ମା**ଆ ପରିବ୍ୟାପ୍ତ ମୋ' ସାରାଜଗତ ଆଦ୍ୟରୁ ଅନନ୍ତ ଯାଏ
ଦୟାରୁ ଯାହାର ସଂସାରେ ମୋହର ନିଜ ପରିଚୟ ପାଏ
କଳ୍ପବଟ ସମ ଚିନ୍ତା ଅନୁପମ ଛାୟାର ପ୍ରଦାନ ପାଇଁ
କେବେ ପଲ୍ଲବିତ କେବେ ଝରାପତ୍ର ଦୁର୍ବାର ଯାତନା ସହି ॥

ମୋ' ମାଆ ପଣତ ମମତା ଖଚିତ ମହମହ ମହକିତ
ପୋଛି ଆଖିଲୁହ,ବୁକୁତଳ କୋହ ପ୍ରାଣ କରେ ପୁଲକିତ
ସୁହାଗ ରାଗିଣୀ,ପ୍ରେମ ପୂଜାରିଣୀ, ସ୍ନେହ ନିର୍ଝରିଣୀ ମାଆ
ପ୍ରୀତି ପ୍ରଦାୟିନୀ,କଲ୍ୟାଣ କାରିଣୀ ପ୍ରତିମୂର୍ତ୍ତି ମହାମାୟା ॥

ହୃଦୟ ଯାହାର ସୁଧା ପାରାବାର ଧରିତ୍ରୀଠୁ ସର୍ବସଂହା
ମାଟିରୁ ସରଗ ଲଭେ ତା' ସରାଗ ଗୀତ ଗାଏ ନାନାବାୟା
ଢାଳଇ ଆଶିଷ ସୁଷମା ପରଶ କୋଳକୁ ନିଅଇ ଟେକି
ଅଧରେ ଆଧାର ପରଶେ ସତ୍ୱର କପାଳେ ଚୁମ୍ବନ ବୋଳି ॥
ମାଆ ଶବ୍ଦଟିର ମହିମା ଅପାର ବର୍ଣ୍ଣିବାକୁ କାହିଁ ଶକ୍ତି ?
ଶତ ଭାଷାକୋଷ ନିଅଣ୍ଟ ଅବଶ୍ୟ ସ୍ମରଣେ ସମର୍ପେ ଭକ୍ତି ॥




ମହ୍ଲାର ଇ- ପତ୍ରିକା
ଏକ ନୂତନ ଆଶାରେ ପ୍ରାଣ ସଞ୍ଚାର...



ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୂତୀ ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ନବ ଉନ୍ମାଦ

# ତୁମେ ଗଲା ପରେ...



ସିଲଭାରାଣୀ ଧଳ
ନରଣପୁର, ବିଞ୍ଝାରପୁର,
ଯାଜପୁର


ନୀଳ ଆକାଶରେ ବାଦଲ ଢାଙ୍କିଛି
ଜହ୍ନ ଆଲୁଅବି ପଡିଛି ଫିକା ,
ତୁମେ ଗଲାପରେ ମୋ ଆଖିର ଲୁହ
ଉପହାସ କରି କହେ ତୁ' ଏକା ।।


ଅଧା ବାଟେ ହାତ ଛାଡିଦେଲ ମୋର
ଦେଇ ନଥିଲି ମୁଁ ତୁମକୁ ଧୋକା ,
ମିଛ ପ୍ରେମ ଥିଲା ମିଛ ସ୍ୱପ୍ନ ଥିଲା
ମିଛଥିଲା ବୋଧେ ମୋ' ଭାଗ୍ୟରେଖା ।।

ମାଗି ନଥିଲି ମୁଁ ହୀରା ଲୀଳା ମୋତି
ମାଗି ନଥିଲି ମୁଁ ତୁମ ଜୀବନ,
ମାଗିଥିଲି ଯାହା ତୁମକୁ ତୁମଠୁ
ଭାଙ୍ଗି ଦେଇ ଗଲ ସବୁ ବନ୍ଧନ ।।

ରାତି ଅନ୍ଧାରରେ ତକିଆ ଭିଜୁଛି
ବିନା ଶ୍ରାବଣରେ ଝରୁଛି ବର୍ଷା,
ମରୀଚିକା ପଛେ ମିଛେ ଧାଇଁ ଥିଲି
ମରୀଚିକାରୁ କି' ମେଣ୍ଟିବ ତୃଷ୍ଣା ।।

ଓଠ ମୋର ଆଜି ମିଛରେ ହସୁଚି
ଅଭିନୟ ଆଉ ପାରୁନି କରି,
ତୁମେ ଗଲା ପରେ ଜୀବନରୁ ମୋର
ବଞ୍ଚିଛି ଏକା ବେସାହାରା ପରି ।।








ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୂତୀ ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ନବ ଉନ୍ମାଦ

# ମହ୍ଲାର ଇ-ପତ୍ରିକା ପରିବାର ତରଫରୁ ନୂତନ ବର୍ଷ ୨୦୨୫ ର ହାର୍ଦ୍ଦିକ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ





| | |
|---|---|
| www.MalharOdia.com | ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ. |
| www.MalharOdia.com | ସହ-ସମ୍ପାଦକ: ଆଦିତ୍ୟ ନାରାୟଣ ପତି. |
| www.MalharOdia.com | ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ. |
| www.MalharOdia.com | ମୁଖ୍ୟ-ପରିଚାଳିକା: ଶିବଦୂତୀ ପାଣିଗ୍ରାହୀ. |
| www.MalharOdia.com | ଉପଦେଷ୍ଟା: ରଶ୍ମି ରଞ୍ଜନ ସାହୁ. |